ମାଟିର ତାଜ୍



ସଚ୍ଚିଦାନନ୍ଦ
ରାଉତରାୟ

Digitized by srujanika@gmail.com

ମାଟିର ତାଜ୍

ଲେଖକ :

ସଚ୍ଚିଦାନଂଦ ରାଉତରାୟ

ଗ୍ରଂଥ ମଂଦିର

Digitized by srujanika@gmail.com

ପ୍ରକାଶକ :

ଅନ୍ତରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
କଟକ-୨ : ବ୍ରହ୍ମପୁର -୧

ମୁଦ୍ରାକର :

ଜୟୂରାମ ମହାପାତ୍ର
ଗ୍ରନ୍ଥ ପ୍ରକାଶିନୀ
କଟକ-୧

ପୁନର୍ମୁଦ୍ରଣ : ୧୯୭୮
ନୂତନ ମୁଦ୍ରଣ : ଜାନୁଆରୀ, ୧୯୮୦

ମୂଲ୍ୟ : ଟ ୫.୦୦

Digitized by srujanika@gmail.com

ଡକ୍ଟର ପ୍ରାଣକୃଷ୍ଣ ପରିଜାଂକୁ

ଶ୍ରଦ୍ଧା ନିବେଦନ

ସଚ୍ଚିଦାନଂଦ

୧୫ । ୧୧ । ୪୫

କଲିକତା

Digitized by srujanika@gmail.com

ପ୍ରାକ୍-କଥନ

'ଆରତି' ଓ 'ସହକାର'ରେ ବାହାରିଥିବା ମୋର କେତୋଟି କ୍ଷୁଦ୍ର ଗଳ୍ପ ପୁସ୍ତକାକାରରେ ପ୍ରକାଶ କରିବାକୁ ମନସ୍ଥ କଲି । ସୁଧୀ-ସମାଜରେ ଆଦୃତ ହେଲେ ସୁଖୀହେବି ।

ସଚ୍ଚିଦାନନ୍ଦ ରାଉତରାୟ

୪୬, ଗାର୍ଡ଼େନର୍ ରୋଡ଼
କଲିକତା
୧୫ । ୧୧ । ୪୫

Digitized by srujanika@gmail.com

ସୂଚୀପତ୍ର—

ମାଟିର ତାଜ୍	୧
କେହି ନୁହେଁ	୧୩
ହାତ	୨୩
ଗଳ୍ପ ନୁହେଁ	୩୩
ଆଂଗୁଠି	୪୨
ଋଣ	୪୮
ରାଜା, ରାଣୀ ଓ କୁକୁର	୫୮

Digitized by srujanika@gmail.com

ମାଟିର ଡାକ୍

ଶାଶୁଘର୍ ଯିବାର ବର୍ଷ ଗୋଟିଏ ନ ହେଉଣୁ ଗିରସ୍ତ ସଂଗେ ଝଟାପିଟା କଜିଆ ଲଗାଇ, ତା'ଠୁ 'ତଲାଖ' ଆଦାୟ କରି ଅମିନା ଯେତେବେଳେ ବଳଦଗାଡ଼ି ଖଂଡକରେ ଜିନିଷପତ୍ର ବୋଝେଇ କରି ଆସି ବାପଘରେ ପହଂଚିଲା, ସେତେବେଳେ ବୁଢ଼ା ଦଲିର ଖାଁ ଦାଂଡ ପିଂଡାରେ ବସି ବଡ଼ି ତିଆରି କରୁଥିଲା । ଦୂରରୁ ବଳଦ ବେକର ଘଂଟି ଘାଗୁଡ଼ି ଶବ୍ଦ ଶୁଣି କେତେଜଣ ସାହି ଲୋକ କିଏ ଆସୁଚି ଦେଖିବାପାଇଁ ଗାଁ ଦାଂଡରେ ଜମା ହେଇଥିଲେ । ପଡ଼ିଶା ଘର ମଦନା ଖଟେଇ ମଧ୍ୟ ଭାତ କଂସା ଉପରୁ ଦରଖିଆ ହୋଇ ଉଠି ଆସି ଉତ୍ସୁକ ଦୃଷ୍ଟିରେ ସେ ଆଡ଼କୁ ଚାହିଁ ରହିଥିଲା । ଶଗଡ଼ଗାଡ଼ିରୁ ଓହ୍ଲାଇପଡ଼ି ସେଠି ଉଦ୍ୟତ ଆଖି-ଗୁଡ଼ାକ ଆକ୍ରମଣରୁ ନିଜକୁ ରକ୍ଷାକରିବାନାଗି ଅମିନା ତମତମ ହେଇ ଘର ଭିତରକୁ ପଶିଚାଲିବେଳେ ଗୋଟାଏ ତୀବ୍ର କଟାକ୍ଷରେ ମଦନାକୁ ବିଦ୍ଧକରି ଅଧେ ଶୁଣା ଅଧେ ନ ଶୁଣା ସ୍ୱରରେ କହିଥିଲା—'ମଦନାଭାଇ ସଲାମ୍ ।' ବୁଢ଼ା ଦଲିର ଖାଁ ବଡ଼ି ବଳା ବଂଦକରି ଟିକିଏ ତା ଝିଅ ଆଡ଼କୁ ଚାହିଁଥିଲା । ତାପରେ ତା ଆଂଗୁଠିଗୁଡ଼ାକ ଅଧିକ ଜୋରରେ ଶୁଖିଲା ବଡ଼ି ପଥର ଉପରେ ମାଡ଼ି ଚାଲିଲେ । କରୁଆଟା ଆହୁରି ଜୋରରେ ଝଣ ଝଣ ଶବ୍ଦ କରି ଚିତ୍କାର କରି ଉଠିଲା ।

ମଦନା ତାର କୁରାଢ଼ି ନିହାଣ ଲୁହାଗଜ ଧରି ଭାରି ଗଂଭୀର ଭାବରେ ପଥର ସୁଆଁସ କରିବା ନାଗି ଖଣିକୁ ବାହାରିଗଲା ।

କୁରାଢ଼ି ଗ୍ରେଟ ଠିକ୍ ଭାବରେ ପଥର ଉପରେ ବାଜୁ ନ ଥିଲେ ମଧ୍ୟ ମଦନା ସେଦିନ ଝାଳ ନାଳ ଆଂଠିଏ ହେଇ ଅବିଶ୍ରାଂତ ପଥର ଗୁଂଡ଼ିଲା ।

ଅମିନା ଆସିବା ଦିନୁ ଗାଁ ଯାକର ଆଖି ଦଲିର ଖାଁ ଘର ଉପରେ ପଡ଼ିଚି । କି ହିଂଦୁ କି ମୁସଲମାନ ପ୍ରତ୍ୟେକ ସାହି ଲୋକ ସେବାଟେ ଚାଲିଗଲାବେଳେ ଟିକିଏ ଟିକିଏ ଦଲିର ଖାଁ ଘରକୁ ଚାହିଁ ଯାଉଚଂତି । ଦି ଚାରିଟା ଟୋକା ଦାଂଡରେ ସାଇକେଲ୍ ଚକ ଗଡ଼େଇ ଖେଳୁଥିବା-ବେଳେ ଚକଟା ଦଲିର ଖାଁ ଘର ସାମନାରେ ଚିତ୍‌ହେଇ ପଡ଼ିଗଲେ ସେଟାକୁ ସଂଗେ ସଂଗେ ଉଠାଇ ନେଉନାହାଂତି । ଟିକିଏ ରହିମଠ ହେଇ କଣ ଗୋଟାଏ ସତେ ଯେମିତି ଘଟିଚି, ତାହା ଦେଖିବା ନାଗି ଦଲିର ଖାଁ ଘର ଆଡ଼କୁ ରହି ରହି ଅନାଉଚଂତି । ଦି ଚାରିଟା ମୁସଲମାନ ଟୋକା ଗତ ସାଲେ କଟକକୁ ତାଜିଆ ଦେଖିବାକୁ ଯାଇ ଗୋଟେ ଟେନିସ୍‌ବଲ କିଣି ଆଣିଥିଲେ । ଗାଁ ଦାଂଡରେ ଟେନିସ୍‌ବଲ୍ ଖେଳୁ ଖେଳୁ ବଲ୍‌ଟାକୁ ଜାଣି ଶୁଣି ଦଲିର ଖାଁ ଘର ଭିତରକୁ ଫୋପାଡ଼ିଦେଇ ସେମାନଂକର ପିଲାଦିନର ଚିହ୍ନା ଅମିନା ଚାଚିକୁ ଥରେ ଦେଖି ଆସିବାର ସୁଯୋଗ ଛାଡ଼ୁନାହାଂତି ।

Digitized by srujanika@gmail.com

ଦଲିର ଖାଁ ଏମିତି ଯେ ଅନୁଭବ କରି ନ ପାରୁଚି ତା ନୁହେଁ । ହେଲେ ତା ମନର ସବୁକୁ ଯୋଡ଼େଇ ରଖି ହାତର କତୁରିଟା ଶୁଖିଲା କେଂଦୁପତ୍ରଗୁଡ଼ାକୁ ଖଂଡ ଖଂଡ କରି କାଟି ପକେଇ ଝଣ ଝଣ ହେଇ ବାଜି ଉଠୁଚି ।

ବାପ ଘରକୁ ଆସି ଅମିନା ଏକାବେଳକେ ବଦଳି ଯାଇଚି ।

ଦ'ଦିନ ପରେ ମଦନା ଫଳାବୁଡ଼େ ଖଣିରୁ ଫେରିଆସି ନିଜ ଅଗଣାରେ ବସି ଶୁଣିଲା ଯେ ଅମିନା ନିଜ ଘରେ କାହା ସାଂଗେ ପାଟେ କଜିଆ ଲଗେଇ සାରିଲାଣି । ଖାଲି ସେତିକି ନୁହଁ, କଜିଆ କରୁ କରୁ ସେ କୁଆଡ଼େ ବେହୋସ ହୋଇ ତଳେ ପଡ଼ିଗଲା । କେତେ କଣ ବାଉଳି ଗୃଉଳି ହେଲା । ସାଢ଼ ହବାର ବର୍ଷ ଗୋଟାକ ଭିତରେ ଅମିନାର ଯେ କାହିଁକି ଏମିତି ଚିଡ଼ିଚିଡ଼ା ପ୍ରକୃତି ହେଇଗଲା ସେ କଥା ମଦନା ଜମା ଠଉରେଇ ପାରିଲା ନାହିଁ ।

ତା'ପରଦିନ ଦପହରେ ମଦନା ଘରକୁ ବାହୁଡ଼ି ନିଜ ସ୍ତ୍ରୀ କଥାରୁ ଶୁଣିଲା ଯେ ତାଂକ ଘର ଆଉ ଅମିନା ଘର ମଝିରେ ଥିବା ଭଂଗା ବାଡ଼ଟାକୁ ତାଂକର ଗୋଟେ ଛେଳି ଠୁଂକ ଦବାରୁ ଅମିନା ଆସି ତା ଭାରିଯା ସାଂଗରେ ପରସ୍ତେ କଳି କରି ଯାଇଚ ।

ହାତ ଗୋଡ଼ ହଲେଇ ମଦନା ଆଗରେ ତା ଭାରିଯା ଗୁରୁବାରି ଫେରାଦ ହେଲା—"ପଠାଣୁଣୀଟାର ଯାଉଁ ମୁହଁ ! କଥାଗୁଡ଼ା ପରା ଖଂଡାଧାରିପରି ଦହରେ ଗୃଉଁକନା ଗରିଗଲା ! ମାଲେ ! ଏତିକି କଜିଆଖୋରୁଣୀ ମାଇକନା ପୁଣି ଦୁନିଆରେ ଥାଆଂତି ? ନଜାଣି କରି ଘଇତା ଗ୍ରୁଡ଼ପନ୍ତ ଦେଖେଇଚି କି ? ମଲା, ସେ ପଠାଣଘରେ କଣ ଆଉ ଆଉ ତିରିଲି ନାହାଂତି ? ହେଇତ ଜୁଲେଖା ଅଛି, ଜୁବେଦା ଅଛି, ହାମିଦୁ ନିଶା ଅଛି, ଇଆ ପରି କିଏ କଂଟା ବାଡ଼ରେ ଲୁଗା ପକେଇ କଳି କରୁଚି ମ ? ତାଂକମାନଂକ ପାଟି ଫାରକ ଦଫାର ହବାର କିଏ କେବେ ଶୁଣିଚି ?" ମଦନା ଗଂଭୀର ହେଇ ସବୁ କଥା ଶୁଣିଲା । ଉଁ କି ଚୁଁ କିଛି ପାଟି ଫିଟାଇଲା ନାହିଁ ।

ପଥୁରିଆ ସାହିର ଶେଷ ମୁଂଡେ ମଦନାର ଘର । ମଦନା ଘରକୁ ଦଲିର ଖାଁର ଘର ଲାଗିଚି—ଚାଳକୁ ଚାଳ ବାଡ଼କୁ ବାଡ଼ । ଚାଳକୁ ଚାଳ ଲଗେଇ ଘର କରିଥିଲେ ଇମିତି ନିତି ନା ନିତି କଳି କଜିଆ ହେଇଥାଏ । ଦଲିର ଖାଁ ଘର ସାଂଗେ ମଦନା ଘରର ଇମିତିକା କଜିଆ ଗଲା ଶହେବର୍ଷ ଭିତରେ କେତେଥର ଯେ ଲାଗିଥିବ, ସେ କଥା କିଏ କହିପାରିବ ? ହେଲେ ଅମିନା ନିଜେ ଆସି ତା ଘର ସାଥିରେ ଇମିତି କଜିଆ କରିବ ବୋଲି ମଦନା ଆଦୌ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ତା ମନଟା ବିଲ୍‌କୁଲ୍ ଖଟା ହେଇଗଲା ।

ଅମିନା ବାପ ଘରକୁ ଫେରି ଗୋଟାସୁଦ୍ଧା ବଦଳି ଯାଇଚି । ସେ ଘରେ ଆସି ଗୋଡ଼ ଦବା ସାଂଗେ ସାଂଗେ ସମୁଦାୟ ଘରର ମୁରବିପଣିଆ ସମସ୍ତଂକ ଅଜାଣତରେ ତା'ହାତ ମୁଠାକୁ ଚାଲିଯାଇଚି । ସାନ ଭଉଣୀ ମରିୟମ୍ ତା ଆଗରେ ପାଟି ଫିଟେଇ ପାରୁନାହିଁ । ସତୁରି ବର୍ଷର ବୁଢ଼ା ବାପ ଦଲିର ଖାଁ ତା ଆଗରେ ମୁଷା ଛୁଆଟାଏ ପରି ନଇଁ ପଡ଼ୁଚି ।

ଅଳ୍ପପର୍ଯ୍ୟଂତ ବାପର ଶୋଇଲାପରେ ବଡ଼ପାଛୁଆଟା ରହି ଅଳିଆ କରୁଥିଲା । ଅମିନା

Digitized by srujanika@gmail.com

ସେଇଟାକୁ ନେଇ ବାଉପଟ ଓଳତଲେ ଗୋଟେ ଖୁଣ୍ଟ ବାଂଧି ଝୁଲେଇ ଦେଇଚି । ମୁର୍ଗୀ-ଗୁଡ଼ାକ ନିତ ରୋଷେଇଘରେ ପଶି ବାର ଅଲଗ ସଲଗ କରୁଥିଲେ । ଅମିନା ସେଗୁଡ଼ାଂକୁ ରାଗରେ ଧରିନେଇ ଅଗଣାରେ ଗୋଟେ ବୋଝ ଘୋଡ଼େଇ ବଂଦ କରି ରଖିଚି । ଘର ଦ୍ୱାର ଟିକଏ ଅସନା ହବାର ଦେଖିଲେ ସେ ମରିସୁମ୍ ଦିହରେ ହାତ ଦବାକୁ ମଧ୍ୟ ଗ୍ରହ୍ୟ ନାହିଁ ।

ଦଲିର ଖାଁ ସକାଳୁ ଫଜର ପହରଯାଏ ଦାଂଡ ପିଂଡାରେ ବସି ବିଡ଼ି ତିଅରି କରୁଥିବା-ବେଳେ ଦିନ ଭିତରେ ଅନେକ ଥର ଅମିନାର ତର୍ଜନ ଗର୍ଜନ ସହିତ ମରିସୁମର ନାକ କାଂଦଣା ଶୁଣିବାକୁ ପାଏ । ସେ ଟିକଏ ହାତ ବଂଦ କରି ଘର ଆଡ଼କ କାନ ପାରେ । ତାପରେ ପୁଣି ଗଂଭୀର ହୋଇ ଫୁର୍ତ୍ତି ଫୁର୍ତ୍ତି ହାତ ଚଳାଇ ଦିଏ । କେବେ କେବେ ଅମିନାଠୁ ଗୋଇଠା ବିଧା ଖାଇ ମରିସୁମ ଆସି ବାପା ଆଗରେ ଗୁହାରି କରେ । ବାପ ବିଚରା ସବୁ ଶୁଣେ, କିଛି କହେ ନାହିଁ, ପୁଣି ବିଡ଼ି ବଳିବାରେ ମନ ଦିଏ ।

ଖାଲି ଘର ଭିତରେ ନୁହ । ସାହି ପଡ଼ିଶା ଲୋକେ ମଧ୍ୟ ଅମିନା ଜ୍ୱାଳାରେ ବିରକ୍ତ ହୋଇ ଗଲେଣି । କେହି କେହି ଆସି ଦଲିର ଖାଁ ଆଗରେ ଅମିନା ବିରୁଦ୍ଧରେ ନାନା ପ୍ରକାର ଫେରିଆଦ କରି ସାରିଲେଣି, ଆଉ କେହି କେହି ଅମିନାକୁ ଜଲ୍‌ଦି ନିକା କରି ଦବାକୁ ତା ବାପକୁ ଆସି ପରାମର୍ଶ ଦେଇ ଗଲେଣି । ନିଜ ସାଂଗ ସାଥୀମାନଂକଠାରୁ ନିକା ହବାର ଉପଦେଶ ଶୁଣି ଅମିନା ସେମାନଂକୁ ଇମିତି ଦାଂତ ଦେଖାଇ ଖେଂକାରି ହୋଇ ମିଶୁଚି ଯେ, ସେ ପ୍ରସ୍ତାବଟା କେବଳ ପ୍ରସ୍ତାବରେଇ ରହି ଯାଇଚି ।

ସମସ୍ତଂକ ଅପେକ୍ଷା ମଦନା ଖରିଆ ଗୁରୁବାରି ଉପରେ ଅମିନାର ଭରି ରାଗ । ତା ସାଂଗରେ କଜିଆ ନକରେଇ ତାକୁ ପରସ୍ତେ ମନ ପୂରାଇ ଗାଳି ଗୁଲଜ ଦବାପାଇଁ ସେ ଯେମିତି ସବୁବେଳେ ବାଟ ଆଳ ଖୋଜି ବୁଲୁଥାଏ । ସେଦିନ ଅମିନାର କୁକୁଡ଼ାଟା ମଦନା ଘରକୁ କମିତି ବାଡ଼ ତଳେ ଗଳି ପଳାଇ ଆସିଥିଲା । ଏଇ କଥାକୁ ନେଇ ଅମିନା ଗୁରୁବାରିର ଉଜିଦ ପୁରୁଷଂକୁ ଖୋଲି ଛାଡ଼ି ଥୋଇଦେଲା । କୁକୁଡ଼ାଂକୁ ନିଜ ଘରକୁ ଡାକି ନେଇ ଗୁରୁବାରି ତାଂକ ଡଂବରକ ବଜାରରେ ବିକି କୁଆଡ଼େ ପଇସା କରୁଚି ବୋଲି ଅମିନା ସମସ୍ତଂକୁ ଶୁଣାଇ ଶୁଣାଇ ବହୁତ ବେଳଯାଏ ଗାଳି ଫଇଜତ କଲା । କାହାର ସାଂଗରେ ଝଂଟାପଟା କଜିଆ ନଗାଇଲା ବେଳେ ଅମିନାର ନୁଗାପଟା, ଘରବାହାର କିଛି ଜ୍ଞାନ ରହେ ନାହିଁ । ସେ ଅଣ ନିଃଶ୍ୱାସୀ ହେଇ ନିଜକୁ ଏକପ୍ରକାର ଭୁଲିଯାଏ । ସେଦିନ ଗୁରୁବାରି ସାଂଗରେ କଜିଆ କରୁ କରୁ ଅମିନା ବେଦମ ହେଇଯାଇ ବେହୋସ ହେଇ ତଳେ ପଡ଼ିଗଲା । ହାତ ଗୋଡ଼ ଅଠା ଅଠା ହେଇଗଲା । ତାର ଗୋରା ମୁହଁଟା କାଳିଆ ଦିଶିଲା । ମରିସୁମ ବହୁତ ବେଳଯାଏ ମୁଂଡରେ ପାଣି ମାରିବା ପରେ ଯେବେ ଯାଇ ଚେତା ହେଲା ।

ମଦନା ଘଇବୁଢ଼େ କାମରୁ ଫେରିବା ପରେ ଗୁରୁବାରି ତା ଆଗରେ ଶାକୁଲେଇ ହେଇ ସବୁକଥା ଗୁହାରି କଲା । ଏହାର ପ୍ରତିକାର ନ କଲେ ସେ ତୁରଂତ ବାପ ଘରକୁ ବାହାରି ଯିବ ବୋଲି ଧମକ ଦେଲା । କିଂତୁ ମଦନା "ଦେଖିବା, ଦେଖିବା" କହି କଥାଟାକୁ

Digitized by srujanika@gmail.com

ସେଥିର ବରଦାସ୍ତ କରିନେଲା । ଅମିନା ସାଂଗରେ ଗୋଟା ମୁହାଁମୁହିଁ ଝଗଡ଼ା କରିବାକୁ ତାର କାହିଁକି ଜମା ଇଚ୍ଛା ଡାକିଲା ନାହିଁ ।

ଅମିନା ଶାଶୁଘରୁ ପଳାଇ ଆସି ଟିକିଏ କଡ଼ା ମିଜାଜୀ ହୋଇ ଯାଇଛି ବୋଲି ସେ ଓଲଟି ସ୍ତ୍ରୀ ପାଖରେ କୈଫିୟତ ଦେଇ କଥାଟାକୁ ଫଇସଲା କରିବାକୁ ଅନୁରୋଧ କଲା ।

ଦିନ ଯେତିକି ବିତିବାକୁ ଲାଗିଲା, ଅମିନାର ଅତ୍ୟାଚାରରେ ଗୁରୁବାଣୀ ସେତିକି ଅସ୍ଥିର ହୋଇ ଉଠିଲା । କେଉଁଦିନ ମଦନାର ଗାଈଟା ଦଲିର ଖାଁ ଅଗଣା ଭିତରେ ପଶିଗଲାଣି ତ, କେଉଁଦିନ ବର୍ଷାରେ ମଦନା ଘର ନଳା ପାଣି ଯାଇ ଦଲିର ଖାଁର ଖଳା ବାଡ଼ିରେ ନହଡ଼ା ମାରିଲାଣି । ଏଇ ସବୁ ଘଟଣାକୁ ଆଶ୍ରୟ କରି ଗୁରୁବାଣୀ ବିରୁଦ୍ଧରେ ଅମିନା ଯେଉଁ ସବୁ ପ୍ରଳୟ କାଂଡ ସୃଷ୍ଟି କଲା, ସେଥିରେ ସାହିର ଆଉ ଆଉ ପାଂଚଲୋକେ ମଧ୍ୟ ଗୁରୁବାଣୀର ପକ୍ଷିଆ ହୋଇ ଅମିନାକୁ କାଇଲି ନକରି ରହିପାରିଲେ ନାହିଁ । ପଂଚୁ ଖାଁ, ମାଗୁଣି ବକ୍ସ, ଏରଫାନ ମିଆଁ ପ୍ରମୁଖ ଗାଁର ମୁଖିଆ ମୁସଲମାନମାନେ ଏ କଥାକୁ ନେଇ ଦୁ'ଚାରିଥର ଦଲିର ଖାଁକୁ ଇବର କରି ଦେଇଗଲେ; ମାତ୍ର ଝିଅକୁ ଆକଟ କରିବାପାଇଁ ବୁଢ଼ା ଦଲିର୍ ଖାଁର ଜମା ସାହସ ହେଉ ନାହିଁ । ଭଲଲୋକଂକ ଉପଦେଶ ଶୁଣି ଦବିଯିବା ପରିବର୍ତ୍ତରେ ଅମିନା ବରଂ ଜଳନ୍ତା ନିଆଁରେ ପାଣି ଆଂଜୁଳାଏ ପଡ଼ିଲାପରି ଆହୁରି ଜୋରରେ ଜୁହୁଳି ଉଠିଲା ।

ଶେଷରେ ନିରୁପାୟ ହୋଇ ମଦନା ଯାଇ ଦିନେ ଦଲିର ଖାଁ ଆଗରେ ମୁହଁ ଫିଟାଇ ଫେରାଦ ହେଲା । ପିଂଡା ତଳେ ଛିଡ଼ାହୋଇ ହାତଯୋଡ଼ି କହିଲା—"ଏଗୁଡ଼ାକ କଣ ଦାଂଡକୁ ଭଲ ଦିଶୁଚି ଦଲିର୍ ମଉସା ! ଘରକଥା ଦାଂଡରେ ପଡ଼ିବାଟା କଣ ତୁମକୁ ନିକ ଦିଶୁଚି ?"

ବୁଢ଼ା ଦଲିର ଖାଁ ବିଡ଼ି ଟାଆଣି କରୁ କରୁ ସବୁ ଶୁଣିଲା । ସବୁ ଶୁଣିସାରି କେବଳ ମିନିଟିକ ପାଇଁ ବିଡ଼ିଟା ବଂଦକରି କପାଳରେ ହାତମାରି ଖୋଦାଂକ ଉଦ୍ଦେଶ୍ୟରେ ପ୍ରଣାମ କଲା । ତାପରେ ପୁଣି ନିଜ କାମରେ ମନ ଦେଲା ।

ମଦନା ତା ନାଁରେ ବାପ ପାଖରେ ଫେରାଦ ହୋଇଚି ଶୁଣି ଅମିନା ଗୁରୁବାଣୀକି ଛାଡ଼ି ମଦନାର ଚଉଦପୁରୁଷ ଉଦ୍ଧେଇ ଦେଲା । ମଦନାକୁ ଶୁଣେଇ ଶୁଣେଇ ପାଟିକରି କହିଲା :

"ହାରାମଯାଦା ମାଇପ ସୁଆଗୀ ହଉଚି । ଚିହ୍ନୁ ନାହିଁ ମତେ ! ଦିହିଂକର ଖୁନ୍ ନିକାଳି ଦେବି ।"

ଅମିନା ପାଖରୁ ଗାଳି ଶୁଣିବା ମଦନା ପକ୍ଷରେ ଏଇ ପ୍ରଥମ । ସେ ପ୍ରଥମେ ନିଜ କାନକୁ ବିଶ୍ୱାସ କରିପାରିଲା ନାହିଁ । ଯେଉଁ ଅମିନା ସାଂଗରେ ପିଲାଦିନୁ ଖେଳି ବୁଲି ସେ ମଣିଷ ହୋଇଚି, ସେ ଆଜି ତାକୁ ମୁହଁ ହୁଡ଼ି ଇମିତି କହିବ, ଏ କଥା ସେ ଜମା ବୁଝି ପାରିଲା ନାହିଁ । ତା ମନ ଭିତରେ ଝଡ଼ ଦେଖାଦେଲା ।

ସେଦିନ ରାତିରେ ନେଳିଆ ଆକାଶ ଦିହରେ ଜହ୍ନଟା ଭାରି ସଫା ଦେଖାଯାଉଥାଏ । ସେଇ ଜହ୍ନ ଆଲୁଅରେ ଅଗଣାରେ ଗୋଟାଏ ମୁଂଦରା ପକାଇ ଦେଇ ତାର ଉପରେ ମଦନା ଶୋଇପଡ଼ି ଇଆଡ଼ୁ ସିଆଡ଼ୁ କେତେ କଥା ଭାବିଗଲା । ସେ ପିଲାଦିନର ସେଇ ଶାଂତ ନିରୀହ

Digitized by srujanika@gmail.com

ଅମିନାଟି ସମ୍ଭବତ ଆଜିର ଏଇ କଳାହୁଡ଼ି ଅମିନାର ତୁଳନା କରି କୌଣସି ସାମଂଜସ୍ୟର ସୂତ୍ର ଆବିଷ୍କାର କରିପାରିଲା ନାହିଁ ।

ତା ଜୀବନର ମଲା ବର୍ଷଗୁଡ଼ାକ ପୁଣି ଜୀଅଂନ୍ତା ରୂପଧରି ତା ଆଖି ଆଗରେ ଅସି ଛିଡ଼ା ହେଲେ । ତାର ମନେପଡ଼ିଲା ପିଲାଦିନେ ଅମିନା ଆଉ ସେ କେମିତି ଧୂଳିଘର ତିଆରି କରି ଖେଳୁଥିଲେ । ଆଉ ଖେଳ ସରିଗଲେ ସେଗୁଡ଼ାକ କେମିତି ଫେର ଗୋଡ଼ରେ ଦଳି ଭାଂଗି ଦଉଥିଲେ । ତାର ସେଇ ଧୋବ ଜହ୍ନ ଆଲୁଅରେ ମନେ ପଡ଼ିଲା ଅମିନାର ଗୋଲାପ ପରି ଖୁବ୍ ସୁନ୍ଦର ମୁହଁଟି ପଛଆଡ଼େ କେମିତି କଳା ବାଳର ଝୁଂଟିଆ ନାଚି ନାଚି ଖେଳୁଥିଲା, ଆଉ ତା' ଓଠରେ ସବୁବେଳେ ଲାଗି ରହୁଥିଲା କେମିତି ଗୋଟାଏ ଦୁଷ୍ଟାମିର ପାତଳା ମୁଲାୟମ୍ ହସ ! ସେ ମନେ ମନେ ଭାବିଲା ସେ ପୁରୁଣା ଦିନଗୁଡ଼ାକ ଭିତରକୁ ସେ ଯଦି ଆଜି କୌଣସିମତେ ଫେରିଯାଇ ପାରନ୍ତା !

ସେତେବେଳକୁ ମଦନାର ବୋଉ ବଂଚିଥିଲା । ମଦନା ଘରେ ମାଣବସା ହେଲେ ତା ବୋଉ ଚୁପ୍ କରି ଯାଇ ଅମିନା ଆଉ ତା ଭଉଣୀ ମରିୟମକୁ ଡାକି ଆଣୁଥିଲା । ମଦନା, ଅମିନା ଆଉ ମରିୟମକୁ ଧାଡ଼ି କରି ବସାଇ ଦେଇ ସେ ତିନିଂକ ଆଗରେ ଖଂଡେ ଖଂଡେ କଦଳୀପତ୍ର ପକେଇ ଦେଇ କେତେ କ'ଣ ପିଠା ପଣା ବାଢ଼ି ଦେଉଥିଲା । ତା'ପରେ ଖିଆ ପିଆ ସରିଗଲେ ସେ ତିନିଜଣଂକ ଅଇଁଠା ପତ୍ରଟିମାନ ଉଠାଇ କାନି ଆଢୁଆଳ କରି ନେଇ ବାଡ଼ିପଟେ ଫିଂଗି ଦେଇ ଆସୁଥିଲା । ପଠାଣ ଅଇଁଠା ଉଠଉଚି ବୋଲି ଘର ଲୋକେ ତା ଉପରେ ଚିଡ଼ି ହେଲେ ସେ କହୁଥିଲା—

"ଆ, କୋଉ ଗୋରୁ ନାଂଗୁଡ଼ରେ ବକଟେନାକୁ ପିଲା ଯେ ଅଇଁଠା ଉଠେଇଲେ ନାଗିଯାଉଚି ! କାହିଁକି ମ, ଅମିନା କଣ ମୋ ଝିଅ ନୁହଁ କି ? ନାହି ନାଡ଼ି ନଗେଇ ଜନ୍ମ କରିଥିଲେ କଣ ଗୋଟେ ବେଶି ହେଇଥାଂତା ।" ଅମିନା ଘରେ ଓଷା, ଉପାସ କି ଖିଆପିଆ ହେଲେ ଅମିନା ଆସି ମଦନାକୁ ଚୁପ୍‌କିନା ଡାକି ନେଇଯାଏ । ସୁବେବରାତ୍, ଇଦ ଆଉ ବାରେଓଫତ୍ ସମୟରେ ଅମିନା ନିଜେ ମଦନାକୁ କେତେ କଣ ଖାଇବାକୁ ଦେଇଚି । ମଦନାକୁ ତାଂକ ଘରେ ଖାଉଥିବାର ଦେଖି ବୁଢ଼ା ଦଳିର ଖାଁ କେତେଥର ଠାପର୍ କରି କହିଚି—"ହାମ ଘରେ ଖାଇଲୁ, ତୋ ଜାତି ଗଲାରେ ମଦନା—ତୋ ଜାତି ଗଲା ।" ପଠାଣ ଘରେ ମଦନା ଖାଉଚି ବୋଲି ଶୁଣି ସାହିଲୋକେ ତା ବୋଉ ଉପରେ ବାର କଟକଣା ଜାରି କଲେ ତା ବୋଉ ପ୍ରଥମେ ହସି ହସିକା କହୁଥିଲା "ମୋ ପୁଅକୁ ତୁମେ ଝିଅ ନ ଦେଲେ ନାହିଁ, ସେ ଅଭିଆଡ଼ା ରହିଯିବ ।" ତା'ପରେ କାନ୍ଦୁ ଭସ୍ମ ଯାଇ ଯାଙ୍କ କହୁଥିଲା—"ହଉ, ହଉ, ମୁଁ ଆଜି ତାକୁ ଗଂଗାଜଳ, ପଂଚାମୃତ ଖୁଆଇ ଶୁଦ୍ଧ କରି ଦଉଚି । ଯେତେ ମନା କଲେ କ'ଣ ସେ ଛତର୍ ଟୋକା ମାନୁଚି କି ? ଘରେ ହେଲେ କୋଉକଥା ନ ଥାଂତା —ଗାଡ଼ଆଗିଲାକୁ କଣ କିଛି ଅଂଟିବ କି ?" ମଦନା ପାଖରେ ଥିଲେ ସେ ସାହି ଲୋକଂକ ଆଗରେ ତା ଉପରେ ଦ'ଟା ଦୁମ୍‌ଦାମ ବସେଇ ଦେଇ ତାକୁ ଭିଡ଼ି ଭିଡ଼ି ଘରକୁ ନେଇ

Digitized by srujanika@gmail.com

ଯାଉଥିଲା । ଏହିଠାରେ ଏତେବଡ଼ ଜଟିଳ ସମସ୍ୟାର ଏକରକମ ଫଇସଲା ହୋଇ ଯାଉଥିଲା ।

ଖାଲି ସେତିକି ନୁହେଁ, ପିଲାଦିନେ ଲୁଚକାଳି ଖେଳୁଥିବାବେଳେ, ବାଘବକରି ଖେଳିଲାବେଳେ, ଉଭୟେ ଯେ ଉଭୟଙ୍କ ପାଖରେ କେତେ କଣ ପ୍ରତିଜ୍ଞା କରି ପୁଣି ପର ମୁହୂର୍ତ୍ତରେ ନାଇଁରେ ଟଂଗ ପଡ଼ି ଯାଇଛନ୍ତି ସେ କଥାଗୁଡ଼ାକର ଧରିଭୁଲ ସ୍ମୃତି ଆଜି ବିଶେଷ ଭାବରେ ମଦନାର ବ୍ୟଥିତ ମନକୁ ଘାଂଟି ଚକଟି ପକେଇଲା ।

ମଦନାର ମନେ ପଡ଼ିଲା, କେତେବର୍ଷ ତଳେ କେଜାଣି ଦିନେ ଇମିତି ନେଳୁଆ ଆକାଶରେ ପୁନିଅ ଚଂଦର ଭେଳା ଭାସୁଥିଲା । ସେଦିନ ତାର ଅଗଣାର ଏଇ ଝୁରି ଝୁରିଆ ସଜନା ଗଛତଳେ ଅମିନା ଆଉ ସେ ଦୁହେଁଯାକ ହାତ ଧରାଧରି ହୋଇ ବସି ଭବିଷ୍ୟତର କେତେ କଳ୍ପନା ଫୁସ୍‌ଫାସ୍ ହୋଇ ଦିହିଁଙ୍କ କାନରେ ଚୁପ୍‌ଚାପ୍ କରି କହୁଥିଲେ । ମଦନାକୁ ସେତେବେଳେ ପଂଦର ବର୍ଷ ଆଉ ଅମିନାର ଉମର ବୋଧହୁଏ ହୋଇଥିବ ବାର କି ତେର । ରାତି ଯେ କେତେ ହୋଇ ଯାଇଥିଲା ସେଥିପ୍ରତି କାହାର ସେଦିନ ହୋସ୍ ନ ଥିଲା । ମଦନାର ବୋଉ ହାଂଡିଶାଳ ଘରୁ ରଂଧାବଢ଼ା ସାରି କାନି ଆଡ଼ୁଆଳରେ ଡିବିଟାକୁ ଧରି ଯେତେବେଳେ ଆସି କହିଲେ "ଆଜି କଣ ତମ ଦିହିଁଙ୍କ ଖେଳ ସରିବ ନାହିଁକି ମଦନ !" ସେତେବେଳେ ଯାଇ ଦିହିଁଙ୍କଠେଁଇ ଚେତା ପଶିଲା । ଯେଝା ଘରକୁ ସେଝା ଫେରିଗଲେ । ମଦନା ଚିତ୍ ହୋଇ ଶୋଇ ଅଗଣାର ସେହି ଝାଂପୁଲ ସଜନାଗଛ ଆଡ଼କୁ ଆଜି ଚାହିଁଲା । ଜହ୍ନ ଆଲୁଅର ଅସରଂତି ସମୁଦ୍ର ମଝିରେ ସଜନା ଗଛର ଅସୁମାରି ସାବଜା ପତ୍ରଗୁଡ଼ାକ ମେଂଚ୍ଚା ମେଂଚ୍ଚା ପାଣି ଶିଉଳି ପରି ଭାସି ଭାସି ଖେଳୁଥିଲେ ।

ମଦନାର ଫେରେ ମନେ ପଡ଼ିଲା ଦିନେ ଦିନେ ଫଜରୁଠୁଁ ଅମିନା ଆଉ ସେ ଦିହେଁଯାକ ଗାଁ ମୁଂଡ ଘରେ ଥିବା ଶହେ ବର୍ଷର ହାଜି ସାହେବ ମୁସ୍ତାଫା ପାଖରେ କାହାଣୀ ଶୁଣିବା ଲାଗି ହାଜର ହୁଅଂତି । ଆରବ ମରୁଭୂମିର ମୁସାଫିର କଥା, ବୁଲ୍‌ବୁଲ୍ ଚଢ଼େଇ କଥା, ଅଲିବାବା ଆଉ ଡକାୟତ କଥା, ବାଗଦାଦର ଡାହାଣୀ କଥା, ନିର୍ଜନ ମରୁଭୂମିରେ ଓଟ ଆଉ ଫକିର କଥା ଶୁଣି ଦିହେଁ ଭୟରେ ଦିହିଁଙ୍କ ପାଖକୁ ଲାଗି ଲାଗି ଆସଂତି । ସେଇ ସୁଦୂର ମରୁଭୂମି ଆରପଟେ ଖଜୁରି ଗଛ ଗହଳରେ ଅଚେତ ହୋଇ ଶୋଇଥିବା ଶାଗୁଆ ଦ୍ୱୀପକୁ ବୁଲିଯିବା ଲାଗି ଅମିନାର ଛୁଟ୍ଟୁ ଛୁଟ୍ଟୁ ଆଖିପତା ଦୋ'ଟିରେ କମିତି ନିଶା ଲାଗେ, ତାହା ଏତେଦିନ ପରେ ବି ମଦନାର ମନେ ପଡ଼ିଲା ।

ମଦନାକୁ ପଂଦରବର୍ଷ ହେବାପର୍ଯ୍ୟଂତ ଅମିନା ଛଡ଼ା ଅନ୍ୟ କାହାରିକି ଜାଣି ନ ଥିଲା । ଅମିନା ମଧ୍ୟ ତେର ବର୍ଷରେ ପାଦଦେବା ପୂର୍ବରୁ 'ମଦନା ଭାଇ, ମଦନା ଭାଇ', ବୋଲି ପାଣି ପିଉ ନ ଥିଲା । ଜଣକର ଘର ଦିହିଁଙ୍କର ଘର ହୋଇଥିଲା । ଜଣକର ସୁଖ ଦୁଃଖ ଦୁଇ-ଜଣଂକର ସୁଖଦୁଃଖ ହୋଇଯାଇଥିଲା । ଦିହେଁ ଦିହିଁଙ୍କର ଦିନର ସାଥୀ ଆଉ ରାତିର ସ୍ୱପ୍ନ ହୋଇ ଜୀବନର ସବୁଠାରୁ ତରଳ ଆଉ ଚଳ ଚଳ ସମୟତକ କଟାଇ ଦେଇଥିଲେ ।

ତାପରେ ଦିନେ—

Digitized by srujanika@gmail.com

ସେଦିନ ମଦନା ଆଉ ଅମିନାର ଦେଖା ପାଇଲା ନାହିଁ । ସେ ତାକୁ କେତେ ଖୋଜିଲା । ନଈ, ପୋଖରୀ, ବଣବୁଦା, ଯେଉଁଠାରେ ଅମିନା ସାଂଗରେ ତାର ଜଡ ଜଡ ଭେଟ ହୁଏ । ସେ ସବୁଆଡ଼େ ଯାଇ ତାକୁ ଖୋଜି ଖୋଜି ବୁଲିଲା । ମାତ୍ର ଅମିନା ନାହିଁ । ଦିନେ ଗଲା, ଦୁଇଦିନ ଗଲା, ତିନିଦିନ ଗଲା । ଚାରିଦିନ ସକାଳେ ମଦନା ଚୁପ୍ କରି ଯାଇ ଅମିନା ଘର ଦାଂଡ ପିଂଡା ତଳେ ଠିଆ ହେଲା । ବୁଢ଼ା ଦଲିର ଖାଁ ପିଂଡା ଉପରେ ବସି ବଡ଼ ଢଆର କରୁଥିଲା । ମଳିନ ମୁହଁରେ ମଦନା ପଚାରିଲା—"ଅମିନା କାହିଁ ?"

ବୁଢ଼ା ଦଲିର ଖାଁର ଧଳା ଦାଢ଼ି ଗୁଡ଼ିକ ଭିତରେ ଟିକିଏ ହସର ଢେଉ ଖେଳିଗଲା । ସେ ମୁହୂର୍ତ୍ତକ ପାଇଁ ବଡ଼ ଢଆର ବଂଦକରି ଜବାବ ଦେଲା—"ଅମିନା ବଡ଼ ହୋଇଗଲାଣି । ଆଉ ଏଣିକି କାହାରିକୁ ଦେଖା ଦବ ନାହିଁ । ତାର ଜଲ୍‌ଦି ସାଦିହବ ।" ମଦନା ଚୁପ୍ ହୋଇ ଫେରି ଆସିଲା । ସେଇଦିନୁ ମଦନା ଆଉ ଅମିନା ସଂଗେ କଥାଭାଷା ହୋଇ ନାହିଁ କି ତାକୁ ଭଲ କରି ଟିକିଏ ଦେଖିବାକୁ ସୁଯୋଗ ପାଇନାହିଁ ।

ଦୂରରୁ—ଖୁବ୍ ଦୂରରୁ ଅମିନାର ଛାଇ ହୁଏତ ବେଳେ ବେଳେ ତା ଆଖି ଉପରେ ମାଡ଼ି ବସିଚି । ଭଲକରି ଟିକେ ଦେଖିବା ଆଗରୁ ଆପେ ଆପେ ପୁଣି ତାହା କୁଆଡ଼େ ଉଭେଇ ଯାଇଚି ।

ଦିନେ ଦିନେ ମଦନା ଗଣେଶ ମାରୁଆଡ଼ିଂକ ପକା କାମ କରିବାକୁ କହାଣ ମୁଗୁର ଧରି ବାହାରିବା ବେଳେ ଅମିନା ଘରକୁ ଲାଗି ସିଲୁବାଡ଼ ପାଖରେ କାହାର କାଚ ଝୁଣ୍ଡୁ ଝୁଣ୍ଡୁ ଶବ୍ଦ ହୁଏ । ଦୂରରୁ ଦେଖେ ଅମିନା ତା'ରି ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ରହିଚି । ଚାରି ଆଖି ମିଶିସିବା ସଂଗେ ସଂଗେ ଅମିନା ଆଖି ତଳକୁ ପକାଇ ଦେଇ ସେଠୁ ନାକରେ ଓଢ଼ଣା ଟାଣି-ପକେଇ ପୁଣି ଗଛ ଆଢୁଆଳରେ ଲୁଚିଯାଏ । ଆଉ ଦିନେ ଦିନେ ମଦନା ସେ ବାଟେ ଗଲାବେଳେ ଦେଖେ ଅମିନା ତାଂକ ଦାଂଡ ପଟ ଅଗଣା କୂଅରୁ ନଇଁ ପଡ଼ି ପାଣି କାଢ଼ୁଚି । ଦାଂଡ କବାଟ ମେଲା ହୋଇଥିଲେ ରାସ୍ତାରୁ ଅମିନା ଘରର ଦାଂଡପଟ ଅଗଣା ଦେଖାଯାଏ । ମଦନାକୁ ଦେଖି ଅମିନାର ଗରାଟା କୂଅ ଭିତରେ ରହିଯାଏ । ଦୌଡ଼ିଟା ହାତରେ ଗୋଡ଼ରେ ଛଂଦି ହୋଇଯାଏ । ତା'ର ବଡ଼ ବଡ଼ ଶେକଲା ଆଖି ଯୋଡ଼ାକ ଦୂରରୁ ଆସି ତା ଦିହରେ ନାଚୁ ହୋଇ ଯାଂଛି । ଏହିପରି ଭାବରେ ଜଣା, ଅଜଣା, କୁହା, ଅକୁହା ଓ ଦେଖା, ଅଦେଖା ଭିତରେ ଦିହିଁଙ୍କର ଦିନ ଗଡ଼ିଯାଏ ।

ହଠାତ୍ ଦିନେ ମଦନା ଶୁଣିଲା—ଅମିନା ଘରେ ଭାରି ଗୋଳମାଳ ଲାଗିଚି । ବହୁତ ଲୋକବାକ ଆସିଚଂତି । କୁମ୍ଭୀ ପଲାଉ ଆଉ ଜାଫ୍ରାନଦିଆ ବିରାନୀ ଗଂଧରେ ଦଲିର ଖାଁର ଘର ଦ୍ୱାର ମହକି ଉଠୁଚି ।

ଏହାପରେ ଦିନ ପଂଦରଟା ନ ଯାଉଣୁ ବାଣ, ବାଜଣା, ଆଉ ରୋଶନିରେ ସେଇ ଛୋଟ ପାହାଡ଼ତଳିଆ ଗାଁଟିର ଦାଂଡ, ପଡ଼ିଆ ଉଚ୍ଛୁଳି ଉଠିଲା । ବର ଆସିଲା, ବରଯାତ୍ରୀ ଆସିଲେ, ମୌଲବୀ ଓକିଲ, ଗୁହା, ହକାମ ସମସ୍ତେ ଆସି ପହଂଚିଲେ ।

Digitized by srujanika@gmail.com

ବର ପକ୍ଷର ଓକିଲ ଦୁଇଜଣ ଗୁହାଂକୁ ସାଂଗରେ ଧରି ଅମିନାର ମତାମତ ଜାଣିବା ପାଇଁ ମାମୁଲି ପ୍ରଥା ଅନୁସାରେ ଘର ଭିତରକୁ ଗଲେ । ବର ପକ୍ଷର 'ଦେଫ୍ନେନମେହର' ବା ଶଂଖୋଳା ଆସିଥିବା ସୁନା ହାରଟାକୁ ନେଇ ଅମିନାକୁ ଭେଟି ଦେବା ପରେ ତାର ଏ ବିବାହରେ ମତ ଅଛି କି ନାହିଁ ଜାଣିବା ଲାଗି କାଜି ତିନଥର ପସ୍ତୁର ମଂନ୍ତ୍ର ପଢ଼ିଲେ—

"ଆନକାହୋମିନ ଶୃନ୍ତୋଡ ଫମନ୍ ରଘେବା ଆନ ଶୃନ୍ତୋଡ ଫରେସା ମିନ୍ନି ।

ଲଜ୍ଜାବଧୂ ଅମିନା ବିବାହରେ ତାର ଇଚ୍ଛା କି ଅନିଚ୍ଛା କଣ ଜଣାଇଲା କେହି କିଛି ଶୁଣି ପାରିଲେ ନାହିଁ । ତାର ସମ୍ମତି ଜାଣିବା ଲାଗି ତା ହାତକୁ ପାଂଚଟଂକା ବଢ଼ାଇ ଦିଆଗଲା । ଆଉ ତା ହାତ ପାଖରେ ଓକିଲ ଗୋଟାଏ ଥାଳି ଧରି ସେଇ ଥାଳି ଉପରେ ଟଂକାତକ ପକାଇ ଦେଇ ତାର ରାଜି ଅଛି ବୋଲି ଜଣାଇଦବାକୁ ହୁକୁମ ଦେଲେ । ଅମିନାର ହାତଟା ହୁଏତ ଏହାପରେ ଟିକିଏ ଥରି ଉଠିଥିଲା । ତାପରେ ତାର କ୍ଳାଂତ ଶିଥିଳ ହାତମୁଠା ଭିତରୁ ରୁପାର ଟଂକା କେଇଟା ଆପେ ଆପେ ନିଜ ଭାରରେ ନଜେ ଥାଳି ଉପରେ ଝଣ ଝଣ ଖସି ପଡ଼ିବାର ଶୁଣାଗଲା । ଓକିଲ ଗୁହାମାନେ ଖୁସି ହୋଇ ଅମିନାର ସମ୍ମତି ଘେନି ବର ପାଖରେ ଯାଇ ହାଜର ହେଲେ । ଅମିନାର ସେଇ ହାତ ଇଂଗିତ ସଂଗେ ତାର ମନ ଇଂଗିତର କୌଣସି ସାମଂଜସ୍ୟ ଥିଲା କି ନାହିଁ ସେ କଥା କାହାରି ବୁଝିବା ପାଇଁ ସମୟ ନ ଥିଲା । ନିଜେ ଅମିନା ମଧ ଏତେ ବାଜା, ବାଜଣା, ଲୋକବାକ, ବଂଧୁ, ବାଂଧବ, କାଜି ମୌଲବୀଂକ ଭିତରେ ତା ମନର ଗୋପନ କଥାଟି ମନେ ରଖିଥିଲା କି ନାହିଁ ସଂଦେହ ।

ତା ପରେ ବରର ଏ ବିବାହରେ ରାଜି ଅଛି କି ନାହିଁ ଜାଣିବା ଲାଗି ଓକିଲ ଆଉ ଗୁହାମାନେ ଯାଇଁ ତାଂକୁ ମାମୁଲି ଭାବରେ ପଚାରିଲେ, 'କବୁଲ ତ' ? ସଂଗେ ସଂଗେ ଉତ୍ତର ଆସିଲା 'କବୁଲ' । ଉପସ୍ଥିତ ସମସ୍ତେ ଖୁସି ହୋଇ ଉଠିଲେ । କାଜି ସାହେବ ବିବାହର ସମସ୍ତ କର୍ମ କର୍ମୀଣୀ ଶେଷ କରି ପକାଇଲେ । ଗାଁ କଂପାଇ 'ଶୁକ୍ରାନ' ପଢ଼ା ହେଲା ।

ବିବାହ ପରେ 'ରୁଖନୋମାଇ' ଆରଂଭ ହେଲା । ବର କନ୍ୟାଂକୁ ପରସ୍ପର ମୁହଁ ଦେଖିବା ଲାଗି ଗୋଟାଏ ଘର ଭିତରକୁ ଅଣାଗଲା । ଅମିନା ହାତକୁ ଗୋଟାଏ ଦର୍ପଣ ବଢ଼ାଇ ଦିଆଗଲା । ସେଇ ଦର୍ପଣରେ ସେ ତାର ସ୍ୱାମୀର ମୁହଁ ଦେଖିବ । ଦର୍ପଣର ସ୍ୱଚ୍ଛ କାଚ ଉପରେ ତାର ସ୍ୱାମୀର କଳା କଳା ଦାଢ଼ି ସମେତ ମୁହଁଟା ଯେତେବେଳେ ଭାସି ଉଠିଲା, ସେତେବେଳେ ନିଜର ଅନିଚ୍ଛା ସତ୍ତ୍ୱେ ଅମିନାର ଆଖି ଦି'ଟା ସେଠାରୁ ଫେରି ଆସି ନିରୁଦ୍ଦେଶ୍ଯ ଭାବରେ ସେଇ ଘରର ଏଣେ ତେଣେ ବୁଲିବାକୁ ଲାଗିଲା । ଶୁଭଦୃଷ୍ଟିର ଲଗ୍ନ ମଉଳି ଗଲା ।

ଯଥା ସମୟରେ ବରକନ୍ୟା ବିଦା ହୋଇ ଯିବାପରେ ଦଲିଚା ଖାଁ ଘରଟା ପୁଣି ଶୂନ୍ଶାନ୍ ପଡଗଲା । ସେଇ ନିସ୍ତବ୍ଧ ନିରବତାର ତୀକ୍ଷ୍ଣ ଧାର ମାଟିର ପାଚିରି ଡେଇଁ ମଦନା ଘରକୁ ଆସି ତାକୁ ପ୍ରତି ମୁହୂର୍ତ୍ତରେ ବିଦ୍ଧ କରିବାକୁ ଲାଗିଲା ।

ମଦନାର ମନେ ପଡ଼ିଲା ଶାଶୁଘରକୁ ଯିବାର ଠିକ୍ ଦୁଇ ଘଂଟା ଆଗରୁ ମଦନା

Digitized by srujanika@gmail.com

ତାଂକର ଅଗଣାରେ ଛିଡ଼ା ହୋଇ ସେଇ ଭଂଗା ପାଚେରି ଫାଂକରେ ଥରେମାତ୍ର ଅମିନାକୁ ଦେଖିଥିଲା । ଅମିନା ବଧୂବେଶରେ ସଜ୍ଜିତା ହୋଇ ତାଂକ ଅଗଣାରେ ଚୁପ୍‌ଚି ହୋଇ ଛିଡ଼ା ହୋଇଥିଲା । ବାହାଘରର କାନଫଟା ଗୋଳମାଳରୁ ଅଲଗା ହୋଇ ସେ ଯିମିତି ଟିକିଏ ଦମ୍ ମାରିବାକୁ ଚେଷ୍ଟା କରୁଥିଲା । ମଦନାର ଆଖି ତା ଆଖି ସଙ୍ଗେ ମିଶିଯିବା ପରେ ମଦନା ଦେଖିପାରିଲା ଅମିନାର ଆଖି ଉପରେ ଗୋଟାଏ କଳ୍ପ ଦିନର ଅନିଦ୍ରା ଯେପରି ଜମି ରହିଚି । ମଦନା ତା ଆଡ଼କୁ ଆଉ ଅନେଇ ପାରିଲା ନାହିଁ ।

ଅମିନା ଶାଶୁଘରକୁ ଚାଲିଯିବା ପରେ ମଦନା ବାହା ହେବାକୁ ଏକାଜିଦ୍ ଧରି ବସିଲା । କେଜାଣି କାହିଁକି କାହା ଉପରେ ଥିବା ବହୁଦିନର ରାଗ ଶୁଝାଇବା ପାଇଁ ସେ ଯିମିତି ଶୀଘ୍ର ଗୋଟାଏ ବେକରେ ଛଂଦ ପକାଇବାକୁ ଚାହୁଁଥିଲା । କେହି ତାକୁ ଏ ବିଷୟରେ କିଛି ପ୍ରଶ୍ନ କଲେ ମଦନା ଗରଗର ହୋଇ କହୁଥିଲା—କାହିଁକି ମ ? ସମସ୍ତେ ବାହାହେବେ—ମୁଁ କଣ ମଣିଷ ନୁହଁ କି ? ମୁଁ କଣ ବାହାହେବାକୁ ସର୍ଜନ ନୁହଁ ?

ଏହାର ମାସକ ପରେ ମଦନା ଗୁରୁବାରିକୁ ଚାଲାକନ୍ୟା କରି ତାଂକ ଗାଁ ଠାରୁ ଚାରି କୋଶ ଦୂର ତଂଡକଣା ଗାଁରୁ ଟେକି ଆଣିଲା ।

ଆଜି ଏଇ ନିସ୍ତବ୍ଧ ରାତିରେ ସେଇ ଛପଛପକିଆ ସଜନାଗଛ ଛାଇରେ ମଦନା ମନରେ ଅତୀତର ସେଇ ପୁରୁଣା କାହାଣୀଗୁଡ଼ାକ ଫଣା ଟେକି ଛିଡ଼ା ହେଲା ।

ତା' ମନରେ ଶୋଇଲା ସାପଗୁଡ଼ାକ ଆଜି ଯିମିତି ବିସ୍ମୃତିର ଅତଳ ଗହ୍ୱରରୁ ବାହାରି ଆସି ଖୋଲା ଆଲୁଅରେ ବୁଲିବାକୁ ଇଚ୍ଛା କରୁଥିଲେ ।

ଭାବୁ ଭାବୁ ମଦନାକୁ କେତେବେଳେ ଛାଇ ନିଦ ଲାଗି ଯାଇଛି । ଇଆ ଭିତରେ ରଂଧାବଢ଼ା ସାରି ଗୁରୁବାରିଟା ଯେ କେତେବେଳେ ଆସି ତା ପାଖରେ ଢୁଳେଇ ପଡ଼ିଚି ତାର ନଜର ନାହିଁ । ରାତି ଅଧରେ ହଠାତ୍ ଚମକିକିନା ମଦନାର ନିଦ ଭାଙ୍ଗି ଯିବାରୁ ସେ ଦେଖିଲା ଦୂରରେ ଧୋବ ଲୁଗା ପିଂଧି ମଣିଷ ପରି ଗୋଟେ କ'ଣ ଚକାଂଡା ମୂର୍ତ୍ତି ତାରି ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ଠିଆ ହୋଇ ରହିଚି । ମଦନା ତା ଛାତି ଉପରୁ ଗୁରୁବାରିର ହାତଟାକୁ ତଳକୁ ଫୋପାଡ଼ି ଦେଇ ଆଖି ମଳି ମଳି ଉଠି ଛିଡ଼ା ହେଲା । ଦେଖିଲା ଆକାଶର ସଫା ଜହ୍ନଟା । ସିମିତି ଧୋବ ଜକଜକ ଦିଶୁଚି, ଆଉ ସେଇ ଛାଇଟା ପାଚିରି ତଳେ ତଳେ କ୍ରମେ ଦୂରକୁ ଦୂରକୁ ଘୁଂଚି ଯାଉଚି । ମଦନା ଡାକିଲା—"କିଏ ?"

କାହାର କୌଣସି ଉତ୍ତର ନାହିଁ । ଯେଉଁଠି ପାଚେରିଟା ମଝିରୁ ଦ'ଫାଂକ ହୋଇ ଭାଂଗିଯାଇଚି ସେଠି କୌଣସି ଛାଇ ଛାଇଆ ଅଂଧାର ନାହିଁ । ଜହ୍ନ ଆଲୁଅରେ ସବୁ ଜିନିଷ ସେଠାରେ ଅରୁଆ ଚାଉଳପରି ବାରି ହୋଇ ଦିଶୁଚି । ସେଇ ଛାଇଟା ସେଠାରେ ପହଂଚିବା-ମାତ୍ରକେ ମଦନା ଦେଖି ପାରିଲା, ସେ ଆଉ କେହି ନୁହେଁ, ଅମିନା । ଅମିନା ବଡ଼ ବଡ଼ ଆଖିଦ'ଟାରେ ଛାଇ ଆଉ ଆଲୁଅର ଜୁଆର ପରି ମନେ ହେଉଥିଲା । ସତେ ଯିମିତି ସେଥିରେ ଜମିରହିଛି ଖାଲି କ୍ଲାଂତି ଆଉ କ୍ଲାଂତି—

Digitized by srujanika@gmail.com

ମଦନା ଡାକିଲା—"ଅମିନା !"

ଗୁଇଟା ସେଇ ଭଂଗା ପାଚେରି ମଧ୍ୟରେ ଗଳି ଦଳର ଝାଁ ଅଟଣା ଭିତରେ ପଶିଗଲା । ମଦନା ଫେରି ଆସିଲା ।

ସେ ରାତିରେ ତାକୁ ଅହ୍ଲାଦ ହେଲା ନାହିଁ । ତା ମନରେ ଭାରି ଭୟ ହେଲା । ଅମିନାର ଉଦ୍ଦେଶ୍ୟ କଣ ସେ ଜମା ବୁଝି ପାରିଲା ନାହିଁ । ଅମିନାର ବଡ଼ ବଡ଼ ଆଖି ଦୁଇଟା ତାକୁ ପ୍ରତି ମୁହୂର୍ତ୍ତରେ ଶିକାରୀ ପରି ଗୋଡ଼େଇ ଧରିବାକୁ ଚେଷ୍ଟା କଲା । ଗୁରୁବାରୀ ଡରିବ ବୋଲି ସେ ତାକୁ କୌଣସି କଥା ଫିଟାଇ କରି କହିଲା ନାହିଁ ।

ମଦନାର ମନେପଡ଼ିଲା ଅମିନା ତାକୁ ସକାଳେ ଧମକ ଦେଇ କହିଥିଲା, "ତୁମ୍ଭଂକର ଖୁନ୍ ନିକାଳି ଦେବ ।" ତେବେ କଣ ଅମିନା ଏତେ ରାତିରେ ତାକୁ ଆଉ ଗୁରୁବାରୀକୁ ଖୁନ୍ କରିବାକୁ ଆସିଥିଲା ? କିନ୍ତୁ ଅମିନାର ଆଖି ଦୁଇଟା ତା ଆଶଂକା ବିରୁଦ୍ଧରେ ପ୍ରତିବାଦ ଜଣେଇଲେ । ଖୁନ୍ କରିବାକୁ ଆସିଥିଲେ ସେ କିମିତି ଭାବରେ ତା ଆଡ଼କୁ ଚାହିଁ ରହୁଥାଂତା କାହିଁକି ? ସେଇ କଳା ରାତିର ସମସ୍ତ ରହସ୍ୟ, ସମସ୍ତ ଗମ୍ଭୀରତା ଯିମିତି ତା ଆଖି ଭିତରେ ଲୁଚି ରହିଥିଲା । ମଦନାର ମନେ ପଡ଼ିଲା ଶାଶୁ ଘରକୁ ଯିବା ପୂର୍ବ ମୁହୂର୍ତ୍ତରେ ଅମିନା ଠିକ୍ ତାକୁ ଏମିତି ଭାବରେ ଥରେ ଚାହିଁଥିଲା । ତାପରେ ସେ ଭାବିଲା, କାଇଁ ଅମିନା ହାତରେ ତ ଛୁରି ଫୁରି କିଛି ନ ଥିଲା ।

ମଦନା ଭାବି ଭାବି କିଛି ଅଟକଳ ପାଇଲା ନାହିଁ ।

× × × ×

ଏହାର କେତୁଦିନ ପରେ ଅମିନା ଦିନେ ବେହୋସ୍ ହୋଇ ତଳେ ପଡ଼ିଗଲା । ବେହୋସ୍ ହୋଇ ସେ ଖାଲି ଅନବରତ ପ୍ରଳାପ କରିବାକୁ ଲାଗିଲା । ତା ସ୍ୱାମୀ ଆଉ ଗୁରୁବାରୀ ବିରୁଦ୍ଧରେ ସେ କେବଳ ପ୍ରଳାପର ବନ୍ଧ ବାଂଧି କରିବାକୁ ଲାଗିଲା । ଗୁରୁବାରୀକୁ ସେ ସେ ଖୁନ୍ କରିବାକୁ ଚାହେଁ ଆଉ ତା ସ୍ୱାମୀକୁ ଜାହାନ୍ନାମକୁ ପଠେଇବାକୁ ଚାହେଁ । କେବଳ ଦିନ ତମାମ୍ ସେ ଏହିଭଳି ଗର୍ଜନ କରିବାକୁ ଲାଗିଲା ।

ବହୁତ କବିରାଜ, ହାକିମ ଆସିଲେ, ମାତ୍ର ଅମିନାର ଚେତା ହେଲା ନାହିଁ ।

ସେ ନିଜର ଦେହ ମୁଂଡକୁ ନଖରେ ଆଂପୁଡ଼ି ପକେଇଲା—ନିଜ ବାହାଟାକୁ ନିଜେ କାମୁଡ଼ି କାମୁଡ଼ି ଛୁଂଡାଇ ପକେଇଲା ।

ଗୁରୁବାରୀ ଆଉ ତା ସ୍ୱାମୀକୁ ଅନର୍ଥକ ଗାଳି ଗୁଲଜ ଦେଇ ତା ମନ ଟିକିଏ ଥଂଡା ହବାରୁ ସେ ସେମାନଂକୁ ଛାଡ଼ି ମଦନାକୁ ଆକ୍ରମଣ କଲା । ମଦନା ଯେ ସବୁ ଅନର୍ଥର ମୂଳ, ମଦନା ଯେ ତାକୁ ଖୁନ୍ କରିଛି ଏହିଭଳି ଭାବରେ ସେ ପାଟି କରି ବକିବାକୁ ଲାଗିଲା ।

ରାତିରେ ତା ଗୁପ୍ତ ଭିତରେ କଫ ଜମିଯାଇ ଘଡ଼ ଘଡ଼ ଶବ୍ଦ ଶୁଣାଗଲା । କବିରାଜ ନାଡ଼ି ଦେଖି କହିଲେ ନିଉମୋନିଆ ହେଲାଣି । ଅମିନା ସେଇପରି ଭାବରେ ବେହୋସ୍ ହୋଇ ଇଆଡ଼ୁ ସିଆଡ଼ୁ ବକୁଥାଏ ।

Digitized by srujanika@gmail.com

ତହିଁ ଆରଦିନ ସକାଳୁ କଫ ଜମି ତାର କଣ୍ଠ ରୁଦ୍ଧ ହୋଇ ଆସିଲା ।

ସକାଳେ ଅମିନା ମରଗଲାଗୀ ଶୁଣି ଗୁରୁବାସ୍ତ ଖୁସିହୋଇ ମଦନାକୁ କହିଲା—"ମଲା ନାହିଁ ଯେ ମୋ' କାର ଗଲା ।" ମଦନା କିନ୍ତୁ ତା କଥାରେ କୌଣସି ଉତ୍ସାହ ଦେଖାଇଲା ନାହିଁ । ସେ ଅନ୍ୟମନସ୍କ ଭାବରେ କେବଳ କହିଲା—"ଆହା, ବିଚରା ବଡ଼ କଲବଲ ହେଉ ମଲା ।"

ଅମିନାର ମୃତ ଦେହକୁ ପଶ୍ଚିମ ଦିଗକୁ ମୁହଁ କରାଇ ଶୁଆଇ ଦିଆଗଲା । ତାପରେ ତାକୁ ଓ୍ୱାଜୁ ସ୍ନାନ କରାଇ ନମାଜ ପଢ଼ି, ତାବୁତରେ ଶୁଆଇ କବର ଭୂଇଁକୁ ନିଆଗଲା । ଅମିନାର ମୃତ ଆତ୍ମାର ସଦ୍‌ଗତି ପାଇଁ ମୌଲବୀ ସାହେବ ମସଜିଦ ସାମନାରେ 'ଜେନାଜା' ପଢ଼ିଲେ—

"ଶୁଭନକା ଆଲମ ହୁମା ବହା ମନ୍ନକା ଓ୍ୱାକ୍ଷଲ୍ଲ ସନାଉକା"
ଓ୍ୱାତବାରକ୍‌ସମୁକା ଓ୍ୱାତାଆଲା ଯଦୁକା ଓ୍ୱାଲାଇଲାହା ଗଇରୁକା—

ମଡ଼ାବୁହାଳମାନେ ରାସ୍ତାଘାଟ କଂପାଇ 'ତାବୁତ୍' କାଂଧେଇ ପାଟିକରି ଚାଲିଲେ—

"କାନା ଆଲଲ ଖସ୍ତାର ।"

କବର ଭୂଇଁରେ ବେଲଦାରମାନେ ଗାଡ଼ ଖୋଳିଦେଲେ । ଶବସଂସ୍କାରପରେ ଅମିନାର ମୃତଦେହକୁ ସେଇ ଗାଡ଼ଭିତରେ ଶୁଆଇଦେଇ ଶେଷଥର ସକାଶେ ମନ୍ତ୍ର ପଢ଼ା ହେଲା—

ବିସମିଲ୍ଲା ହି ମଇଲହା ଓ୍ୱାମୁର ସାହ୍ୱା
ଇନାହ୍ୱବ ଲଗଫୁର ରହିମ

ତାପରେ ମାଟିର ଅନଂତ ଗର୍ଭରେ ଅମିନାର କ୍ଷୁଦ୍ର, ମାଟିର ଦେହ କୁଆଡ଼େ ଲୁଚିଗଲା ।

ଏହାର କିଛିଦିନ ପରେ ମଦନା ଅଯାଚିତ ଭାବରେ ଯାଇ ବୁଢ଼ା ଦିଲବର ଖାଁ ନିକଟରେ ଦିନେ ଅନୁରୋଧ କଲା । "ଅମିନାର ମୃତଦେହ ଉପରେ ଗୋଟେ କବର ତୋଳି ଦବାକୁ ହବ । ସେ ନିଜେ ପଥର ଯୁଆଁସ କରି ଚୂନ ପଲସ୍ତରା ଦେଇ କବର ତିଆରି କରିଦବ । ସେଥିସକାଶେ ସେ ଗୋଟିଏ ପୁଞ୍ଜା ପଇସା ମଜୁରି ନବ ନାହିଁ ।" ବୁଢ଼ା ଦିଲବର ଖାଁ ବଡ଼ ତିଆରି କରୁ କରୁ ଗଂଭୀର ହୋଇ ସବୁକଥା ଶୁଣିଲା । ତାପରେ କହିଲା, "ତୋର ଯାହା ଇଚ୍ଛା କର । ଖୋଦାଙ୍କ ଯାହା ବରାଦ !! ମୁଁ ଆଜି କାହାକୁ କିଛି ମନା କରିବ ନାହିଁ ।"

ତାପରଦିନଠାରୁ କବର ଭୂଇଁରେ ମଦନାକୁ ଅମିନାର ମୃତଦେହ ଉପରେ ଗୋଟାଏ ବଡ଼ କବର ତିଆରି କରୁଥିବାର ଦେଖାଗଲା ।

ରୋଜ ସଞ୍ଜବୁଡ଼େ ସବୁ ପଥୁରିଆ କାମ ସାରି ଘରକୁ ଫେରି ଆସିବା ପରେ ସେ ପଥର ଉପରେ ପଥର ଜମାଇ ଏକ ସୁଂଦର କବର ତିଆରି କରେ ।

ରାତିରେ ଗୁଣିଫୁଲ ପରି ଜହ୍ନ ପଡ଼ି ଶ୍ୟାମଳ ମଶାଣି ଦେହରେ ରୁପାର ପିଠଉ ଢାଳି ଦେଲାବେଳେ ମଦନା ଅମିନାର କବର ଉପରେ ବସି ତାର ଅତୀତର ପୋଡ଼ା ଶ୍ମଶାନଟା ଆଡ଼କୁ ଚାହେଁ । ତାର ମନେ ପଡ଼େ ପିଲାଦିନେ ଥରେ ତାଙ୍କ ଗାଁର ଜଣେ ମଲା ଲୋକର

Digitized by srujanika@gmail.com

କବର ଦେଖି ଅମିନା ତାଙ୍କୁ କହିଥିଲେ—"ମୁଁ ମରିଗଲେ ତୁ ମୋ ଉପରେ ଇମିତ ଗୋଟାଏ କବର ତିଆରି କରି ଦବୁନା ?"

ଦୂରରୁ ଅମିନାର ପିଲାଳିଆ ମୁଲାୟମ ହସପରି ଜହ୍ନଆଲୁଅ ଖସି ଆସି ସେଇ କବର ଭୂଇଁର ଅସୁମାରି ଘାସଗଛ ଗହଳରେ ତେଢ଼ପରି ନହଡ଼ା ମାରି ଲେଟିଯାଏ !! *

* "ଆରତି"ରେ ପ୍ରକାଶିତ । ପ୍ରକାଶ କାଳ, ୧୯୪୧ ।

Digitized by srujanika@gmail.com

କେହି ନୁହେଁ

କଲିକତା 'ବଡ଼ବଜାରର ଗୋଟିଏ ଅଂଧାରିଆ ବାଇଲେନ୍ ଭିତରେ ସେଇ ଭ୍ରେଷ୍ଟ ଅଣଓସାରିଆ ଟିଣ ଘର ଖଂଡକରେ ସବୁଦିନ ପରି ସେଦିନ ବି ସଜମଜଲିସ୍ଟା ବେଶ୍ ଭଲ ହୋଇ ଜମି ଉଠିଥିଲା । ଘର ବୋଇଲେ ଚାରିଟା ବଡ଼ ବଡ଼ ଇଟା କାଂଥ—ତାର ଉପରେ ଲଂବ ଲଂବ ବାଉଁଶ ପକାଇ ଟିଣ କେଇଖଂଡ ଘୋଡ଼େଇ ଦିଆ ଯାଇଛି । ପଛ ପଟ କାଂଥ ଉପରକୁ ପୁରୁଷେ ଉଚ୍ଚରେ ଗୋଟାଏ ବଡ଼ ଜଳା—ତାକୁଇ ସେମାନେ ଝର୍କା କହନ୍ତି । ସେଇ ଝର୍କାର ଭିତର ପଟେ ଖଂଡେ ଅଖା ବଂଧା ହୋଇ ବାଉଁଶ କାଠି ଖଂଡକରେ ଝୁଲୁଚି । ରାତିରେ ଦିନେ ଦିନେ ବେଶି ଶୀତ ପଡ଼ିଲେ ସେଇ ଅଖା ଖଂଡକ ପକାଇ ଦେଇ ଝର୍କା ମୁଦାଯାଏ । ଘର ଭିତରେ ଚାରିଆଡ଼େ ଚେମିଣି ସାଲୁବାଲୁ ହଉଚଂତି, କାଂଥ ବାଡ଼, ଚଟାଣ, ସବୁଆଡ଼େ ଖାଲି ଅଳାଂଧୁ ମେଂଚ ମେଂଚ ଆଉ ପୋଷେ ବହଳରେ ଚେମଣିଚଟିଆ ଗୁହ ବସି ଗଲାଣି ।

ପଚ୍ଛିମ ପଟକୁ ଖଂଡେ ବାଉଁଶ ଟଂଗା ହୋଇ ଆଲୁଗୁଣୀ ତିଆରି ହୋଇଛି । ତା'ଉପରେ ଖୁଂଦା ହୋଇଛି ରାଇଜଯାକର ମଇଳା ଗାମୁଛା, କୋଡ଼ିଏ ଲୁଗା, ଚିରା ତାଳିପକା ଗେଂଜି, କାମିଜ, କୋଟ ଇତ୍ୟାଦି କେତେ ଖଂଡ । ଘରତଳେ ବାକ୍ସ, ପେଟେରା, କାଠ ସିଂଦୁକ ହୋଇ ଦଶ ବାର ଖଂଡ ବାହାରିବ । ପାନ ଖାଇ ସାରି ଚୂନ ହାତ ବୋଳି ବୋଳି କଳା ସିଂଦୁକ ଗୁଡ଼ାକର ବାହାର ପଟ ବିଲ୍‌କୁଲ୍ ଧଳା ଦେଖା ଗଲାଣି ।

ସେଇ ସନ୍ତସନ୍ତିଆ ଅଂଧାରି ବଖୁରିଟିରେ ରାତି ହେଲେ ପାଂଚୁଟା ମଣିଷ ଚିରା ମୁଂଦୁରି ଦି'ଖଂଡ ପକେଇ ମୁଂଡ ତଳେ ଲୁଗା ମୁଚୁଳାଟାମାନ ଦେଇ ଶୋଇ ପଡ଼ଂତି । ଦିନ ହେଲେ କିଏ କୁଆଡ଼େ ଯାଏ, କାହା ସଙ୍ଗରେ କିଏ ବା ଆସି ବସା କଡରେ ଥିବା ଉରୁଧବା ନନା ହୋଟେଲରୁ ଗଂଡାଏ ଖାଇଦେଇ ପୁଣି ଯାଇ କାମରେ ଜଇନ କରେ, ସେ କଥା ଅନ୍ୟ କାହାରି ନଜରରେ ପଡ଼େ ନାହିଁ ।

ପାଂଚ ଜଣଯାକ କର୍ପୋରେଶନ୍‌ର କୁଲି । ରାସ୍ତା ମରାମତି କରଂତି । କେଉଁଠି ରାସ୍ତା ଖରାପ ହେଲେ ଦୁଇ ପଟେ ଦୁଇଟା ବାଉଁଶ ଓଗାଳି ପୋତି ଲାଲ୍ ଲଂଟନ ଜାଳି, "ରାସ୍ତା ବଂଦ" ଟିଣ ଖଂଡକ ଝୁଲେଇଦେଇ ଯେଝା କାମରେ ଯେଝା ଲାଗିଯାଂତି । କିଏ ଆଲକାତରା ତାଳେ, କିଏ କାଂକ, କୋଦାଳ ନେଇ ପଥର ତାଡ଼େ, କିଏବା ଘଷି ଲୁହା ରୋଲର୍ ଟାଣି ଢଳକଣ୍ଟ ସମାନ କରୁକରୁ ଝାଳ ଗମ ଗମ ହୋଇ ଅନ୍ୟମାନଂକ ସଙ୍ଗରେ ପାଟି କରି-ଉଠେ—

ହେ ଲେ ସା·····

ସଞ୍ଜବୁଡ଼କୁ ଛୁଟି ପାଇ ଫେରି ଆସିଲେ ସେଦିନ ବସାରେ ଜଗନ୍ନାଥମେଲା 'ବସେ ।

Digitized by srujanika@gmail.com

ଯାହା ଅନୁସାରେ ଜଣେ ଜଣେ ସେ ଦିନକାର ଗଂଜେଇ ଖର୍ଚ୍ଚ ଚଳାନ୍ତି, ଖଂଜଣି ମାଡ଼ ହୁଏ, ଭଜନ ବୋଲଯାଏ, ଗଂଜେଇ ଧୂଆଁର ଫାଂକେ ଫାଂକେ କେତେ ଦୁନିଆ ଛଡ଼ା ଭାଳିବ ଗପର ହାଲୁକା ଢେଉ ଘର ଭିତରର ଭାରି ପବନରେ ବଂକେଇ ବଂକେଇ ପଇଂତରା ମାରେ । ପାଂଚ ଜଣଯାକଂକର ଦିନଭର ଚାଲିଚଳଣ, ଖାଇବା ପିଇବା, କାମ ଦାମ, 'କଥାବାର୍ତ୍ତା ସବୁ ପ୍ରାୟ ଏକାରକମର, କେଉଁଠି ଟିକିଏ ହେଲେ ତଫାତ୍ ନାହିଁ । ତଫାତ୍ କେବଳ ଯାହା ସେମାନଂକର ରାତିର ସ୍ୱପ୍ନଟାରେ !!

ରାତିରେ ଗଭୀର ନିଦରେ ଅଚେତ ହେଇ କିଏ ହୁଏତ ସ୍ୱପ୍ନ ଦେଖେ, ଦୂର ଗାଆଁର ଶାଗୁଆ ଛୋଟାମାଳ ଗହଳରେ ଖଂଜେ ଦରଫୁଟା ଚାଲ ଘର ଭିତରେ ଜାଡ଼ରେ ଥରୁ ଥରୁ ହେଇ କଂପୁଚି ଗୋଟିଏ ଅଶୀ ବରଷର ବୁଢ଼ୀ, ଛପରାଣି ନ ହେଇ ଏସାଲ ବର୍ଷାରେ ଘରର ଗୋଟାଏ ପଟ କାଂଥ ମାଟିରେ ପେଟେଇ ପଡ଼ିଲଣି । ତା'ର ଭିତରେ ବୁଢ଼ୀଟି ଚାହିଁ ରହିଚି ଡାକବାଲାର ଆସିବା ବାଟକୁ ଅପେକ୍ଷା କରି । ଗହ୍ୱାଡ଼ିଆ ଆଖି ଦି'ଟା ତା'ର ପ୍ରତୀକ୍ଷାରେ କ୍ରମେ କ୍ରମେ ବଡ଼ ହେଇ ଉଠୁଚି ।

କିଏବା ପୁଣି ସ୍ୱପ୍ନ ଦେଖେ, ମଇଳା ପଡ଼ିଥିବା ଗୋଟିଏ ସରୁ ଫୁଟିଲା ମୁହଁ ଲୁହରେ ଓଦା ଜୁଡ଼ୁବୁଡ଼ୁ ହେଇ ଚିରା ଲୁଗାର ଓଢ଼ଣା ତଳେ ଦିନକୁ ଦିନ ବେଶି ବେଶି ଝାଉଁଳି ପଡ଼ୁଚି, ସଞ୍ଜବେଳେ ମା ବୃନ୍ଦାବତୀଂକଠାରେ ଓଳଗି ହେଇ ସଞ୍ଜବତୀ ରଖି ଦେଇ କେତେ କଣ ଗୁଣୁଗୁଣୁ ହେଇ ସେ କାହା ପାଇଁ କଣ ମନାସି ଯାଉଚି । ସେ ଘୁମ ନିଦରେ ବଳିବଳେଇ ଉଠେ "ହଁ, ମୁଁ ଅଛି, ଅଛି । ମୁଁ ଯାଉଚି । ମୁଁ ଯାଉଚି ।" ଆଉରି କିଏବା ସ୍ୱପ୍ନ ଦେଖେ, ଗୋଟେ ଠେଙ୍ଗାଲଟେପିଆ, ସିଂଘାଣିନାକିଆ ଅଂଡିଆ ପିଲା··ପେଟରେ ପିଳେଇ, ଦେହରେ ଜର, ଗୋଡ଼ ତଳପା' ଦି'ଟା ଫୁଲି ଗଲଣି । ସେ ତାକୁ ଧରିବା ପାଇଁ ହାତ ବଢ଼ାଏ । ପଥର ପରି ଟାଣ ଇଟା କାଂଥରେ ତା'ର ଖାଇବା ହାତ କହୁଣୀଟା ଖୁବ୍ ଜୋରରେ ବାଡ଼େଇ ହେଇଯାଏ । ସେ ଯଂତ୍ରଣାରେ ନିଦରେ ଚିତ୍କାରକରି ଉଠେ । ଉପରେ ଟେମିଣି ଚଢ଼େଇ ଗୁଡ଼ାକ ଚେଁ ଚେଁ ଶବ୍ଦ କରି ତାକୁ ଖତେଇ ହେଇ ମିଣଂତି । ବସା ପାଖ ମୁଖର୍ଜି ସାହେବ ବାଡ଼ରେ ଦୁଷ୍ଟ ଶୁଆଟା ବଡ଼ଭୋରର ସୁରକ୍ ପାଇ ଲୁହା ପଂଜୁରି ଭିତରୁ ତାଂକ ଘର ଓଡ଼ିଆ ଚାକର ରାମାକୁ ଡାକ ପକାଏ—

"ଓ ରାମା ଜଡ଼େ, ଜଡ଼େ ରାମା । କ ର୍ ର୍ ର୍ ର୍ ।

... ...

ସେ ଦିନ ସଞ୍ଜବେଳେ ମେଘୁଆ ହୋଇଥାଏ । ସହଳ ସହଳ ସିଏ ସୁଆଡୁ କାମରୁ ଫେରି ଆସି ଘର ଭିତରେ ବସି ଦୁଃଖ ସୁଖ ହଉଥିଲେ । ଧୋବକାଢ଼ିଆ ବାଗାନର ମିସ୍ତ୍ରୀ ବାଡ଼ରେ କାମ କରୁଥିବା ମାଗୁଣିଆ ଘରପାଖକୁ ଯାଇଥିଲା । ସେ ସମସ୍ତଂକ ଘରୁ ଭାଷା— ଭଲ ମଂଦ ଖବର, ନିର୍ମାଲ୍ୟ କଣିକା, ଗାଁ ଦେବତାଂକ ଧଂଡା ଆଉରି ସବୁ କେତେ କଣ ଧରି ଫେରନ୍ତି । ସମସ୍ତେ ଏକଜୁଟ ହେଇ ମାଗୁଣିଆ କଥାରୁ ଗାଁର ହାନି ଲାଭ ବୁଝୁଥିଲେ ।

Digitized by srujanika@gmail.com

ଝିଂକାରେ ଗୋଟା ଇକାଂଡା ଚୂଲରେ ଗୋଟାଏ ବଡ଼ ଲୁହା ବାଲ୍ଟିରେ କେଇଖଣ୍ଡ ମଇଳା ଲୁଗା ସୋଡା ଆଉ ସାବୁନ ପାଣିରେ ସିଝୁଥିଲା ସକାଳେ କଚା ହବ ବୋଲି । କୋଠରି ଲୁଗାର ଆଇଁଷିଣିଆ ତେଲିଆ ଗନ୍ଧ ଦରଭିତରକୁ ପଶି ଆସୁଥିଲା ମେଘୁଆ ପବନ ସାଥିରେ ଦରଆଉଜା କବାଟଟାକୁ ଠେଲିଦେଇ ।

ଏବର୍ଷ ଖେତ କେମିତି ହେଇଚି, ଏଥର ଗାଆଁ ମେଲଣକୁ କେମିତି 'ଆରଂଭ'ରେ ସଲଟଣ ବାହାରିଲା, ରାମଲୀଳା ଯାତ୍ରା ସରିଲାଣି କି ନାହିଁ, ଅଣିଲେନା ବାପ ଶ୍ରାଦ୍ଧକୁ କେତେ ମୂର୍ତ୍ତି ବ୍ରାହ୍ମଣ ଗୋସେଇଁ ଚୁଡ଼ାଦହି ଖାଇ ଆସିଥିଲେ, ଗୋବରା ନଈ କେମିତି 'ଦୁବଳା', ହେଇ ବଢ଼ି ଘର ଦୁଆର ଉଜେଇ ନେଉଚି ଇତ୍ୟାଦି ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ପରେ ମାଗୁଣିଆ ପଚାରିଲା—କୁଂକଆ ଭାଇ କାହିଁ କି ? ତା ଭଉଣୀ ଗହଣଟା ଶୁଖି ଶୁଖି କଂଟା ହେଇ ଗଲାଣି । ମୋ ହାତରେ ଖବର ଦେଇଚି ଏଥର ମାଘ ବଟାକୁ ଜଟେ କିଛୁ ଟଂକା ପଇସା ନେଇ ଘରକୁ ଯିବାକୁ ।

ମୁରୁକି ହସି ଅଗାଧୁ କହିଲା—ଦିନଯାକ ସିନା କୁଂକଆ ଭାଇ ଆମ କଡରେ ଥାଏ, ରାତି ହେଲେ ତା' ଓର କଣ କଏ ପାଉଚି ? କାଲି ଦେଖିଲି ହପ୍ତା ଟଂକାରୁ ଭଲ ରେଶମୀ କାଚ ମୁଠାଏ କିଣି ଗାମୁଛା ତଳେ ଲୁଚେଇ କୁଆଡ଼େ ଫଇଚୁଡ଼େ ଯାଉଥିଲା ।

ଅପଡ଼ିଆ ଆଖିଠାର କହିଲା—ତମେ କଣ ଜାଣିନାକି ଅଗାଧୁ ଭାଇ, ସେ ପରା ଝାମାପୁକୁର ଗଳିରେ ଗୋଟାଏ ଓଡ଼ିଆଣୀ ଖାନକି ପାଲରେ ପଡ଼ିଲାଣି । ରୋଜ ସେ ରାଣ୍ଡିଟା ପାଖକୁ ନ ଗଲେ ଆଜିକାଲି ଆଉ ତାର ଭାତ ହଜମ ହେଉନାହିଁ ।

ଚାରିଆଡ଼େ ଗୋଟାଏ ଘରଫଟା ହୋ ହୋ ହସର ଧ୍ୱନି ଉଠିଲା ।

... ...

ଠିକ୍ ସେତିକିବେଳେ ଝାମାପୁକୁରୁ ଭିତରୁ ଯେଉଁ ଫତଫତିଆ ଗଳିଟା ଯାଇ କର୍ଣ୍ଣୱାଲିସ୍ ଷ୍ଟ୍ରିଟ୍‌ର ଟ୍ରାମଷ୍ଟାଣ୍ଡ ପାଖେ ଠଣଠଣିଆ କାଳୀଂକଠାରେ ବାହାରିଚି, ତାର ଭିତରେ ଗୋଟାଏ ଭଂଗା ଟିଣ ଘର ଭିତରେ କୁଂକଆ ତା ଛାତି ଉପରେ ରାଧିକୁ ଆଉଜାଇ ତା କାନ ପାଖରେ କହୁଥିଲା—

ଠାକୁରଂକ ଦେହି ଦେଇ କହୁଚି, ତତେ ଦେଖିଲେ ମୋର ଖାଲି ଗଉଣି କଥା ମନେ ପଡ଼େ । ତୋ ମୁହଁଟି ଦେଖିବାକୁ ଠିକ୍ ତାରି ମୁହଁ ପରି, ସେମିତି ଡଲେଡାଉଲ, ସେମିତି ମାଉଁସିଆ । ତା ଓଠ ତଳକୁଟା ଠିକ୍ ତୋର ଓଠ ପରି ଏମିତି ଲୁଆଣିଆ । ତୁ ହସିଲାବେଳେ ମୁଁ ଭାବେ ଯେମିତି ଗଉଣି ହସୁଚି । ସେଥିପାଇଁ ତୋ କଡରେ ଥିବାବେଳେ ମୁଁ ତାର ଅଭାବ ଭୁଲିଯାଏ । ମୋର ମନେହୁଏ ତୁ ଯେମିତି ଗଉଣିର ଠିକ୍ ଅବିକଳ ନକଲ । ସେଇଥିପାଇଁ ତ ମୁଁ ସବୁ କାମଦାମ ଛାଡ଼ି ତୋ କଡକୁ ଦଉଡ଼ି ଆସେ ।

ସେ ଖେଁ ଖେଁ ହେଇ ଗୁଡ଼ାଏ ହସିଲା । ମଇଳା କିରାସିନି ଆଲୁଅରେ ରାଧିର ଉଚ୍ଚା ଛାତିଟା ପଡ଼ୁଥିଲା ଉଠୁଥିଲା । ସେ ବାଁରେଇ କଥାର ମୋଡ଼ ଫେରେଇବାକୁ କହିଲା—

Digitized by srujanika@gmail.com

ଗଉଗ୍ରାକୁ ତ ଏତେ ଦେଖିପାର ତେମେ, ସବୁ ହସ୍ତା ଟଂକା ତ ଏଥର ମୋ ପିଛୁ ଖର୍ଚ୍ଚ କର ପକାଇଲ, ତା ପାଖକୁ ପଠାଇବ କଣ ?

ଖଟତଳେ ଜମିଥିବା ଗୁଡ଼ାଏ ଭଂଗା ମଦ ବୋତଲ ଆଡ଼କୁ ଅନାଇ କୁଂଜଆ ବସି ରହିଲ । ତା ମୁହଁଟା ହଠାତ୍ ପାଉଁଶିଆ ପଡ଼ିଗଲ । ସେ ଉଦାସ କଂଠରେ କହିଲ—ହଁ, ସତେ ତ, ସବୁ ତ ତେତେ ଦେଇଗଲ । ଘରକୁ ଫେର ପଠାଇବ କଣ ? ତା କଂଠ ସ୍ୱରରୁ ଜଣା ପଡ଼ୁଥିଲ ସେ ଯେମିତ ଖର ହାଲିଆ ହେଇଯାଇଚି ।

ଗୁଧି ଟିକଏ ଅଭିମାନ କର କହିଲ—ମତେ ଟଂକା ଦେଇ ତମର ଖର ଅବଶୋଷ ହଉଚି, ନା ? ଦରକାର ନାହିଁ ମୋର ତମ ଟଂକାରେ । ଫେରାଇ ନିଅ । ମୁଁ ତମର କିଏ ଯେ—

କୁଂଜଆ ବ୍ୟସ୍ତ ହୋଇ କହିଲ—ତୁ କଣ ମୋ ଉପରେ ରାଗିଲୁ ଗୁଧି ? ମୁଁ କଣ ଟଂକା ତତେ ମାଗୁଚି ? ମୁହିଁଚୁଂବୃତ ଗୁଧି କହିଲ ମାଗିଲେ କଣ ଗୋଟା ବେଶି ହେଇଥାଂତା ? ତମ ମନ ଯେବେ ମାନୁନାହିଁ, ମୁଁ କଣ ତମକୁ ଦିଅ ଦିଅ ବୋଲ ଜବରଦସ୍ତି କରୁଚି କ ?

କୁଂଜଆ କଥାଟାକୁ ବାଆଁ ରେଇ ଦବା ନାଗି କହିଲ—ଛି ! ମୋ ଉପରେ ତୁ ପୁଣି ଗୋଟା ରାଗ ଲେଖୁଚୁ ଗୁଧି ? ହଁ, ତମ ମାଇପି ଜାତଟା ଏମିତ ! ଗଉରାଟା ବ ରାଗିଲ ବେଳେ ତୋର ପର ଠିକ୍ ଏମିତ ମୁହଁ ବୁଲେଇ ନେଇ ଫୋପାଡ଼ିଲ ପର କଥାଗୁଡ଼ କହେ । ତୁ ରାଗିକର କଥା କହିଲେ ମୋ ଆଖିରେ ଗଉରାର ଛଇଛଟାଗୁଡ଼ାକ କେଜାଣି କଆଁ ନାଚଯାଏ । ଥରେ ଗୋଟାଏ ଯାତରୁ ମତେ ରସଖଡ଼ୁ ଦ'ପଟ ଆଣିଦବା ଲଗି ସେ ବରାଦ ଦେଇଥେଲ । ମୁଁ ଗୁଂଡାଳ କଲ୍ କଣ ନା ଜୁଆ ଖେଳୁ ଖେଳୁ ସବୁତକ ପଇସା ଉଜାଡ଼ି ଦେଇ ଶୁଖିଲ ହାତରେ ଘରକୁ ଫେର ଆସିଲି । ସେ ଦନଯାକ ଦେଖ ତାର ରୁଷା; ଦ'ଦନ ଯାଏ ଜମାରୁ ଭଲରେ କଥା କଇଲ ନାହିଁ । ଠିକ୍ ତୋର ପର ଇମିତ ମୁହଁ ବୁଲେଇ ବସି ରହିଲ । ଯେତେ ରାଣନସ୍ୟମ ପକେଇଲେ ଜମାରୁ ଚଂକଲ ନାହିଁ । ନହାତ ଦରକାର ପଡ଼ିଲେ କାଂଥକୁ ବାଡ଼କୁ କହିଲ ପର ଯାହା ଦ ଗୁର ପଦ କଥା ମୋତେ ଶୁଣାଇ ଶୁଣାଇ ଦୂରରୁ କହି ଦେଇ ଥେଲ ସେତକ । ତୋ ରାଗ ଦେଖି ମୋର ସେଇ କଥା ମନେ ପଡ଼ି ଯାଉଚ ।

ବିରକ୍ତ ହେଇ ଗୁଧି କହିଲ ସବୁବେଳେ ଖାଲ ଗଉରା, ଗଉରା, ଗଉରା ! ଆଉ ଯେମିତ ଦୁନିଆରେ କଛି କଥା ନାହିଁ ! ତାର କଥାଗୁଡ଼ାକ ମୋ' ପାଖରେ ଏତେ ବକର ବକର ହୁଅ କଆଁ ? ଦହିରେ ନିଆଁ ଚେଂଗିଲ ପର ନାଗେ । ଯାଉନ ତେମେ ତମ ଗଉରା ପାଖକୁ । କେତେଥର କହିଚି, ମୁଁ ଗଉରା ନୁହ, ମୁଁ ଗୁଧି, ମୁଁ ଗୁଧି, ମୁଁ ଗୁଧି ।

ତା'ପରେ ଟିକଏ ଗୁଡ଼ି କହିଲ—ହଉ, ତେମେ ଯା ଏଥର । ଏଇନାଗେ ସେ ମଦୁଆ ପଠାଣ ବାଡ଼ପଡ଼ା ଆସିବ ତ ମୋ ଚୁଟି ରଖିବ ନାହିଁ । ତମକୁ ମୋ ଘରେ ଦେଖି ମୋତେ ଘରା ହାତ ଉଠାଇ ମାଇଲ ।

ଗୁଧି ମୁହଁ ବୁଲେଇ ଶୋଇ ରହିଲ ।

Digitized by srujanika@gmail.com

... ... • ... ...

ରାଧି କଉରୁ ଗାଳି ଖାଇ ଅପରାଧୀଙ୍କ ଭଳିଆ କୁଂଜିଆ ସେଠୁ ବାହାରି ଆସିଲା। ବାହାରେ ଠଣଠଣିଆ କାଳୀ ମନ୍ଦିରରେ ସଂଜ ଘଂଟି ବାଜୁଥିଲା। କୁଂଜିଆର ମନେ ପଡ଼ିଲା, ଏତିକିବେଳେ ତା ଗାଁଆ ଠାକୁରାଣୀ ଚକଡ଼ାରେ ଆଳତି ହଉଥିବ, ଗଉଡ଼ି ବଗୁଡ଼ି ବୋଧହୁଏ ଲୁଗା କାନିଟାକୁ ବେକରେ ଗୁଡ଼ାଇ ମା ବୃନ୍ଦାବତୀଙ୍କ ଚଉରା ମୂଳରେ ସଞ୍ଜବତୀ ଥୋଇ ଦେଇ ଓଳଗି ହଉଥିବ।। ତା ଆଖି ଦି'ଟାରେ ଲୁହ ଢଳୁରି ଆସିଲା।

ଆଗତ ସାଲେ ଖେତ ମରିଯିବାରୁ କୁଂଜିଆ ଭୂଆସୁଣୀ ଝିଅପାକୁ ଘରେ ଛାଡ଼ିଦେଇ କଲିକତା ଆସିଥିଲା। ତାର ଆଶାଥିଲା ବର୍ଷ ଗୋଟାକରେ କିଛି ଟଂକା ପଇସା ଜମେଇ ସେ ପୁଣି ଖେତଜଳୁଡ଼ା ବେଳକୁ ଘରେ'କି ଫେରିବ। କିନ୍ତୁ ଦୁଇବର୍ଷ ବିତିଗଲାଣି। କୁଂଜିଆ ଗାଁଆଁକୁ ଫେରି ପାରୁନାହିଁ। ଗତ ସାଲେ ଟଂକା ପଇସା ଅଭାବ, ଏ ସାଲେ ଛୁଟି ମିଳିଲା ନାହିଁ। ଘର ବାହୁଡ଼ା ଚଢ଼େଇ ବାଟରେ ଅଟକି ଗଲା ପରି ତା' ମନଟା ଏଠି ଏକାରକମ ଚୂନଚୂନା ହେଇଗଲାଣି। ଦିନସାରା କୁହା ରୋଲର ଟାଣି, ରାସ୍ତାର ମାଂକଡ଼ା ପଥର ସାଥିରେ ତାର ସାବଲିଆ ବାହା ଦି'ଟାକୁ ପଥୁରିଆ କରି ସେ ସଂଜବୁଡ଼େ ହାଲିଆ ହେଇ ବସାକୁ ଫେରି ଆସି ଗଉଡ଼ି କଥା, ଅଜା ତା ଗାଁ କଥା ଭାବି ଭାବି ଶୋଇପଡ଼େ। ସେତିକି ହିଁ ଥିଲା ତାର ଝୋଲମରା ଘୋଷରା ଜୀବନ ଭିତରେ ଏକମାତ୍ର ଆନନ୍ଦ।

ଅନେକ ଦିନ ତଳେ, ଆଜିକି ଚାରିମାସ ହବ ନା କଣ, ଧାମାପୁକୁର ଗଳିରେ ଖଂଜେ ରାସ୍ତା ମରାମତି ହେଉଥିଲା। କୁଂଜିଆ ଝାଳ ପୁଛୁ ପୁଛୁ ଦିହରେ ରୋଲର ଟାଣୁ ଟାଣୁ ଦେଖିଲା, ରାସ୍ତା କଡ଼ରେ ଗୋଟିଏ ଭଂଗା ଟିଣଘର ପିଂଡାରେ ବସି ରାଧି ଖରାରେ ବାଳ ଶୁଖାଉଛି ଆଉ ଖଂଡେ ପିଂକା ଟାଣୁଛି। କୁଂଜିଆ ଟିକିଏ ଠିଆହେଇ ତା' ଆଡ଼କୁ ଅନେଇଲା, ତାର ମନେହେଲା ଗଉଡ଼ିର ଗୋଟେ ଉଜଳ ମୂର୍ତ୍ତିକୁ କିଏ ଯେମିତି କାଟି ଆଣି ରାଧି କାନ୍ଧରେ ଲଗେଇ ଦେଇଛି। ସେ ଭାବିଲା, ଗଉଡ଼ି କଣ ଆଉ ସହରେ ଫେରି ଆସିଛି କି! ତାକୁ ଅନ୍ୟମନସ୍କ-ଭାବରେ ପଛରେ ପଡ଼ି ରହିଯିବାର ଦେଖି ସାଂଗ ଭାଇମାନେ ତାକୁ ପଛଆଡ଼ୁ ଠେଲିଦେଇ ପାଟିକରି ଉଠିଲେ—

ହେ ଲେ ସା

କୁଂଜିଆ ହୋସ୍ ଆଇ ଫେର୍ ରୋଲର୍ ଟାଣିବାକୁ ଲାଗିଲା। ରାସ୍ତାର କଂକ୍ରି କଂକ୍ରିଟ୍ ଗୁଡ଼ାକୁ ଚୂନା କରି କୁହାର ରୋଲର ଆଗେଇ ଯିବାକୁ ଲାଗିଲା।

× × × ×

ସେଇ ଦିନ ସଂଜବୁଡ଼େ କୁଂଜିଆ ବସାକୁ ଫେରି ଧୂଆ ଧୋଇ ହେଇ, ସଫା ଲୁଗାପଟା ପିନ୍ଧି, ପ୍ରାୟ ଦି'ବର୍ଷ ପରେ ଏଇ ପହିଲି ଥର ଫେରେଇ କାଟି ରାଧି ସାଂଗେ ଯାଇ ଚିହ୍ନା ପରିଚ ହେଇ ଆସିଲା। ସେ ରାଧିଠୁଁ ବୁଝିଲା, ଘର ତାର ଜଳେଶ୍ୱରରେ, ଛାକୁ ଜଣେ

Digitized by srujanika@gmail.com

କିଏ ଗିରସ୍ତ ପାଖରୁ ଭୁଲେଇ ଆଣି କଲିକତାରେ ଗ୍ରାଣ୍ଡ୍‌ଦେଇ ଯାଇଚି ।

ସେଇଦିନୁ କୁଂଜିଆ ଗାଧି ଭିତରେ ତାର ହଜିଲା ଗଉଘାଲୁ ଫେରି ପାଇଚି । ଦିନଯାକର ହାଡ଼ଭଂଗା ମିହଂତି ପରେ ତାର ଯେତେବେଳେ ଗଉଘା କଥା ମନେ ପଡ଼ି ମନଟା କାଂଦି ଉଠେ, ଆଖି ପତା ଦି'ଟା ଲୁହରେ ଛଳ ଛଳ ହେଇ ଆସେ, ସେତିକବେଳେ ସେ ଗାଧି କତିକୁ ଦୌଡ଼ିଯାଏ । ତା' ଦୁଆରେ ଧକ୍‌କା ମାରି ଡାକେ—ଗାଧି, ଗାଧି, ମୁଁ ଆଇଚି ।

କୁଂଜିଆର ଲୁହା ଗ୍ରେଲର ପରି ଘାରି ଜୀବନଟା ଅନବରତ ପଂକ, କାଦୁଅ, ଗୋଡ଼ି, ପଥର ମାଡ଼ି ଘୂଷୁରି ଘୂଷୁରି ଚାଲି ଶେଷରେ ଦୁଇବର୍ଷ ପରେ ଖୋଜି ପାଇଚି ଗୋଟେ ଦମ୍ ମାରିବାର ଥାନ—ଟିକିଏ ଗ୍ରୁଇ !! ହେଇପାରେ ସେଟା ଖାଲି ଗ୍ରୁଇ, ଭୁଚ୍ଛା ମିଛ, ହେଲେ ତାର ସେଥିରେ ଯାଏ ଆସେ କଣ ? ଅକାମରା ବାଟୋଇର ଭଂଗା ମନ ପରି ତାର ସବୁ କଥା ଏତେ ମାପିଚୁପି ବିଚାର କରିବାକୁ ବେଳ କାହିଁ ?

ବର୍ଷାଦିନ ରାତି । ସେଦିନ କୁଂଜିଆ ଗାଧି ଦୁଆର ମୁହଁରେ ପହଂଚି ଦେଖିଲା, ଭିତରପଟୁ କବାଟ କିଳା ହେଇଚି । ସେ ଭାବିଲା ସରଫ୍ ବୋଲି ଯେଉଁ ମୁସଲମାନ ଡ୍ରାଇଭରଟା ଗାଧି କତିକୁ ଯା'ଆସ କରେ, ସେଇ ବୋଧହୁଏ ଭିତରେ ଅଛି ନା କଣ ? ସେ ଫେରି ଆସୁଥିଲା । କିନ୍ତୁ ଝର୍କା ବାଟେ ତାକୁ ଦେଖିପାରି ଗାଧି ଭିତରକୁ ଯିବାକାଗି ଇସାରା କଲା । ନିଜେ ଆସି କବାଟ ଫିଟେଇ ଦେଇ ତା ହାତ ଧରି ଘର ଭିତରକୁ ନେଇଗଲା ।

ମିଂଜିମିଂଜି ଧୂଆଁ ଳିଆ କିରାସିନ ଆଲୁଅରେ କୁଂଜିଆ ଦେଖିଲା, ଗାଧି କାଂଦୁଛି ।

କୁଂଜିଆ ଗ୍ରଣ ନିସ୍ୱମ ଦେଇ ବହୁତ ଫଟେଇ ଫଟେଇ ବୁଝିଲା ଯେ ସେଇ ମଟରଡ୍ରାଇଭରଟା ଗାଧିକୁ ମଦ ଖାଇବାକୁ ପଇସା ମାଗିଲା । ଗାଧି ନ ଦବାରୁ ତାକୁ ଗୋଟା ଭଂଗା ମଦ ବୋତଲ ଖଟ ତଳୁ ଉଠେଇ ନେଇ ପିଟିଲା । ସେ ଦେଖି ପାରିଲା ଗାଧିର ଖାଇବ ହାତଟା କାଚ ବାଜି ଖଂଡିଆ ହେଇ ଯାଇଚି, କୁଂଜିଆ ଘର ଚ୍ଚାରି ଆଡ଼କୁ କଟମଟ କରି ଅନେଇଲା । ଦେଖିଲା କାଂଥରେ ଗୋଟା ମଇଳା ଚିରା ଅଦି ପଂଜାବୀ ଝୁଲୁଚି । ସେ ପଂଜାବୀ ଦେହରେ କୋଉ କାଳର ପୁରୁଣା ରକ୍ତ ଦାଗ କଳା କଳା ହେଇ ଦେଖା ଯାଉଚି । ଠାଏ ଦି'ଠା ଅଣହୁସିଆରରେ ବଡ଼ ଖାଉ ଖାଉ କିଆଁ ଝାସ ବାଜି ଚେକି ଚେକି ହେଇ କସରା ପଡ଼ି ଯାଇଚି । କୁଂଜିଆ ଭାବିଲା ସେ ଦୌଡ଼ିଯାଇ ସେ କୁର୍ତ୍ତାଟାକୁ ଦାଂତରେ ଚିରି ଭିଣ୍ ଭିଣ୍ କରି ପକାଇବ । ସେ ପଂଜା ଟା ଯେ ସେ ଡ୍ରାଇଭରର ଏ କଥା ଠଉରେଇ ନବାକୁ ତାକୁ ବେଶି ବେଳ ଲାଗିଲା ନାହିଁ ।

ସେ ରାଗରେ ଦାଂତ କାମୁଡ଼ି ପଚାରିଲା—କାହିଁକି ତୁ ସେ ମାତାଲଟାକୁ ଏଠିକି ଆସିବାକୁ ଦଉ ? ତୋର କ'ଣ ମାନ ଇଜ୍ଜତକୁ ଡର ନାହିଁ ?

କୁଂଜିଆଠୁ ଟିକିଏ ଦରଦମିଶା କଥା ଶୁଣି ଗାଧି କହିଁ କହିଁ ହେଇ କାଂଦି ଉଠିଲା ।

Digitized by srujanika@gmail.com

ତାକୁ ତାର ଭୁଲଗୁଡ଼ାକ ଦେଖେଇ ତା ଉପରେ ବରକ୍ତ ହବାପାଇଁ—ତା ଦୁଃଖରେ ଟିକଏ ଗରମ ସହାନୁଭୂତ ଦେଖେଇ ତାକୁ ସବୁ କଥାରେ ପିଲାଂକ ପରି ଗାଳି ମଂଦ ଦେଇ ଆକଟ କରିବା ଲାଗି ସେ ଯେମିତ ବହୁଦନ ପରେ ଆଜ ଦୁନଆଇତରେ ଜଣେ ଲୋକ ପାଇଲା । ତା ପେଟ ଭିତରର ଫଟଲା ଦୁଃଖ ଗୁଡ଼ାକ ଅଖି କୋରଡ଼ ବାଟେ ଉଠୁର ଆସିଲା । ସେ କୁଂଜଆ ଗୁଡରେ ମୁହଁ ଲୁଚେଇ କହିଁ କହିଁ ହେଇ କହଲା—ସବୁଦନେ ସେ ମୋତେ ଖାଲି ପଇସା ମାଗେ । ମୁଁ ନ ଦେଲେ ଯେଉଁ ମତେ ହାତ ଉଠେଇ ମାରେ । ମୋର ଗହଣା ପତର ହେଇ ଯାହା ଦଖଂଡ ଥିଲା, ସବୁ ମତେ ମାଡ଼ ଫିଙ୍ଗିତ ଦେଇ ସେ ମୋଠୁ କୋଉଦନୁ ଛଡ଼େଇ ନେଇ ମଦ ଖାଇ ସାରଲଣି । ଦନେ ଦନେ ମୋ ହାତରେ ପଇସାପଇ ନଥିଲେ ମୁଁ ତାକୁ ନାହିଁ କରିଦଏ । ଯେ କ'ଣ ଶୁଣିବା ଜଂଗ ? ସେ ମୋ ବାକ୍ସ ପେଟରୁ ଖୋଂଗି ଯାହା ଯୋଉଠି ଥାଏ ସବୁ ଜବରଦସ୍ତି କରି ନେଇଯାଏ । ମନାକଲେ ମାଡ଼, ଗାଳି, ଗୋଇଠା । ମତେ ଇଆଭିତରେ ପସ୍ତଣଥର ମାରି ସାରିବଣି ।

ପସ୍ତଣଥର ? ତୁ ମତେ ଆଜଯାଏ ଏକଥା କହନାହୁଁ କଇଁ ? ମୁଁ ସେ ବଦମାସଟାର ଖୁନ୍ ନକାଳି ଦଅଂତଣି । ରାଗରେ କୁଂଜଆ କହଲା ।

ରାଧି କଛି କହଲା ନାହିଁ, ତଳକୁ ମୁହଁ ପୋତ ରହଲା ।

ଏଭଳି ଗୋଟାଏ ଲୋକକୁ ରାଧି କାହିଁକ ଘରେ ପୂରାଏ କୁଂଜଆ ଜମା କଛି ବୁଝି ପାରିଲା ନାହିଁ, ସେ ଜାଣିଥିଲା, ବେଶ୍ୟାମାନେ ପଇସାପାଇଁ ବେଉସା କରଂତ । କଂଗ ରାଧି ପାଖରେ ଦୁସୁରାକଥା ଦେଖି ସେ ତାଜୁବ୍ ହେଇଗଲା, ଖାଲି ବଲବଲ କରି ରାଧି ମୁହଁକୁ ଅନେଇ ରହଲା । ତା'ପରେ ଖଟତଳେ ପଡ଼ିଥିବା ପୋଡା ଖଂଢ଼ଆ ବଡ଼ିଗୁଡ଼ାକୁ ଗୋଡ଼ ବୁଢ଼ା ଆଂଗୁଠିରେ ଅନ୍ୟମନସ୍କ ହେଇ ଦଳିବାକୁ ଲାଗିଲା ।

ଖୋଲା ଝରକାବାଟେ ରାସ୍ତାର ଗ୍ୟାସ୍ ଆଲୁଅ ଆସି ରାଧିର ମଇଳା ବଛଣାଟାକୁ ଉଜାଳି କରି ଦେଇ ଯାଉଥେଲା ।

ବାହାରେ ଝିପି ଝିପି ହେଇ ବର୍ଷା ପଡ଼ିଲା । ଟିଣ ଘର ଉପରେ ସାନ ସାନ ବର୍ଷା ଟୋପାଗୁଡ଼ାକ ବେଶ୍ ଗୋଟାଏ ଛନ୍ଦ ଲଗା ଅଳସ ମିଣା ଆବାଜ ସୃଷ୍ଟି କରିବାକୁ ଲାଗିଲେ । ସେଇ ଆଡ଼କୁ କେତେବେଳ ପର୍ଯ୍ୟଂତ କାନପାତ କୁଂଜଆ କହଲା—ଏମିତ ବର୍ଷାଦନେ ଗଉଣି କ'ଣ କରେ ଜାଣୁ ? ସେ ଉଠାବଢ଼ା ସାରି ଆସି ମୋ ପାଖେ ବସେ । କହେ, ତମେ ଶୋଇପଡ଼, ମୁଁ ତମ ମୁଂଡ ଉପରେ ବସି ସାରା ରାତ ଚେଇଁ ରହବ । ମୁଁ କହେ, ନା, ନା, ତୁ ଶୋଇପଡ, ମୁଁ ତୋ ମୁଂଡ ଉପରେ ବସି ସାରା ରାତ ଚେଇଁ ରହବ । ଶେଷରେ କେହି ଶୋଇ ପାରୁନା, ଖାଲି ସେଇ ପାଣିଚଥା ଅଂଧାର ଆଡ଼କୁ ଚାହିଁ ଦହିଁକ ଦହେଁ ଯେମିତ ଚୁପ୍ ଚୁପ୍ ବସି ରହୁ ।

ରାଧି ଗଂଭୀର ହୋଇଗଲା । ତଥାପି ବାହାରେ ଟିକଏ ହସିବାର ଛଳନା କରି କହଲା—ମୁଁ ତ ଆଉ ଗଉଣି ନୁହେଁ ।

Digitized by srujanika@gmail.com

କୁଂଜଆ କହିଲା—ନୋହୁ ସତ, କିଂତୁ ତତେ ଦେଖିଲେ ମୋର କାହିଁକି ମନେହୁଏ ଯେ ତୁ ବାଘ ନୋହୁ—ତୁ ଗଢ଼ଣ । ତୋ ମୁହଁଟି, ଆଖି ଯୋଡ଼ିକ, ହାତ, ଗୋଡ଼ାଣି ସବୁ ଅବିକଳ ତାରି ପରି, ଏତେ ଟିକେ ବି ତଫାତ୍ ନାହିଁ କେଉଁଠି । ତତେ ଦେଖିଲେ ମୁଁ ସତକୁ ସତ ଗଢ଼ଣକୁ ଭୁଲିଯାଏ ।

ବାଘ ଅଭିମାନ କରି କହିଲା ଓଃ ସେଇଥିପାଇଁ ତମେ ବୋଧେ ମୋ କତିକି ଆସ—ନା ? ମୋ ଚେହେରାଟା ଦେଖିବାକୁ ଗଢ଼ଣ ପରି ହୋଇ ନ ଥିଲେ ତମେ ବୋଧେ ମୋ କତିକି ଆସୁ ନଥାଂତ ଜମା—ନା ?

କୁଂଜଆ ଏତେ ଗମ୍ଭୀର କଥା ଭିତରକୁ ପଶିପାରେ ନାହିଁ । ସେ କଣ ଉତ୍ତର ଦେବ କିଛି ସମୟଯାଏ ଠିକ କରି ପାରିଲା ନାହିଁ । ଶେଷରେ କହିଲା— ନା ।

ଦୁଃଖରେ, ଇର୍ଷାରେ ବାଘର ମୁହଁଟା ଫିକା ପଡ଼ିଗଲା । ସେ କିଛିକ୍ଷଣ ଚୁପ୍ ହୋଇ ରହି କହିଲା, କାହିଁକି ମୋର କଣ ତା'ହେଲେ ନିଜର କିଛି ନାମ ଦାମ ନାହିଁ ? ମୁଁ କ'ଣ ଗୋଟାଏ ଅଲଗା ମଣିଷ ନୁହ ? ମୋର କ'ଣ ନିଜର ତାହେଲେ ଅଲଗା ହୋଇ କିଛି ଗୋଟାଏ ଜିନିଷ ନାହିଁ ?

କୁଂଜଆ ବୁଝି ପାରିଲା, ବାଘ କଣ ଗୋଟା ବଡ ଖାଂଟି କଥା କହୁଚି । କିଂତୁ ତା କଥାରୁ ସେ କିଛି ଭଲକରି ବୁଝିପାରିଲା ନାହିଁ । ସେ କଥାଟାକୁ ବାଆଁରେଇ ଦେବାଲାଗି କହିଲା—ନା, ନା, ମୁଁ ସେମିତି କହୁଥିଲି ନା !

ବାଘ ଗଂଭୀର ହୋଇ କହିଲା—ମୁଁ ତମକୁ ପହିଲୁ ଦେଖିଲାଦିନୁ ତମ ମୁହଁରୁ ଖାଲି ଗଢ଼ଣ ଛଡ଼ା ଅନ୍ୟ କିଛି କଥା ଶୁଣିନାହିଁ । ତମେ ମତେ ହଜାରଥର କହିଚ ଯେ ମୁଁ ଦେଖିବାକୁ କୁଆଡେ ଠିକ୍ ଗଢ଼ଣ ପରି ଆଉ ସେଇଥିପାଇଁ ତମେ ମୋ ପାଖକୁ ଆସ । ଏ କଥା କ'ଣ ସତ ?

କୁଂଜଆ ବୋକାଂକ ପରି ମୁଂଡ ଆଉଁସି ଆଉଁସି ଜବାବ ଦେଲା—ହଁ ସତ ! ମୁଁ ତତେ ଗଢ଼ଣ ପରି ଆପଣାର ଲୋକ ବୋଲି ଭାବେ ।

ବାଘ କହିଲା—ମୁଁ ତମକୁ କହି ଦେଉଚି, ମୁଁ ଗଢ଼ଣର ଛାଇ ନୁହ । ମୁଁ ବାଘ । ମୁଁ କାହାର ନକଲ ନୁହଁ । କାହାରି ନକଲ ହବାକୁ ମୁଁ ଚାହେଁନାହିଁ ।

ବାଘ ଅଭିମାନରେ, ଅହଂକାରରେ ଫୁଲି ଉଠିଲା । ବାଘ ଯେ ବଂଚିଛି, ସେ ଯେ ଗୋଟା ସ୍ୱତଂତ୍ର ମଣିଷ, ଏଇ କଥାଟାକୁ ବଡ଼ ଜୋରରେ ତା'ର ଆହତ ନାଗାଡ଼ି ଆଜି ଘୋଷଣା କରିବାକୁ ଚାହୁଁଥିଲା ସତେ କି ଅବା ! ଯେଉଁ ଶସ୍ତା ଦେହଟାକୁ ସେ ମାଉଁସ ଓଜନ କଲାପରି ବଜାରରେ ବିକି କରେ, ତାରି ଭିତରୁ କିଏ ଯେମିତି ସତେ ପାଟିକରି ଉଠୁଥିଲା—ବାଘ ବାଘ । ସେ କାହାର ନକଲ ନୁହ । ସେ ଗଢ଼ଣ ବା ଅନ୍ୟ କାହାରି ମୁଖାପିଂଧି ତାରି ଦୟାରୁ କୁଂଜଆଠୁ ସ୍ନେହ ସରାଗ ଭିକେଇ ନବାକୁ ଚାହେଁନାହିଁ । ସେ ନିଜେ ଯାହା, ସେଇଥିପାଇଁ ଯେବେ କିଏ ତାକୁ ସୁଖ ନପାଇଲା, ତେବେ ଯେମିତି ସୁଖ

Digitized by srujanika@gmail.com

ଯାଇବାରେ ତାର ଦରକାର କ'ଣ ? ଗରଜ ପଡ଼ିଚ ତା'ର ସେମିତି ଲୋକଂକଠେଇଁ ଯାଇ ଯାଚିଗୁଂଜ ହେଇ ପଶିବାକୁ ? ସେ କାହିଁକି ଅନ୍ୟଠୁ ଧାର ଆଣିଥିବା ଦରବରେ ଇଣକୁ ଭୁଲେଇ ନେଇ ଅଲଗା ମରଦ ହବ ? ଛି ! ଛି !!

କୁଂଜଆ ରାଧି କଥାଗୁଡ଼ାକ ଜମାରୁ କିଛି ବୁଝି ପାରଲା ନାଇଁ ।

× × × ×

କିଛିଦିନ ପରେ କୁଂଜଆ ଯାଇ ଦେଖିଲା, ରାଧି ଦୁଆରେ ଗୋଟାଏ ଶଗଡ଼ ଥୁଆ ହେଇଚ, ଆଉ ରାଧି ଘରଭିତରେ ତାର ଜିନିଷପତ୍ର ସଜାଡ଼ିବାରେ ଲାଗିଚ । ଟ୍ରଂକ ବାକ୍ସ, ପେଟରା, ବିଛଣା ସବୁ ବଂଧା ସରଲାଣି ।

କୁଂଜଆ ଅବାକ୍ ହେଇ ପଚାରଲା—ଇଏ କଣ କରୁଚୁ ରୁ ?

ରାଧି ବିଛଣା ଗୁଡ଼େଇ ସେଥିରେ ଦଉଡ଼ି ବାଂଧୁ ବାଂଧୁ ଜବାବ ଦେଲା—ମୁଁ ଶାମ ବଜାରକୁ ଉଠିଯାଉଚ । ସରଫ୍ ସେଠି ଗୋଟା ଘର ଭଡ଼ା ନେଇଚ, ଆମେ ଦହେଁ ସେଇଠି ଏକାଠି ରହିବୁଁ ।

କୁଂଜଆ କହିଲା—ରୁ ସେଇ ମାତାଲଟା ସାଂଗରେ ଯାଇ ରହିବୁ ? ତତେ ପରା ସେ ଏତେ ମାର୍ ପିଟ୍ କରେ, ତୋର ଗହଣାପତ୍ର ପରା ସେ ଛଡ଼େଇ ନେଇ ବିକ ଭାଂଗ ମଦ ଟାଇ ଦେଇଚ ? ରୁ ସେଇ ବଦମାସ୍‌ଟା ସାଂଗରେ......

ହଁ ସେଇ ବଦମାସଟା ସାଂଗରେ ମୁଁ ରହିବ, ରାଧି କହିଲା । ସେ ମାତାଲ, ମତେ ମାରଧର କରେ ମୁଁ ମାନୁଚ । ହେଂରୁ କାହିଁକି ସିଏ ମତେ ଇମିତି ମାରଧର କରିବାକୁ ସାହସ କରେ ? ମତେ ସେ ନିଜର ବୋଲି ଭାବୁ ନ ଥିଲେ ମୋ ଉପରେ ତାର କଣ ଏତେ ବଳ ପାଆଂତା ? ପରଲୋକକୁ କିଏ କଅଣ କଥା ପଦେ ଟାଣି କରି କହିବାକୁ ସାହସ କରେ ? ମୁଁ ଖାନକି, ମୁଁ ଦାଣ୍ଡଆଣୀ ସତ, ହେଂରୁ ତା ପାଖରେ ମୁଁ ଗୋଟାଏ ଜିଅଂତା ମଣିଷ । ଖାନକୀ ରାଧି ବଂଚଚ ବୋଲି ସେ ଜାଣେ । ସେଇଥିପାଇଁ ମୋର ଭୁଲ ଦେଖିଲେ ସେ ମୋ ଉପରକୁ ହାତ ଉଠାଏ ।

ତାପରେ ସେ ଦର୍ପଣ ସାମନାରେ ନିଜ ଶାଢ଼ିର ପିନ୍ଧଟାକୁ ଠିକ୍ କରୁ କରୁ କହିଲା, ତମ ପାଖରେ ମୁଁ ଗୋଟାଏ ଛାଇ, ଆଉ ଜଣକର ଭୂତ, ତାର ନକଲ...ମୁଁ ନିଜେ କେହି ନୁହଁ । ଏତେ ପର ବୋଲି ଭାବ ତମେ ମୋତେ ?

ତମେ ତ ରାଧିକୁ ଭଲପାଅ ନାଇଁ । ତମେ ତା ଭିତରେ ଗଉରିକୁ ଭଲପାଅ । ନୁହଁ ? ହେଇପାରେ ଗଉରି ତମର ସତୀ ସାବିତ୍ରୀ ଆଉ ହେଇପାରେ ରାଧି ବଜାରର ବେଶ୍ୟା । ହେଲେ ମୁଁ ନିଜେ ଜଣେ କେହି, ଏ କଥାତ ତମେ ବୁଝିଲ ନାଇଁ ଜମା ।

କୁଂଜଆ କଣ ଜବାବ ଦବ ସେଇକଥା ଭାବୁଥେଲା । ହଠାତ୍ ରାଧି କହିଲା— ବାହାରକୁ ଆସ, ମୁଁ ଘର ତାଲା ଦେଇ ଘରବାଲାକୁ ଚାବି ବୁଝେଇ ଦେବ ।

ଶଗଡ଼ବାଲା ଜିନିଷପତ୍ର ନେଇ ଶଗଡ଼ ଉପରେ ରଖିଲା । ରାଧି ଶଗଡ଼ ଉପରେ

Digitized by srujanika@gmail.com

ବସି କୁଂଜଆ ଆଡ଼କୁ ଗୃହିଁ ନୁଗା ପଣତରେ ଲୁହ ପୋଛୁଥିଲା ।

× × × ×

ଛଡ଼ିଆର ଦାନ ବପଦ୍ଧରେ ଘମାଘୋଟ କାମ ଚାଲିଛ । କୁଂଜଆ ଗ୍ରେଲର ଟାଣ୍ଡ ଟାଣ୍ଡ ସମସ୍ତଂକ ସାଂଗରେ ପାଟିକର ଡାକୁଛ—

ହେ ଲେ ସା ।

ଏତକବେଳେ କୁଂଜଆ ଗାଁର ସଦାଂଦ ବେହେରା ଆସି ତା କାନ ପାଖରେ ଖବର ଦେଲା ଯେ—ସେ କଲକତାରେ ଗୋଟାଏ ମାଇକନିଆ ନେଇ ରହିଲାଣି ବୋଲି ଶୁଣି ଗଉରୀ ଦୁଃଖରେ ହେଇ ଗଲାଣି । ଗଲା ମଗୁଣିର ଅମେଇସିଆ ଦନ ସେ କେଉଁଟସାହି ହରିଆ ମାହାରଣା ପୁଅ ଚେମା ମାହାରଣା ସଂଗେ ନଡ଼ା ବଡ଼ାକରେ ବସି ପଡ଼ିଲା ।

କୁଂଜଆ ଦଂଡେ କ'ଣ ଠିଆହେଇ ଭାବିଲା । ତାକୁ ଅନ୍ୟମନସ୍କ ଭାବରେ ପଛକୁ ପଡ଼ିଯାଉଥିବାର ଦେଖି ସାଂଗଭାଇମାନେ ତାକୁ କସିକରି ପଛରୁ ଗୋଟାଏ ଧକା ମାଇଲେ ।

କୁଂଜଆ ପୁଣି ଚେତା ପାଇ ଲୁହାଗ୍ରେଲର ଟାଣ୍ଡ ଟାଣ୍ଡ ପଡାକଂପାଇ ପାଟି କରି ଉଠିଲା—

ହେ ଲେ ସା ।

୦

Digitized by srujanika@gmail.com

ହାତ

ସେ ହାତ ଦେଖେ । ସହରର କାନ୍ଥ ବାଡ଼ରେ ମରା ହୋଇଥିବା ବଡ଼ ବଡ଼ ସିନେମା ପୋଷ୍ଟରଗୁଡ଼ାକ ଛିଂଡେଇ ଆଣି ସେ ରାସ୍ତାରେ ପାଣ ବସି ପଡ଼େ । ତାର ବସିବାର ଜାଗା ଗୋଟାଏ ନୁହଁ । ରାସ୍ତାରେ ଯେତେବେଳେ ଯୋଉଠି ଲୋକ ଗହଳି ହୁଏ, ସେ ସେଇଠିକି ଆସ୍ଥାନ ଉଠାଇ ନେଇ ପସରା ମେଲି ବସେ । ପସରା ବୋଇଲେ ଖଂଡେ ଚିରା ମଇଲା କନାର ବସ୍ତାନି । ତା'ଭିତରେ କୋଉକାଳର ପୁରୁଣା, ତେଲ ଚକଟା ଲୁଗା, ଖଂଡେ ସାତଖଂଗର ସାମୁଦ୍ରିକ ବହି । ବହିର ପୃଷ୍ଠା କଡ଼ସବୁ ମୋଡ଼ିମାଡ଼ି ହୋଇ ବଂକାଡଂକା ହୋଇ ଗଲେଣି, ମଲାଟ ଉପରେ ଖବର କାଗଜ ଖଂଡକର ଅକ୍ଷର ହାତଘଷିଆ ଆଉ ମଇଲା ସାଲୁବାଲୁ ହୋଇ ଜମାରୁ ପଢ଼ି ହଉନାହିଁ । ବହିର ପ୍ରଥମ ପୃଷ୍ଠାରେ ମରା ହୋଇଥିବା ଜଳଛବି ଖଂଡକର ଫାଳେ କୁଆଡ଼େ ଉଡ଼ିଯାଇଥିବାରୁ ଛବିଟାର ଅର୍ଥ ମଧ୍ୟ ବୁଝି ହଉନାହିଁ ।

ସେ ବହିଖଂଡକ ଛଡ଼ା ବସ୍ତାନି ଭିତରେ ଅଛି କଟକ କୋହିନୁର ପ୍ରେସରେ ଗ୍ରଫା ଖଂଡେ ହନୁମାନ ପ୍ରଶ୍ନ, ଖଂଡେ ଖଡ଼ିରତ୍ନଂକ ପକେଟ ପଂଜିକା, ଖଂଡେ ସିଲଟ, ଖଂଡେ ଜଗନ୍ନାଥ ଗ୍ରଫା, ଆଉ ଜଣେ ମୃତ ଧାପଟି କଲଟର ଦେଇଥିବା ଖଂଡେ ଟିଣବଂଧେଇ ସାର୍ଟିଫିକେଟ ।

ବସ୍ତାନିଟି ଖୋଲି ସେ ପହିଲୁ ଟିଣବଂଧା ସାର୍ଟିଫିକେଟ ଖଂଡକୁ ନିଜ ମଳି ଗାମୁଛାରେ ପୋଛି ସମସ୍ତଂକ ଆଖି ପଡ଼ିବା ଜାଗାରେ ଭଲ କରି ଥୋଇଦିଏ । ତା'ପରେ ଧନରଂଗିଆ ଜଗନ୍ନାଥ ଗ୍ରଫା ଖଂଡକ କାଢ଼େ । ସିଂଦୁର ଆଉ ଚଂଦନ ଲଗି ହୋଇ ଠାକୁର ଧନଢକଣ ପୋତ ହୋଇ ପଡ଼ିଲେଣି । ସେ ଗ୍ରଫାଟିକୁ ଥରେ ମୁଂଡରେ ଛୁଆଁଇ ବସ୍ତାନି ଆଗରେ ରଖିଦିଏ । ତା'ପରେ ତାର ଟିକଟିକ ଗହିଡ଼ା ଆଖି ଯୋଡ଼ିକ ଟେକ ସେ ଲୋକ ଯା'ଆସ ଲକ୍ଷ୍ୟ କରେ—ଭିଡ଼ ଭିତରକୁ ଅନାଇ ରହେ ।

ତାର ଲଂବା ହାଡ଼ୁଆ ଦେହଟା ଉପରେ ପଡ଼ିଥାଏ ଖଂଡେ ପୁରା ନାମାବଳୀ । କନା ଖଂଡକ ପବନରେ ଏଣେ ତେଣେ ଉଡ଼ିଗଲେ ତା' ଛାତିର ବଡ଼ ବଡ଼ ହାଡ଼ଗୁଡ଼ାକ କଳା କଳା ଲୋମ ଭିତରୁ ସଫା ବାରି ହୋଇ ଦିଶଂତି । ତାର ଲଂବା ବାଳକେରାକ କାନ ଉପରୁ ଟେକାହୋଇ ପିଠି ଉପରକୁ ଝୁଲି ପଡ଼ିଥାଏ । କାନରେ ସବୁବେଳେ ଖୋଷିଥାଏ ସେ ଗୋଟାଏ ଦରମଉଳା ନାଲି ଟହଟହ ଗେଂଡୁଫୁଲ ।

ଦିନର ଅଧିକାଂଶ ସମୟ ତାକୁ ଅଦାଲତ ପାଖରେ କିଂବା କଲଟର କଚେରି ସାମନା ଓସ୍ତଗଛ ମୂଳରେ ବସିବାର ଦେଖାଯାଏ । ପରୀକ୍ଷାବେଳେ ସେ ସହରର କେରୁଟି ଇସ୍କୁଲ

ହତାରେ ଆସ୍ଥାନ ଜମେଇ ବସେ । କିଏ ମକଦ୍ଦମା ଜିଣିବ କି ନାହିଁ, କାହାକୁ କେତେ ମିଆଦ ହେବ, କାହାର ଏ ସାଲେ କଳସଣ୍ଠା ହେବ କି ନାହିଁ, ଏଇପରି ନାନା ବିଷୟରେ ନାନା ଲୋକେ ତା ସହିତ ପରାମର୍ଶ କରିବାକୁ ଆସନ୍ତି । ଅନୁକୂଳ ଆଦାୟ ହେଇ ପାଇଲେ ସେ ଯାହାକୁ ଯିମିତି କହିବାର କଥା, ହାତ ଦେଖି କିମ୍ବା ସିଲଟରେ କୋଷ୍ଠି କାଟି ଚୁମ୍ବକରେ କହି ଦିଏ । କଥାଟା ବାଜିଗଲେ କେବେ କେବେ ଆଉରି ଦି ଚାରି ପଇସା ଗ୍ରାହକମାନେ ଖୁସି ହେଇ ବେକ୍‌ଠୋକ୍ ଗଣି ଦିଅନ୍ତି । ପଇସାତକ ମୁଣ୍ଡରେ ଲଗେଇ ସେ ଗୋଟେ ମୁଦା ଟିଣ ବାକ୍ସ ଭିତରକୁ ଗଳେଇ ଦିଏ । କୌଣସି କୌଣସି ଗାଉଁଲି ଥିଲାବାଲା ଲୋକ ହାବୁଡ଼େ ପଡ଼ିଲେ ସେ ମକଦ୍ଦମା ଜିତେଇ ଦବା ନାଗି, ମଶାଣିରେ ଫକାଂଡ ଦିନ ଚଂଡୀପୂଜା କରି ଦେଉଁରିଆ ତିଆରି କରି ଦବାପାଇଁ ବେଶ ମୋଟା ରକମର ଅଂଟାଖୋଷା ମଧ୍ୟ ଆଦାୟ କରି ନିଏ ।

ସେଦିନ ଦୁଦୁହୁଦିଆ ଦିପହର । ରବିଦିନ । କାଠଯୋଡ଼ିର ତତଲା ବାଲି ଉପରେ ପହଁରି ପହଁରି ଜ୍ୟେଷ୍ଠ ମାସର ଖରଫୁଟା ଝାଂଜି ପଲସି ଆସୁଥାଏ । କିଲଟର କଚିରି ପାଖ ନଈବଂଧ ଉପରେ ଉଚା ଉଚା ଗଛ ଭିତରେ କେଇଟା ବାଦୁଡ଼ି ଖରାରେ ଦରସିଝା ହେଇ ଚିଁ ଚିଁ ଶବ୍ଦ କରୁଚଂତି । ଗୋଟାଏ ରୋଗଣା ବୁଲା କୁକୁର ଭୋକ ଆଉ ଖରା ତକଲିରେ ଆଉଟୁ ପାଉଟୁ ହେଇ ଝଂଜେ ଚେକା ଗଛ ମୂଳରେ ଗୋଡ଼କାତ ନଂବେଇ ଶୋଇପଡ଼ି ଜିଭ ହାଲୁ ହାଲୁ କରି ଧଇଁ ପେଲୁଚି ।

ଗୋଟେ ସରୁ କାଳିଆ ହାତ ଆସ୍ତେ ଆସ୍ତେ ଜ୍ୟୋତିଷଂକ ଆଡ଼କୁ ଲଂବି ଆସିଲା । ହାତଟାରେ ପଲେ ବି ମାଉଁସ ନାହିଁ, ଖାଲି ମୁନିଆ ମୁନିଆ କେଇଖଂଡ ହାଡ଼, ଗୁଡ଼ାଏ ବଡ଼ ବଡ଼ ରୁମ ଆଉ ଚମ ତଳେ କେଇଟା ଗହିଡ଼ିଆ ନେଳିଆ ଶିରା । ରକ୍ତହୀନ ଅଂଗୁଠି ଆଗରେ ଅସନା ନଖଗୁଡ଼ାକ ମଇଳା କଟ କଟ ଦିଶୁଚି ।

ହାତ ପାପୁଲିଟାକୁ ଅନେକ ବେଳଯାଏ ସେ କଣ ପରୀକ୍ଷା କଲା । ତା'ପରେ ସେ ତାର ଦାଢ଼ି ନିଶର ଜଂଗଲ ଭିତରୁ ହାତ ଦେଖଉଥିବା ଲୋକଟିର ମୁହଁଆଡ଼କୁ ଟିକିଏ ତଳେଇ କରି ଚାହିଁଲା । ଲୋକଟାର ଶୁଖିଲା ପାଉଁଶିଆ ମୁହଁଟା ଗୋଟାଏ ଅଜ୍ଞାତ ଆଶଂକାରେ ଆହୁରି ବେଶି ପାଉଁଶିଆ ପଡ଼ିଗଲା ।

କଣ ହେଇଚି ?

କାଶ ଉଠିବାରୁ ଲୋକଟା ହଠାତ୍ କିଛି ଜବାବ ଦେଇ ପାରିଲା ନାହିଁ । ସେ ବେଦମ ହେଇ ବହୁତ ବେଳଯାଏ ଖୁଁ ଖୁଁ ହେଇ କାଶିବାକୁ ଲାଗିଲା, ତାପରେ ତାର ମୁହଁବାଟେ ବାହାରି ଆସିଲା ଅଂଜୁଳାଏ ରକ୍ତ । ତାର ଦଦରା ଛାତିର ଭଂଗା ହାଡ଼ଗୁଡ଼ାକ ମଝିରୁ ସତେକି ଦୁଇଖଂଡ ହେଇଗଲା ପରି ଜଣାଗଲା । ସେ ଅଣନିଶ୍ୱାସୀ ହେଇ ଦୁର୍ବଳତା ଯୋଗୁଁ ଖାଲି ବରଡ଼ାପତ୍ର ପରି ଥରିବାକୁ ଲାଗିଲା ।

କଠିନ କଂଠରେ ହାତଦେଖାଳି ଜ୍ୟୋତିଷ କହିଲେ—ତମେ ନ କହିଲେ

Digitized by srujanika@gmail.com

କଣ ହେବ, ତମ ହାତ କହୁଚି ଯେ ତମର ରାଜଯକ୍ଷ୍ମା ହେଉଚି । ତମ ଆୟୁରେଖା ବଡ଼ ଦୁର୍ବଳ ହେଇ ଯାଉଚି ।

ଲୋକଟାର ରକ୍ତହୀନ ବିବର୍ଣ୍ଣ ମୁହଁ ଉପରେ ହଠାତ୍ ଯିମିତ କିଏ ମେଂଗୃଏ କାଳି ବୋଳି ଦେଇଗଲା । ଗୋଟାଏ ଅଦୃଶ୍ୟ ଭବିଷ୍ୟତର ଅଶୁଭ ଇଙ୍ଗିତରେ ତାର ସାରା ଦେହଟା ଶୀତେଇ ଉଠିଲା । ଭୟରେ ଗ୍ରୁଢଟା ତାର ଆଉରି ଜୋରରେ ପଡ଼ିଲା ଉଠିଲା । ପୁଣି ବେଶି ଜୋରରେ ଏଥର ତାର କାଶ ଉଠିଲା ।

ଜ୍ୟୋତିଷ ତାର ପାପୁଲିଟି ନେଇ ଆୟୁ ରେଖାଟାକୁ ଖୁବ୍ ଜୋରରେ ନିଜ ଆଂଗୁଠିରେ ଦଳିବାକୁ ଲାଗିଲେ । ତାପରେ ସେ ଖୁବ୍ ନିରେଖି କରି ସେଇଟାକୁ ଚାହିଁଲେ ।

ତାଂକର ଭାବ ଭଂଗିରୁ ଜଣାଯାଉଥିଲା, ଯିମିତ ସେଇ ମଇଳା ହାତର ସରୁ ରେଖାଟା ଗୋଟାଏ ପୋତା ନାଳର ଧାର । ପଡ଼ିଆ ଦହରେ କେଉଁଠି ମିଶି ହଜିଗଲା ପରି ହଠାତ୍ କୁଆଡ଼େ ସେଇ ପାପୁଲି ଭିତରେ ନିଭି ସମତଳ ହେଇ ଯାଇଚି । ଆଉ ସେ ଯିମିତ ସେଇ ପାପୁଲିଟାକୁ ସଫା କରି ତା ଭିତରୁ ସେଇ ନିଭିଲା ରେଖାଟାକୁ ଖୋଳି ବାହାର କରିବାକୁ ଚେଷ୍ଟା କରୁଚଂତି ।

ଜ୍ୟୋତିଷଂକ ଆଖିରେ ରେଖାଟା ଧରା ଦଉ ନାହିଁ ଦେଖି ରୋଗୀଟି ଅଧିକ ନିସ୍ତେଜ ହେଇ ପଡ଼ିଲା; ତାର ଶୁଖିଲା ଆଖିପତା ଦୁଇଟା ତଳରେ ବେଶି ବେଶି ଗହ୍ୱଡ଼ିଆ ଦେଖାଗଲା । ତାର ସାନ ମଇଳା ମୁହଁଟା କ୍ରମେ ଛୋଟ ହେଇ ଯାଇ ଗୋଟିଏ ସାନ ପିଲାର ମୁହଁ ପରି ଜଣାଗଲା ।

ମୁଁ କଣ ତା'ହେଲେ ବଂଚିବି ନାହିଁ ଅବଧାନେ ?

ବହୁତ ସମୟ ପରେ ନିଜର ଭାବାବେଗକୁ ସଂଭାଳି ରୋଗୀଟି ପଚାରିଲା । କଂଠରେ ତାର ଉତ୍କଂଠାର ଚରମ ।

ଜ୍ୟୋତିଷ ହାତଟାକୁ ଆଉ ଟିକିଏ ଭଲ କରି ଦେଖିଲେ । ତା'ପରେ କଣ କହିବେ ବୋଲି ମୁହଁ ଟେକିଲେ । ତାଂକ ଓଠରେ କ୍ରୁର ଉଦାସୀନ ହସ—ଆଖି ଦୁ'ଟାରେ ଅଦୃଷ୍ଟର ନିଷ୍ଠୁର ବିଦ୍ରୂପ ପରି ଗୋଟାଏ ତୀକ୍ଷ୍ଣ ଇଂଗିତ !

ରୋଗୀର ଆଉ ତାଂକ ମୁହଁକୁ ଅନେଇବାକୁ ସାହସ ହେଲାନାହିଁ । ସେ ତଳକୁ ମୁହଁ ପୋତି ଦେଲା । ଦେଖିଲା ତଳେ ଥୁଆ ହେଇଚି ସେଇ ଧନରଂଗିଆ ଜଗନ୍ନାଥ ଛପାଟା । ଚଂଦନ ଆଉ ସିଂଦୁରର ପାହାଡ଼ ତଳେ ସେଇ ଦୁର୍ବୋଧ୍ୟ ଦେବତାଂକର ଅସ୍ପଷ୍ଟ ମୂର୍ତ୍ତିଟା ତାର ଅଦେଖା ଭବିଷ୍ୟତ ପରି ତା ଆଖିକୁ କଳା ଆଉ ରହସ୍ୟମୟ ଦିଶିଗଲା । ସେ ଆଉ ଠାକୁରଂକ ଆଡ଼କୁ ଚାହିଁପାରିଲା ନାହିଁ । ସେଠାରୁ ଆଖି ଫେରାଇ ନେଇ ସେ ବସ୍ତାନି ଭିତରେ ଥିବା ବହିଗୁଡ଼ାକୁ ଅନାଇବାକୁ ଲାଗିଲା । କଳା ମସିଆ ବହିର ପୁରାତନ ପୃଷ୍ଠାଗୁଡ଼ାକ ତା ମନରେ ଆଉରି ଭୟ ସଂଚାର କଲେ । କୋଉ ଅନାଦି କାଳର ମଇଳା ଆଉ ତେଲିଆ ଗଂଧ ଭିତର ସେଇ ବହିର ଦରନିଭିଲା ଅକ୍ଷରଗୁଡ଼ାକ ତାକୁ ତାର ନିଭିଆସୁଥିବା ଝାପ୍‌ସା-ଅସ୍ଥିର

Digitized by srujanika@gmail.com

କଥା ସ୍ମରଣ କରାଇ ଦେଲେ । ସେ ତରତରରେ ସେଠୁ ପୁଣି ଆଖି ଫେରାଇ ନେଇ ସିଲଟଟାକୁ ଦେଖିବାକୁ ଲାଗିଲା । କଳା ସିଲଟ ଉପରେ ଲେଖା ହୋଇଥିବା ଅଙ୍କୁଆ ବଙ୍କୁଆ ଦୁର୍ବୋଧ ଗାରଗୁଡ଼ାକରୁ ସେ ଜମା କିଛି ବୁଝି ନ ପାରିଲେ ମଧ୍ୟ ସେଇ ଅବୁଝା ଅଂକନଗୁଡ଼ିକୁ ଭିନ୍ନ ଭିନ୍ନ କରି ପରୀକ୍ଷା କରିବାକୁ ଲାଗିଲା ।

ଜ୍ୟୋତିଷ ଗଳାଖଂକାର ମାରିଲେ·· ··· ।

ରୋଗୀଟି ବୁଝି ପାରିଲା ସେ ଏଥର କ'ଣ କହିବେ । କିଛି ଶୁଣିବାପାଇଁ ତାକୁ ଡର ମାଡ଼ିଲା । ସେ ମୁହଁ ଟେକି ଥରେ ଜ୍ୟୋତିଷଂକ ଆଡ଼କୁ ଚାହିଁଲା । ଜ୍ୟୋତିଷଂକ ଚଉଡ଼ା କପାଳର ଦୁଇ କଡ଼ରେ ଯେଉଁ ଉଗ୍ର ଉଗ୍ର ଶିର ଦୁଇଟା ଶିଂଘ ପରି ଚମଡ଼ା ଭିତରୁ ଫୁଟି ବାହାରିଚି, ସେ ଦୁଇଟା ହଠାତ୍ ଟିକିଏ ଥରି ଉଠିଲେ । ତାଂକ କାନରେ ଖୋଷା ହୋଇଥିବା ନାଲି ଗେଂଡୁ ଫୁଲଟା ହଠାତ୍ ଟିକିଏ ହଲିଗଲା । ସେ କଥା କହିଲେ । ତାଂକର ପ୍ରସିଦ୍ଧ ଗାଲ-ହାଡ଼ ତଳେ ଦିଶୁଥିବା ମାଉଁସର ଗହ୍ୱରିଆ ଗାତ ଦୁଇଟା ହଠାତ୍ ପୂରିଉଠି ପୁଣି ଖାଲି ହୋଇଗଲା । ମୁହଁର ମାଂସପେଶୀଗୁଡ଼ାକ ଫୁଲି ଉଠିଲା । ରୋଗୀଟି ଶୁଣିଲା ତାଂକ କଂଠର ଆବାଜ—

ତମ ହାତ କହୁଚି—

ତାର ହାତ କଣ କହୁଚି ? କେଉଁ ଭୟଂକର ଇତିହାସ ସେଥିରେ ଲେଖା ଅଛି, ତାହା ଶୁଣିବା ଲାଗି ତାର ଜମା ଇଚ୍ଛା ହଉ ନ ଥିଲା । ତଥାପି ତାକୁ ଶୁଣିବାକୁ ହେଲା ।

ଜ୍ୟୋତିଷ କହିଲେ—ତମର ଗୋଟିଏ ମାର୍କ ଅଛି । ଶୁକ୍ରମହାଦଶାଂକ କ୍ଷେତ୍ରଟା ତମ ହାତରେ ତଳକୁ ତଳକୁ ପଶି ଯାଉଚି । ଏହା ସ୍ୱାସ୍ଥ୍ୟ ପକ୍ଷରେ ଭଲ ନୁହେଁ ।

ରୋଗୀଟି କଳାକାଠ ପଡ଼ିଗଲା । ବିଚାରକଂକ ମୁହଁରୁ ମୃତ୍ୟୁଦଂଡ ଶୁଣିବା ଆଗରୁ କାଠଗଡ଼ାରେ ଆସାମୀର ମୁହଁ ଯିମିତି ଶୁଖି ଚୈତଲି ପଡ଼ିଯାଏ, ରୋଗୀଟି ଠିକ୍ ସେମିତି ଶୁଖି ବିବର୍ଣ୍ଣ ହୋଇଗଲା ।

ତାର କାଶର ବେଗ ଭୟଂକର ଭାବରେ ବଢ଼ି ଉଠିଲା । ସେ କାଶି କାଶି ଲେସ୍ତ କୋସ୍ତ ହୋଇ ଭୂଇଁ ସାଉଁଟିବାକୁ ଲାଗିଲା ।

କିଛି ସମୟ ପରେ ସେ ପୁଣି ଥିର ହୋଇ ବସିଲା । ପଚାରିଲା—

ମୁଁ କେତେଦିନ ବଂଚିବି ? ଏ-ସୁ ମାଘମାସରେ ମୋ ଝିଅକୁ ବାହା ଦେବି ବୋଲି ଦିନ ଧରିଚି । ସେଇ ଗୋଟିଏ ବୋଲି ପିଲା, ଗୋରୁ ନାଂଗୁଡ଼ରେ ବକଟେ ହବ । ତାକୁ ହାତକୁ ଦିହାତ କରି ଦେଲେ ମୋର ଅବଧାନେ ଛୁଟି । ତମକୁ ନେହୁରା ହେଉଚି, ଟିକିଏ ଭଲକରି ହାତ ଦେଖି କହନ୍ତ ଦେଖି ମୁଁ ଆଉ ମାସ ଚାରିଟା—

ତା କଂଠସ୍ୱର ଥରୁଥିଲା । ତାର ଅସହାୟ ଭାବ ଦେଖି ଜ୍ୟୋତିଷଂକର ନିର୍ମମ ମୁହଁରେ ଟିକିଏ ଉତ୍ତାପ ଫେରି ଆସିଲା । ସେ ଥତମତ ଖାଇଗଲେ ।

ତାଂକର କଳା ଦାଢ଼ି ଉପରେ ଜଳୁଥିବା ଆଖି ଦିଟା ମମତାରେ ଟିକିଏ ଉଜ୍ଜ୍ୱଳ

Digitized by srujanika@gmail.com

ଦେଖାଗଲା । ସେ କଣ କହିବେ ଟିକିଏ ଭାବିବାକୁ ଲାଗିଲେ । ତାପରେ ବହୁତ ବେଳଯାଏ ବହି ଦେଖି, ଢୋକ ଗିଳି ଟିକିଏ ମୁରୁକି ହସା ଦେଇ କହିଲେ—

ଭୂ ଅନେକ ଧନ ବଂଚିବୁ । ଆସନ୍ତା ଦୁଇ ବର୍ଷ ଭିତରେ କେହି ତୋ ଧନରେ ଧାଗଟାଏ ବି ଟାଣି ପାରିବ ନାହିଁ । ମା ଚଂଡୀଂକ ଦୟାରୁ ତୋର ସବୁ ରୋଗ ବୈରାଗ କୁଆଡ଼େ ଚାଲି ଦେଲାପରି ଉଭେଇ ଯିବ । ଭୂ ଏଇ ଅଷ୍ଟଧାତୁ ମଂତ୍ରସିଦ୍ଧ ତେଉଁରିଆ ବାଂଧ । ନେ, ପଣାସଙ୍କାଂଠ ଧନ ବହୁତ ଗୁଣି ଗାରୁଡ଼ି କରି, ନିଜ ଖାଇବା ହାତରୁ ରକ୍ତ ବଳିଦେଇ ମଶାଣି ଚଂଡୀ ପାଖରୁ ସିଦ୍ଧକୁ ଆଣିଛି । କାଟ ପାଣିପରି ସବୁ ବଡ଼ ବଡ଼ ରୋଗକୁ ଏ ତେଉଁରିଆ ଆସ୍ତ କରି ଦବ ।

ସେ ରୋଗୀର ଖାଇବା ବାହାରେ ତେଉଁରିଆଟିକୁ ମଂତ୍ରରେଇ ଡୋରି ଖଂଡକରେ ବାଂଧି ଦେଲେ । ରୋଗୀଟିର ବିବର୍ଣ୍ଣ ମୁହଁରେ ପୁଣି ରକ୍ତ ଫେରି ଆସିଲା । ତାର ମଇଳା ଗାଲରେ ମାଂସର ଝଲକ ଦେଖାଗଲା । ହସରେ ଆଖି ଦ'ଟା ତାର ପୁଣି ନାଚ ଉଠିଲା । ସେ ଖୁସି ହୋଇ ଜ୍ୟୋତିଷଂକ ଗୋଡ଼ତଳେ ମୁଂଡଆ ମାରି କହିଲା—

ସତରେ, ସତରେ ମୁଁ ଭଲ ହୋଇଯିବ ଗୋସେଇଁ ମହାପୁରୁ ? ସବୁ ଠାକୁରଂକ ଇଚ୍ଛା । ଗତ ସାଲେ କେତେ ସିହଂତ କରି ପଢ଼ୁଆ ଭୂଇଁ ଧମାଣକରେ ଗାର ଦେଇ ଉଠିଆ କରିଥିଲି । ଠାକୁରେ ମୋତେ ବର୍ଷେ ଶୁଇଟା ବଂଚେଇ ରଖିଲେ ସେଥିରୁ ସର୍ବ ମୁଁ ସୁନା ଫଳେଇବ !!

ତାପରେ ସେ ଠାକୁରାଣୀଂକ ପୂଜା ପାଠ ପାଇଁ ଗୋଟିଏ ଟଂକା ଜ୍ୟୋତିଷଂକ ଗୋଡ଼ତଳେ ରଖିଦେଇ ସେଠୁ ଚାଲିଗଲା । ତାର ଚାଲିରୁ ମନେହେଲା, ତାର ଅସାଧ ବେମାରି ସତକୁ ସତ ଯେମିତ କିଛି ସମୟ ପାଇଁ ଭଲ ହୋଇ ଯାଇଛି । ତା ଭାବଭଂଗୀ କଥାବାର୍ତ୍ତାରେ ବଂଚିବାର ଉତ୍ତପ୍ତ ଆଗ୍ରହ ପୁଣି ଏତେ ଜୋରରେ ଫୁଟି ଉଠିଲା ଯେ ତାର ସାଂଗସାଥୀମାନେ ତାକୁ ସେଦିନ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।

ଜ୍ୟୋତିଷ ତା ଖୁସିରେ ନିଜେ ଖୁସି ହୋଇ ତାକୁ ଆଶୀର୍ବାଦ କଲେ—

"ମା ମାଶାଣିଚଂଡ଼ୀ ତୋର ମଂଗଳ କରଂତୁ ।"

ରୋଗୀଟି ଚାଲିଯିବା ପରେ ମୋର ସାରା ଅଂତରଟା ସେଇ ହାତଦେଖାଳି ଜ୍ୟୋତିଷର ପେଶାଦାରୀ ଭଂଡାମୀ ବିରୁଦ୍ଧରେ ଘୃଣା ଆଉ ରାଗରେ ପୂରି ଉଠିଲା । ମୁଁ ତାକୁ ପୁଲିସରେ ଦବା ଲାଗି ମନେ ମନେ ସଂକଳ୍ପ କରି ସେଦିନ ସେଠାରୁ ଚାଲି ଆସିଲି । ସେଇଦିନୁ ମୁଁ ସେଇ ଜ୍ୟୋତିଷର ଗତିବିଧି ବିଶେଷ ସତର୍କତାର ସହିତ ଲକ୍ଷ୍ୟ କରିବାକୁ ଲାଗିଲି ।

ତା'ପରେ ଦିନେ । ପୁଷ ମାସର ଓଦାଳିଆ ଅପରାହ୍ନ ଧୂଆଁଳିଆ ଆକାଶ ଦେହରେ ଧୀରେ ଧୀରେ ନିଭି ଆସୁଚି । ମୁଁ ଯାଉଁ ଯାଉଁ ଦେଖିଲି କଲେଜ ପାଖରେ ଗୋଟିଏ ଗଛମୂଳେ ବସି ସେଇ ଜ୍ୟୋତିଷଟା ଜଣେ ଯୁବକର ହାତ ଦେଖୁଚି ।

ଯୁବକଟି ବୋଧହୁଏ କଲେଜର ଛାତ୍ର । ବୟସ ଅନୁପାତରେ ତାର ଶରୀରର ଗଠନ

Digitized by srujanika@gmail.com

ଅତ୍ୟଂତ ରେଗା ଆଉ ଦୁର୍ବଳ ବୋଧ ହଉଚ । ଗ୍ରନ୍ଥଟିର ସ୍ୱପ୍ନପ୍ରବଣ ଆଖି ଦୁଇଟି ଭିତରେ ସ୍ତିମିତ ତାର ଜୀବନର ବ୍ୟର୍ଥ ଇତିହାସ ପ୍ରକାଶ ଲାଭ କରୁଚି ।

ଗ୍ରନ୍ଥଟି ପଚାରିଲା—ତମେ କହ, ସେ ମୋତେ ଭଲ ପାଏ କି ନାହିଁ ?

ଜ୍ୟୋତିଷ ମୁରୁକି ହସି ଗ୍ରନ୍ଥଟିର ବ୍ୟାକୁଳତା ଲକ୍ଷ୍ୟ କଲେ । ତାର ସମସ୍ତ ମନସ୍ତତ୍ତ୍ୱ ତାଂକର ତୀକ୍ଷ୍ଣ ସତର୍କ ଦୃଷ୍ଟି ଆଗରେ ମୁହୂର୍ତ୍ତକରେ ଅଭିବ୍ୟକ୍ତ ହୋଇ ପଡ଼ିଲା ।

ସେ ହାତଟାକୁ କିଛି ସମୟ ଓଲଟ ପାଲଟ କରି କହିଲେ—ତମ ହାତରେ ଗୃହଟା ଶଂଖ ଅଛି । ପାଂଚଟା ଶଂଖଥିଲେ ରାଜ୍ୟଲାଭ, ଧନଲାଭ, ଆଉ ପୁତ୍ରଲାଭ ନିଶ୍ଚୟ ।

ଅସହିଷ୍ଣୁ ଭାବରେ ଗ୍ରନ୍ଥଟି କହିଲା—ମୋର ରାଜ୍ୟ, ଧନ, ପୁତ୍ର କିଛି ଦରକାର ନାହିଁ । ତମେ କହ, ମୁଁ ତାକୁ ପାଇବି କି ନାହିଁ ? ମୁଁ ତାକୁ ଭଲପାଏ । କିନ୍ତୁ ମନେ ମନେ ଭଲପାଏ । ମୁଁ ତାକୁ କେବେ ଭଲପାଏ ବୋଲି କହିନାହିଁ । କହିବି ବି ନାହିଁ ।

ବୃଦ୍ଧ ଜ୍ୟୋତିଷ ସବୁକଥା ମୁହୂର୍ତ୍ତକରେ ଠଉରାଇ ନେଲେ । ଏଭଳି ପ୍ରେମର ପରିଣତି ଯେ କେଉଁଠି, ଏକଥା ବୁଝିବାକୁ ତାଂକୁ ମିନିଟିଏ ସୁଦ୍ଧା ବିଳଂବ ହେଲା ନାହିଁ ।

ହଠାତ୍ ଜ୍ୟୋତିଷ ବଡ଼ ଗଂଭୀର ହୋଇଗଲେ । ଜିଜ୍ଞାସାକାରୀର ଉତ୍କଂଠା ବଢ଼ାଇବା ନୀତି ଯେତେଦୂର ସଂଭବ ବିଳଂବ କରି ଅନେକବେଳ ପରେ କହିଲେ—

ତମ ହାତ କହୁଚି—

କଣ କହୁଚି ? ଉତ୍‌ଗ୍ରୀବ ହୋଇ ଗ୍ରନ୍ଥଟି ପଚାରିଲା । ତାର ବ୍ୟାକୁଳ କଂଠସ୍ୱରରୁ ମନେ ହେଉଥିଲା, ସତେକି ସ୍ତିମିତ ଜ୍ୟୋତିଷଂକ କଥା ପଦକରେ ତାର ସମସ୍ତ ଭବିଷ୍ୟତ ଝୁଲୁଚି । 'ତମ ହାତରେ ବିଳଂବରେ ବିବାହ ଲେଖୁଚି ।' ଜ୍ୟୋତିଷ ଉତ୍ତର ଦେଲେ ।

ଅସହିଷ୍ଣୁ କଂଠରେ ଗ୍ରନ୍ଥ କହିଲା—ମୁଁ ବିବାହକୁ କେୟାର କରେ ନାହିଁ । ମୁଁ ବିବାହ କରିବାକୁ ଚାହେଁନାହିଁ । ମୁଁ ଚାହେଁ ତାକୁ ଭଲ ପାଇବାକୁ । ବିବାହଟା ତା ତୁଳନାରେ କେଡ଼େ ତୁଚ୍ଛ ଜିନିଷ । କହ ତମେ, ସେ ମତେ ଭଲ ପାଇବ କି ନାହିଁ ? ସେତିକି କେବଳ ମୋର ପ୍ରଶ୍ନ —

ଜ୍ୟୋତିଷ ନୀରବ ହେଲେ । ଅନେକ ବେଳଯାଏ କଣ ରେଖା କାଟି ଆଂଗୁଠିରେ ଗଣାଗଣି କରି କହିଲେ—ହଁ ତୁଂଭଂକୁ ସେ ସୁଖପାଏ । ପ୍ରୀତି ଶ୍ୟାମଳ ବର୍ଣ୍ଣ, ତମ ସାଂଗରେ ପଢ଼େ ନା ?

ଠିକ୍ ଠିକ୍ । ଗ୍ରନ୍ଥଟି ଲଂଫ ଦେଇ ଉଠିଲା । ତାର ରେଗା ପାଂଡୁର ମୁହଁଟି ଖୁସିରେ ଉଛୁଳି ପଡ଼ିଲା ।

ତା ପରେ ସେ ଟିକିଏ ସନ୍ଦେହପୂର୍ଣ୍ଣ କଂଠରେ କହିଲା, ସେ କିଂରୁ ମୋର ଉପର କ୍ଲାସରେ ପଢ଼େ ।

ଜ୍ୟୋତିଷ କହିଲେ—ଯେଉଁ କ୍ଲାସରେ ପଢ଼ୁ, ସେ ତମକୁ ସୁଖପାଏ । ମନେ ମନେ ସେ ତମରି କଥା ଭାବେ । ତମ ଛଡ଼ା ସେ ଦୁନିଆରେ ଆଉ କାହାକୁ ଦେଖିପାରେ

Digitized by srujanika@gmail.com

ନାହିଁ । ତାପରେ ଗ୍ରାହକଟିର କପାଳରେ ହାତମାରି କହିଲେ—ତମ କପାଳରେ ଏ ଯେଉଁ ବିଦ୍ୟା ରେଖା ଦିଶୁଛି, ତାର ଚିହ୍ନମତ ଅନେକ—ତାପରେ ଏ ଯେଉଁ ଧନରେଖା—

ବାଧା ଦେଇ ଗ୍ରାହକଟି କହିଲା—ବିଦ୍ୟା ଫିଦ୍ୟା, ଧନ ଫନକୁ ମୁଁ ଜମା କେୟାର କରେ ନାହିଁ । ମୁଁ ଚାହେଁ ସେ ମତେ ଭଲପାଇବ, ଏକୁଟିଆ ମତେଇ ଖାଲି ଭଲପାଇବ ।

ଜ୍ୟୋତିଷ ତା' କଥାକୁ ସମର୍ଥନ କରି କହିଲେ; ନିଶ୍ଚୟ ସେ ତମକୁ ଭଲପାଇବ । ବାବୁ, ନିଶ୍ଚୟ ଭଲପାଇବ । ନ ପାଇବ ତ ମୁଁ ହାତ ଦେଖା ବେଉସା ଏକାବେଳକେ ଛାଡ଼ିଦେବି । ବାଜି ରହିଲା ।

ଗ୍ରାହକଟି ପକେଟରୁ ଗୋଟିଏ ଅଧୁଲି ବାହାର କରି ଜ୍ୟୋତିଷଙ୍କ ହାତକୁ ବଢ଼େଇ ଦେଇ ଯିବାପାଇଁ ଛିଡ଼ା ହେଲା ।

ଜ୍ୟୋତିଷ କହିଲେ—ଅମେଇଁସିଆ ଦିନ ରାତିରେ ତମେ ମୋ ସଙ୍ଗେ କାଳିଆବୋଦା ମଶାଣିକୁ ଯାଇ ପାରିବ ତ ମୁଁ ତମକୁ ଏକ କାଟଧୂଳି ଦେବି । ସେ ଧୂଳିକୁ ନେଇ ତମେ ତା ପଛେ ପଛେ ଯିବ । ଚାଲିବାବେଳେ ଯେତେବେଳେ ସେ ବାଆଁ ପାଦ ଉପରକୁ ଉଠେଇ ଥିବ—ଭୂଇଁରେ ଦେଇ ନ ଥିବ, ଠିକ୍ ସେତିକିବେଳେ ତା ଉପରକୁ ସେ ମଂତ୍ରସିଦ୍ଧ ଧୂଳି ଟିକି ଅରି ବଶୀକରଣ ମଂତ୍ର ପଢ଼ି ଫୋପାଡ଼ି ଦେବ । ଦେଖିବ ସେ ଗୋଟି ପଣେ ତମରି ହୋଇ-ଯିବ । ହଁ, ଏଥିପାଇଁ ଠାକୁରାଣୀଙ୍କ ଲାଗି ଟିକି କଣ୍ଡା ନଡ଼ିଆ, ସେରେ ଅରୁଆ ଚାଉଳ, ପାଏ ଗୁଆଘିଅ, ଖଣ୍ଡେ ଚିକଣହାତ ଗାମୁଛା ଆଉ ବାରଅଂଗୁଳ ଲଂବ ସାଲୁ—

ଗ୍ରାହକଟି କହିଲା—ଆଚ୍ଛା, ଆଚ୍ଛା, ସେ ପର କଥା, ପରେ ଦେଖାଯିବ । ଏତିକି କହି ସେ ସେଠୁ ଉଠି ଚାଲି ଆସିଲା ।

ମୁଁ ତା ପଛେ ପଛେ କିଛି ବାଟ ଯାଇ ତାକୁ ଡାକିଲି । ମୁଁ ଯେ ଏତେବେଳଯାଏ ତା ପାଖରେ ଛିଡ଼ା ହୋଇ ଜ୍ୟୋତିଷ ସହିତ ତାର ସବୁ କଥାବାର୍ତ୍ତା ଶୁଣୁଥିଲି, ଏ କଥାକୁ ତାର ହୋସ ନଥିଲା, ସେ ମତେ ଦେଖି ଟିକିଏ ଲଜ୍ଜିତ ହୋଇ ଛିଡ଼ା ହେଲା ।

ମୁଁ ତା ପାଖକୁ ଯାଇ କହିଲି—ଆପଣଙ୍କ ସାଙ୍ଗେ ମୋର ଟିକିଏ କାମ ଅଛି । ଆପଣଙ୍କୁ ଗୋଟାଏ ମୋକଦ୍ଦମାରେ ସାକ୍ଷୀ ହେବାକୁ ହେବ ?

ସାକ୍ଷୀ ? ଗ୍ରାହକଟି ଆଶ୍ଚର୍ଯ୍ୟ ହୋଇଗଲା ।

ହଁ ସାକ୍ଷୀ । ସର୍ବସାଧାରଣଙ୍କୁ ଠକୁଥିବା ଯୋଗୁଁ ମୁଁ ଏ ଭଣ୍ଡ ଜ୍ୟୋତିଷ ନାଁରେ କାଲି ମୋକଦ୍ଦମା ଦାଏର କରୁଛି । ଆପଣ ସେ ମୋକଦ୍ଦମାରେ ସାକ୍ଷୀ ହେବେ ।

ସର୍ବସାଧାରଣଙ୍କର ସେ କଣ କ୍ଷତିକରୁଛି ? ଦରଦମିଶା କଣ୍ଠରେ ଗ୍ରାହକଟି ପଚାରିଲା ।

ମୁଁ କହିଲି—ଅନେକ କ୍ଷତି କରୁଛି । ଆପଣ କଣ ବୁଝିପାରୁ ନାହାନ୍ତି, ଏହାର ମିଛ କଥାରେ କେତେ ନିରୀହ ଲୋକଙ୍କର ସର୍ବନାଶ ହେବ । କେତେ ଭଦ୍ରଲୋକ ଯେ ଇଆ କଥାରେ ବଡ଼ ବଡ଼ ଭରସା କରି ଶେଷରେ ନିରାଶ ହୋଇ ପୋଟାସିୟମ ସାଇନାଇଡ଼ ଖାଇବେ, କବାଟ କିଳି ମୋରଫିଆ ଇଂଜେକସନ୍ ନେବେ କିମ୍ବା କଲେଜ ବିଲ୍ଡିଂର

Digitized by srujanika@gmail.com

ଉପର ତାଲାରୁ ତଳକୁ ଡେଇଁପଡ଼ି ଆତ୍ମହତ୍ୟା କରିବେ, ଆପଣ କଣ ସେ କଥା ଦୂରଦୃଷ୍ଟିରେ ଦେଖିପାରୁ ନାହାଁନ୍ତି ? ଏ ଗୋଟିଏ ଖାଣ୍ଟି ପବ୍ଲିକ୍ ନୁଇସେନ୍ସ । ସ୍ୱାର ବଗିର ହବା ଗ୍ହ ।

ଛାତ୍ରଟି ହସ୍ତ ଜ୍ୟୋତିଷଟି ପାଇଁ ଦୁଃଖିତ ହୋଇ କହିଲା ସ୍ୱାର ବା ଦୋଷ କଣ ? ଲୋକେ ସ୍ୱା କଥା ବିଶ୍ୱାସ କରନ୍ତି କାହିଁକି ? ଦୋଷ ତ ସେଇମାନଙ୍କର ।

ମୁଁ ଟିକିଏ ବିରକ୍ତ ହୋଇ କହିଲି—ଆପଣଙ୍କ ଭଳି ଶିକ୍ଷିତ ପଢ଼ୁଆ ଯୁବକ ଯେତେବେଳେ ସ୍ୱା କଥାରେ ଭୁଲି ଯାଉଛନ୍ତି ସେତେବେଳେ ସାଧାରଣ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଲୋକଙ୍କୁ ବା ଦୋଷ ଦିଆଯିବ କେଉଁ କାରଣରୁ ? ଆପଣ ଯେଉଁ ସବୁ ଅଂଧ କୁସଂସ୍କାରକୁ ଉତ୍ସାହିତ କରନ୍ତି—

ଛାତ୍ରଟି ଅପରାଧୀଙ୍କ ଭଳି କିଛିକ୍ଷଣ ନୀରବ ହୋଇ ରହିଲା । ତା ପରେ ଛଳ ଛଳ ଆଖିରେ କହିଲା— ଆପଣ ମତେ ଯେତେ ବୋକା ବୋଲି ଭାବୁଛନ୍ତି, ମୁଁ କିନ୍ତୁ ବାସ୍ତବିକ ସେତେ ବୋକା ନୁହେଁ । ମୁଁ ଫୋର୍ଥଇଅର ସାଏନ୍ସର ଛାତ୍ର, ଫିଜିକ୍ସରେ ଅନର୍ସ । ମୁଁ ଜଣେ ଖାଣ୍ଟି ଜଡ଼ବାଦୀ । ମୁଁ କୁସଂସ୍କାରକୁ ଘୃଣାକରେ, ଅଂଧ ଆସ୍ଥା କିମ୍ବା ବା ଅଦୃଷ୍ଟବାଦର ମୋ ପାଖରେ ଆଦୌ କିଛି ଅର୍ଥ ନାହିଁ । କିନ୍ତୁ ମୁଁ କାହିଁକି ଏ ଭଣ୍ଡ ମିଥ୍ୟାବାଦୀ ଜ୍ୟୋତିଷଙ୍କୁ ହାତ ଦେଖାଏ ? ହଁ ଆପଣ ସେ କଥା ପଚାରି ପାରନ୍ତି । କିନ୍ତୁ ମୁଁ ଯେଉଁ କୈଫିୟତ ଦେବି, ତାର ମର୍ମ ଆପଣଙ୍କ ଭଳି ଅକ୍ଷତ ଲୋକ ଜମାରୁ କିଛି ଉପଲବ୍ଧି କରିପାରିବେ ନାହିଁ—ସମର୍ଥନ କରିବା ତ ଦୂରର କଥା । ଯାହାର ହୃଦୟରେ କ୍ଷତ ଅଛି, ଯାହାର ମନର କୌଣସି ଅଂଶ କିଛି ଗୋଟାଏ ଆଘାତ ପାଇ ଭାଙ୍ଗିପଡ଼ିଛି, ସେଇ କେବଳ ମୋର ଉତ୍ତରର ମାନେ ବୁଝି ପାରିବ ।

ତା'ପରେ କିଛି ସମୟ ଚୁପ୍ ରହି କହିଲା—ଏ ଜ୍ୟୋତିଷଟା ଯେ ଗୋଟାଏ ପ୍ରକାଣ୍ଡ ଜୁଆଚ୍ଚୋର ଆଉ ମିଥ୍ୟାବାଦୀ, ତାର ସବୁ କଥା ଯେ ମୂଳରୁ କେବଳ ଫାଙ୍କି ଆଉ ମନଗଢ଼ା, ଏ କଥା ମୋ ଅପେକ୍ଷା ଆଉ କେହି ହୁଏତ ଏତେ ଭଲକରି ଜାଣେ ନାହିଁ । ଆଜିକାଲିକାର କଲେଜ ପିଲାଙ୍କ ଢଙ୍ଗ ଢାଙ୍ଗ ଆଉ ସେମାନଙ୍କ ମନର ସାଧାରଣ ବେଗ୍ରମ କଥା ଯିଏ ଜାଣେ, ସେ ଏମିତି ବହୁତ ଭବିଷ୍ୟତବାଣୀ ଅଂଦାଜରେ କହିଦେଇ ପାରିବ । ସେଥିରେ କିଛି ବାହାଦୁରି ନାହିଁ । ଏ ଗୁଡ଼ାକ ଋଛା ମିଛ, ଖାଲି ଧପ୍‌ପାବାଜି । କିନ୍ତୁ ଏଇ ମିଥ୍ୟାର ପୁଣି ମଣିଷ ଜୀବନରେ ବେଳେ ବେଳେ ଗୋଟାଏ ମୂଲ୍ୟ ଅଛି । ମଣିଷ ତାର ଭଙ୍ଗା ମନକୁ ଯୋଡ଼ିବା ପାଇଁ ଅନେକ ସମୟରେ ଏଇ ମିଥ୍ୟାର ପ୍ରଲେପ ଗୁହେଁ—ଏକ ଲୋଭନୀୟ ମଧୁର ମିଥ୍ୟାର ଜାଲରେ ନିଷ୍ଠୁର ବାସ୍ତବତାକୁ ଭୁଲି ରହିବାକୁ ଗୃହେଁ ।

ମୋ' କଂଠରୁ ଅଭିଯୋଗ ମରି ଯାଉଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି—ଆପଣ କଣ ଜାଣିଶୁଣି ତା ହେଲେ ନିଜକୁ ଇମିତି ଠକେଇ ହବାକୁ ଦିଅନ୍ତି ?

Digitized by srujanika@gmail.com

ସୁଜିତ କହିଲା—ମଣିଷ ତାର ଦୁଃଖ ଯାତନାଗୁଡ଼ାକୁ କିଛି ସମୟ ଭୁଲିଯିବା ପାଇ ଛାଣିଶୁଣି ସିନେମା ଦେଖେ, ମଦ ଖାଏ, ଜୁଆ ଖେଳେ, ବେଶ୍ୟା ଘରକୁ ଯାଏ, ଆଉ କେତେ କଣ କାମ କରି ଅଜସ୍ର ପଇସା ଖର୍ଚ୍ଚ କରେ । ମୁଁ ସେଇପରି ମୋର ମନର ଭଙ୍ଗା ଜାଗାଟାକୁ ଯୋଡ଼ିବା ପାଇଁ, ପଇସା ଖର୍ଚ୍ଚ କରି ନିଜକୁ ପ୍ରତାରିତ କରାଏ—ଏକ ମୂଲ୍ୟବାନ ମିଥ୍ୟାର ଆଶ୍ରୟ ଖୋଜେ । ମୁଁ ଜାଣେ ବାସ୍ତବତା ମତେ କିଛି ଦେଇ ପାରିବ ନାହିଁ, ପରିସ୍ଥିତିର ନିର୍ମମ ଗୃପରେ ଆମେ ଦୁହେଁ ଯେ କେହି କାହାରିକୁ ପାଇପାରିବୁ ନାହିଁ ଏକଥା ମତେ ଅଜଣା ନାହିଁ । ସେଥିପାଇଁ ମୁଁ ଏଇ ମଧୁର ମିଥ୍ୟାର କ୍ଷଣିକ ନିଶାରେ ଗୋଟାଏ ରକମର ପାଇବାର ଆନନ୍ଦ ଉପଭୋଗ କରେ । ତାକୁ ସମାଲୋଚନା କରିବାର ଦୁଃସାହସ ମୋର ନାହିଁ ।

ମୁଁ କହିଲି—ବେଶ୍ ତ । ତମେ ଯାହାକୁ ଭଲପାଅ, ତାକୁ ପାଇବାକୁ ଚାହଁ ତ, ତା ପାଖକୁ ଯାଇ ସାହସର ସହିତ ତା' ଆଗରେ ଭଲ ପାଇବାର ପ୍ରସ୍ତାବ ଉତ୍ଥାପନ କର । ମଣିଷ ଯେ ମଣିଷକୁ ଭଲ ପାଇବ, ଏଥିରେ ଅସୁନ୍ଦର ବା ଦୋଷର କଥା କଣ ଅଛି ? ତମେ ତରୁଣ କାହିଁକି, ଏହାହିଁ ତ ସୁନ୍ଦର ସ୍ୱାଭାବିକ ନିୟମ । କିନ୍ତୁ ସ୍ୱା ନ କରି ଏଇ ଭଣ୍ଡ ଜ୍ୟୋତିଷଟା ସହିତ ପରାମର୍ଶ କଲେ କଣ ତମର ଉଦ୍ଦେଶ୍ୟ ସିଦ୍ଧି ହେବ ? ଏଗୁଡ଼ାକ ତମର ରୁଗ୍ଣ ମାନସିକତା ଉପରେ ଏକ ପ୍ରକାର ଅତ୍ୟାଚାର ଛଡ଼ା ଆଉ କଣ ?

ସୁଜିତ କହିଲା ନା, ନା, ମୁଁ ଯେ ତାକୁ ଭଲପାଏ, ଏକଥା ମୁଁ ତାକୁ ଜଣାଇବାକୁ ଚାହେଁନାହିଁ । ତାକୁ ଜଣାଇବା ପାଇଁ ଯେ ମୋର ନୈତିକ ସାହସ ନାହିଁ, ତା ନୁହେଁ । କିନ୍ତୁ ଜାଣେ ସେ ମତେ ପ୍ରତ୍ୟାଖ୍ୟାନ କରିବ ଏଇ ଭୟରେ ମୁଁ ତାକୁ ମୋର ମନର କଥା ଜାଣିବାକୁ ଦେବ ନାହିଁ । ବରଂ ଏଇପରି ଅନ୍ଧ ଭାବରେ, ଗୋପନରେ ଆଶା କରିବାରେ ଗୋଟାଏ ଗୌରବ ଅଛି—ଗୋଟାଏ ରକମର ପାଇବାର ନିଷ୍ଠୁର ଆନନ୍ଦ ଅଛି । ହେଇପାରେ ତା କାଳ୍ପନିକ—କିନ୍ତୁ ବାସ୍ତବତାର ରୂଢ଼ ବ୍ୟର୍ଥତା ଅପେକ୍ଷା ତାହା ତେର ଆରାମଦାୟକ । ସେଥିପାଇଁ ତ ମୁଁ ଏ ଭଣ୍ଡ ଜ୍ୟୋତିଷଟାକୁ ରୋଜ ପଇସା ଦେଇ ମିଛକଥା କୁହାଏ । ଯେଉଁ କ୍ଷଣିକ ଆନନ୍ଦ ପାଇଁ ମଣିଷ ମଦ ଖାଏ, ମାତାଲ ହୁଏ, ସେଇ କ୍ଷଣିକ ନିରୁପାୟ ଆନନ୍ଦ ପାଇଁ ମୁଁ ଏଇ ପ୍ରତାରକଟାର ଶରଣାପନ୍ନ ହୁଏ । ସେତିକି ହିଁ କେବଳ ଏଇ ମିଥ୍ୟାର ସାର୍ଥକତା । ତା ଅପେକ୍ଷା ମୁଁ ବଡ଼ କିଛି ତା ପାଖରୁ ଆଶାକରି ପାରେ ନାହିଁ ।

ମୁଁ ସୁଜିତର କଥାଗୁଡାକ ବିସ୍ମିତ ହୋଇ ଶୁଣିଗଲି ।

ସେଇଦିନୁ ରାସ୍ତା ପାଖରେ ସେ ଜ୍ୟୋତିଷଟାକୁ କାହାର ହାତ ଦେଖୁଥିବାର, ଦେଖିଲେ, ମୋ ମନରେ ସେଇ ହାତ ଦେଖାଉଥିବା ଲୋକଗୁଡାକଂକ ପ୍ରତି ରାଗ ହବା ବଦଳରେ ଗୋଟାଏ କମିତ ଦରଦମିଶା ସହାନୁଭୂତିର ଉଦ୍ରେକ ହୁଏ ।

ମୋର ମନେ ହୁଏ ଅନ୍ଧ ଅଦୃଷ୍ଟର ସମସ୍ତ ଷଡ଼ଯନ୍ତ୍ର ଏଇ ହଜାର ହଜାର କାଳିଆ

Digitized by srujanika@gmail.com

ହାତର ଅସ୍ପଷ୍ଟ ପାଣ୍ଡୁଲିପି ଭିତରେ ନିମିତ୍ତ ଲେଖା ହୋଇଛି; ଆଉ ସେଇ ରହସ୍ୟ ଦିଗନ୍ତର ନୀଳ ଗୋପନୀୟତାକୁ ଆବିଷ୍କାର କରିବାର ଆଶ୍ୱାସନା ଲାଭ କରିବା ପାଇଁ ହଜାର ହଜାର ଅସହାୟ ମଣିଷ ନିମିତ୍ତ ଏଇ ଭଣ୍ଡ ଜ୍ୟୋତିଷୀ ଭିତରେ ଜଣେ ଦୁର୍ଦାନ୍ତ ସଧାନୀର ପରିଚୟ ପାଇଛନ୍ତି !!

Digitized by srujanika@gmail.com

ଗଳ୍ପ ନୁହେଁ

କଲିକତା ଡକ୍ ଶ୍ରମିକମାନଂକର ଏକ ସଭା କାର୍ଯ୍ୟ ଶେଷକରି ଅମିୟ ଓ ଅମିତାଭ ଦୁହେଁ ଗଂଗା କୂଳରେ ବସିଥିଲେ । ଦୂରରେ ଗଂଗା ବକ୍ଷରେ ଅସଂଖ୍ୟ ଷ୍ଟିମାରର ନେଳି ନାଲି ଆଲୁଅର ଛାଇ ନାଚୁଥିଲା । ମଝିରେ ମଝିରେ ସନ୍ଧ୍ୟାର ନିସ୍ପଂଦ ନୀରବତା ଭଂଗକରି ଭାସି ଆସୁଥିଲା ଜାହାଜର ଭୟାର୍ତ୍ତ ବଂଶୀ !

କିଛିକ୍ଷଣ ଚୁପ୍ ହୋଇ ବସି ରହିବା ପରେ ଅମିୟ କହିଲା—"ନା ଇମିତି ସମୟ କଟିବ ନାହିଁ । ତୁ ଗୋଟାଏ କାମ କର । ଗୋଟାଏ ଗପ କହ ।"

ଅମିତାଭ କହିଲା—"କଳ୍ପନାଟା ମଂଦ ନୁହେଁ, କିଂତୁ ଗପସପ ତ ମୁଁ କିଛି ଜାଣେ ନାହିଁ ।"

"ବାଃ ରେ ! ଏତେ ବଡ଼ ଲେଖକ ତୁ ! ବଜାରରେ ଏତେ ଦାମ—ଦେଶ ବିଦେଶରେ ଏତେ ନାମ ଡାକ ତୋର, ତୁ ପୁଣି ଗଳ୍ପ ଜାଣୁନା ! ନ ଜାଣୁ ତ ମନରୁ ଗୋଟାଏ ତିଆରି କର । ପ୍ରତି ମାସିକ ପତ୍ରିକାରେ ଯାହାର ଗଳ୍ପ ସାରା ଦେଶଟାରେ ଚହଲ ପକେଇ ଦେଉଛି; ତା ପକ୍ଷରେ ଗୋଟାଏ ଗଳ୍ପ ତିଆରି କରିବା କେତେ ସମୟ ?"

ଅମିୟର ପ୍ରସ୍ତାବରେ ଅମିତାଭ ବିଶେଷ ଉତ୍ସାହ ଦେଖାଇଲା ନାହିଁ ଦେଖି ଅମିୟ ପୁଣି କହିଲା—"ନା, ନା, ତୋତେ କହିବାକୁ ହିଁ ହେବ । ମନେକର ଯେ ତୁ କୌଣସି ମାସିକ ପତ୍ରିକା ପାଇଁ ଯେପରି ଗୋଟିଏ ଗଳ୍ପ ଲେଖୁଛୁ । ବେଶ୍, ଏଥର ଚାଲୁ ।"

ଅମିତାଭ ପଚାରିଲା—"ଗଳ୍ପ, କି ଧରଣର ଗଳ୍ପ ଚାହୁଁ ତୁ ?"

"ମୁଁ ଚାହେଁ ଗୋଟାଏ ଖାଂଟି ରୋମାନ୍ସ—ଠିକ୍ ଏଇ ସନ୍ଧ୍ୟାର ବାୟୁମଂଡଳ ସଂଗେ ଖାପ ଖାଇଲା ଭଳିଆ । ସେଥିରେ ଫୁଟି ଉଠୁଥିବ ଏଇ ସପ୍ତମୀ ଜହ୍ନର ବେସୁରା ଛଂଦର ମୃଦୁ ମାଦକତା ।"

ଅମିତାଭ ହସି ହସି କହିଲା—"ବେଶ୍, ସେଇଆ ହେବ । ତୋର ନାୟକ ଠିକ୍ କର । କିଏ ହେବ ସେ ?"

"ନାୟକ ନିଶ୍ଚୟ ହେବ ସଦ୍ୟ ଅକ୍ସଫୋର୍ଡ଼ ଫେରଂତା, ନୋହିଲେ ବୀମା କଂପାନୀର ତରୁଣ ମ୍ୟାନେଜର ଅଥବା ଭଲ ଟେନିସ୍ ଚାଂପିଆନ୍ । ଆଉ ନାୟିକା ହେବ ନିଶ୍ଚୟ ରେଭେନ୍ସା କିଂବା ବେଥୁନ କଲେଜର ଛାତ୍ରୀ କିଂବା ଶାଂତିନିକେତନ ନୃତ୍ୟ କଳାରେ ପାରଦର୍ଶିନୀ । ତା ନ ହେଲେ ରୋମାନ୍ସ ଜମିବ କିମିତି ?"

"ଆଧୁନିକ ସମାଜର ନିମ୍ନସ୍ତରରେ ଯେଉଁ ଜୀବନ ତା ଭିତରେ କଣ ରୋମାନ୍ସ ନାହିଁ ?"

Digitized by srujanika@gmail.com

ବ୍ୟସ୍ତ ହୋଇ ଅମିୟ କହିଲା—"ନା, ନା, ଭଲ ଗଳ୍ପ ପାଇଁ ତମର ସେସବୁ କମ୍ୟୁନଷ୍ଟିକ୍ ଗୁଲ ଜମା ଚଳିବ ନାଇ । ଦୁଷ୍ଟନ୍ତ ଭିକ୍ଷୁକ ଆଉ ଶ୍ରମିକମାନଂକୁ ନେଇ କେବେ ଖାଂଟି ରୋମାନ୍ସ ଜମି ପାରିବ ନାଇଁ । କଳା ଓ ରାଜନୈତିକ ପ୍ରତାରଣା ଦୁ'ଟା ଅଲଗା ଜିନଷ । ତୋ ଗୋଡ଼ତଳେ ପଡ଼ୁଚି ଛଇ, ତୁ ଏ ଚମତ୍କାର ଫଧାଟାକୁ ସେ ସବୁ ଭୟଂକର କାହାଣୀ କହି ମାଟି କରିଦେ ନା । ଗୋଟାଏ ରସରସିଆ ଗଳ୍ପ କହ ଭଲା ।"

ଦୁହିଂକ ଭିତରେ ବହୁତ ବେଳ ପର୍ଯ୍ୟଂତ ଲଢ଼େଇ ଲଗି ଶେଷରେ ସଂଧି ହୋଇ ଠିକ୍ହେଲା ଯେ, ଗଳ୍ପର ନାୟକ ହେବ ମଧ୍ୟବର୍ତ୍ତ ଶ୍ରେଣୀର ଲୋକ । ଅଭିଜାତ ଓ ସର୍ବହରା ଶ୍ରେଣୀ ମଧ୍ୟରେ ସେ ସେତୁବଂଧ ସ୍ୱରୂପ କାର୍ଯ୍ୟ କରିବ ।

ଅମିତାଭ କହିଲା—"ନାୟକ ମୋର ସାଧାରଣ ଦୈନଂଦନ ଜୀବନର ପ୍ରତନଧି, ବାସ୍ତବ ଜୀବନର ଗୋଟିଏ ସୂକ୍ଷ୍ମ ସୂତ୍ରରେ ତାର ସାରାଜୀବନର କାହାଣୀ ଗୁଂଥା···ଖାଲି ସେତିକ ନୁହେଁ, ତା ପ୍ରକୃତ ଭିତରେ ରହିଛି ବିପ୍ଳବର ଧ୍ୱନ । ଦୁନଆର ସବୁ ଅନ୍ୟାୟ, ଅନୀତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇ ତା ଭିତରେ ବଂଚ ରହିଚ ଗୋଟାଏ ମସ୍ତବଡ଼ ବିଦ୍ରୋହୀ—ମଧ୍ୟଯୁଗର ସର୍ଦାର ଭଳି ।"

"ତା ହେଲେ ସାରିଛୁ ! ଏହାପରେ ଯାହା ହେବ ମୁଁ ଜାଣିଲିଣି । ଷଡ଼ଯଂତ୍ର, ଗିରଫଦାର, 'ଇନକଲାବ୍ ଜିଂଦାବାଦ', ଜେଲ, ଫାସିଖୁଂଟ; କିଂବା ଆତ୍ମହତ୍ୟା ! ତୋ ମତଲବ ଧରାପଡ଼ିଗଲାଣି ।"

ଅମିତାଭ ଅମିୟ କଥାକୁ ଜମା କାନ ନ ଦେଇ କହିଲା—"ହଁ, ନାୟକ ମୋର ବିପ୍ଳବୀ । ସମାଜର ସବୁ ଅସାମ୍ୟ, ଅନୀତି ବିରୁଦ୍ଧରେ ତାର ଅଭିଯାନ । ତୋର ଭୟ ପାଇବାର କୌଣସି କାରଣ ନାଇଁ ଅମିୟ, ସେ ପୁଣି କବି ।"

"ଓଃ କବି ! ତା ହେଲେ ତୋ ଗଳ୍ପର ଫଉଚର ଭଲ । କବିତା ସଂଗରେ ନିଶ୍ଚୟ ଅନେକ ରକମର ରୁଚ୍ ଥିବ । ଫୁଲ, ଜ୍ୟୋତ୍ସ୍ନା, ପ୍ରେମ, ମୂର୍ଚ୍ଛା, ବିରହ, ଦୀର୍ଘଶ୍ୱାସ । ହଁ ଚାଲୁ ଏଥର । ଜମିବ ବେଶ୍ ।"

"ହଁ ସେ କବି । ବିପ୍ଳବ ତାର ଧର୍ମ ହେଲେ ମଧ୍ୟ କବିତା ତାର ପ୍ରାଣ । କବି ନ ହୋଇଥିଲେ ଦୁନଆର ପୁଂଜିଭୂତ ଦୁଃଖ ଦୁର୍ଦଶାକୁ ସେ ଏପରି ପ୍ରାଣ ଦେଇ ଅନୁଭବ କରଂତା କପରି ? ପୃଥିବୀର ଅଭାବ ହାହାକାରରେ ତା ଆଖିରୁ ଏପରି ଲୁହ ଗଡଂତା କାହିଁକ ? କବି ବୋଲି ହିଁ ସେ ବିପ୍ଳବୀ । ଜଗତର ଦୁଃଖ କଷ୍ଟରେ ତାର ପ୍ରାଣ କାଂଦେ ବୋଲି ତ ସେ ତହିଁର ପ୍ରତିକାର କରିବା ଲାଗି ସବୁ ବାଧା ବିପଦକୁ ତୁଚ୍ଛ ପଣେଇ ଦେଇ ଆଗୁସାର ହୁଏ । ତା ମତରେ ସେଇ ପ୍ରକୃତ କବି ଯେ ମଣିଷର ଦୁଃଖ କଷ୍ଟ ଦେଖି କେବଳ ଲୁହ ଢାଳି ସଂତୁଷ୍ଟ ହୁଏ ନାହିଁ, ଯେ ତହିଁର ଧ୍ୱଂସ ଲାଗି ଜୀବନ ଉତ୍ସର୍ଗ କରି ବାହାରେ, ସେ ଭାବେ ଦୁନଆର ଦୁଃଖ ବେଦନା ଉପଲବ୍ଧି କରିବା ପାଇଁ ଯେଉଁପରି କବିର ଅଂତର ଦର୍କାର ତହିଁର ଆମୂଳ ପରିବର୍ତ୍ତନ ପାଇଁ ସେହିପରି ସୈନିକର ଆଉ କର୍ମୀର ଦରକାର

ନେତା । ଏହି କବି ଆଉ କର୍ମୀର ସମନ୍ୱୟକୁ ନେଇ ତାର ବ୍ୟକ୍ତିତ୍ୱ ।

ତା ଭିତରେ ଏହି Double Personality (ଦ୍ୱୈତ ବ୍ୟକ୍ତିତ୍ୱକୁ) ଐକ୍ୟକୁ ଯେ ବୁଝିନାହିଁ; ସେ କିଛି ବୁଝିନାହିଁ । ସାଧାରଣ ଲୋକେ ସେଥିପାଇଁ ତାକୁ ବରାବର ଭୁଲ ବୁଝନ୍ତି, କିନ୍ତୁ ସମାଲୋଚନା ତାର ଚନ୍ଦନ—ବ୍ୟଙ୍ଗ, ବିଦ୍ରୂପ ତାର ବିଭୂତି ।

ଏହି ସମାଲୋଚନାର ଅବିଶ୍ରାନ୍ତ ଝଡ଼ ମଧ୍ୟରେ ପାହାଡ଼ ପରି ମୁଣ୍ଡ ଟେକି ଛିଡ଼ା ହେବାରେ ସେ ଗର୍ବ ଅନୁଭବ କରେ । କିଛି ତାକୁ ଟଳାଇ ପାରେ ନାହିଁ···କୌଣସିଥିରେ ସେ ପଥଭ୍ରଷ୍ଟ ହୁଏ ନାହିଁ । ଯେଉଁମାନେ ତାକୁ ନିଷ୍ଠୁର, ଭୟଙ୍କର ଏବଂ ଉଚ୍ଛୃଙ୍ଖଳ ବୋଲି ଆଘାତ କରନ୍ତି; ସେମାନଙ୍କୁ ସେ ସେପରି ହସି ହସି ଅବହେଳା କରେ; ଯେଉଁମାନେ ତାକୁ ଫୁଲପରି ନରମ ଆଉ ଘାସପରି ନମ୍ର ବୋଲି ମତ ପ୍ରକାଶ କରନ୍ତି, ସେମାନଙ୍କ କଥାକୁ ମଧ୍ୟ ସେ ବେପରୁଆ ଭାବରେ ବାଏଁ ବାଏଁ ଉଡ଼ାଇ ଦିଏ । ସେ ଝରଣା ପରି ଜୀବନ୍ତ ଆଉ ଗତିଶୀଳ ପୁଣି ଝଡ଼ ପରି ଉଦ୍ଦାମ, ଉଦାର ଆଉ ଅବିନୀତ ।

ସ୍ୱପ୍ନସ୍ରବଣ କବି ଭଳିଆ ସେ ବାସ୍ତବତାର ବାହାରେ ତାର ସ୍ୱପ୍ନର ପ୍ରାସାଦ ରଚନା କରିବାକୁ ଚାହେଁ ନାହିଁ । ସେ ଚାହେଁ ବାସ୍ତବ ଜୀବନରେ ସବୁ ଭଲମନ୍ଦକୁ ଆଲିଙ୍ଗନ କରି ତା ଭିତରେ ପର୍ବତ ପରି ଅଟଳ ହୋଇ ଛିଡ଼ା ହେବାକୁ । ସେ ଭଲପାଏ ସ୍ୱପ୍ନ ଅପେକ୍ଷା ଜୀବନକୁ—ଖାଲି କବି ବା ଖାଲି କର୍ମୀ ହୋଇଥିଲେ ସେ ଏହା ପାରନ୍ତା ନାହିଁ । ସେ କବି ଓ କର୍ମୀ ଉଭୟ ବୋଲି ଏହା ଅକ୍ଳେଶରେ ପାରେ ।

"ଏ ତ ଗଳ୍ପ କେବଳ ଚରିତ୍ର ଚିତ୍ରଣ ଏବଂ ମନସ୍ତତ୍ତ୍ୱ ବିଶ୍ଳେଷଣ; ମୁଁ ପଚାରେ ରୋମାନ୍ସ କାହିଁ ? ଏ ବକ୍ତୃତା ଅନ୍ୟବେଳେ କଲେ ଚଳିବ । କିନ୍ତୁ ରୋମାନ୍ସ ଶୁଣିବାର ଏ ଦୁର୍ଲଭ ମୁହୂର୍ତ୍ତ ଥରେ ଗଡ଼ିଗଲେ ଆଉ ଫେରି ଆସିବ ନାହିଁ । Give me some romance, ଯେଉଁଥିରେ ଥିବ ଲେକଲ୍ୟାଣ୍ଡର ଦୃଶ୍ୟ; ହାଇଲ୍ୟାଣ୍ଡର ସୌନ୍ଦର୍ଯ୍ୟ ଆଉ ଇଂଡୋଗାଂଗେଟିକ୍ ପ୍ଲେନର ଶ୍ୟାମଳ ପ୍ରେମ ।" କଳରବ କରି ଅମିୟ କହି ଉଠିଲା ।

"ରୋମାନ୍ସ ! ଜୀବନକୁ ବାଦ୍ ଦେଇ ରୋମାନ୍ସ କାହିଁ ? ଖାଲି ରୋମାନ୍ସ ଭାବରେ କିଛି ଗୋଟାଏ ଅଲଗା ଜିନିଷ ଦୁନିଆରେ ଅଛି କି ? ଯଦି ଥାଏ, ମୁଁ ଅନ୍ତତଃ ସେ ଶସ୍ତା ରୋମାନ୍ସର ଧାର ଧାରେ ନାହିଁ ।"

ଅମିୟ କହିଲା—"ଏତେ ବାଜେ କଥା ଶୁଣିବା ପାଇଁ ମୋର ସମୟ ନାହିଁ । ମୁଁ ସରଳ ଭାବରେ ପଚାରୁଛି ତମ ନାୟକ ପ୍ରେମରେ ପଡ଼ିଛି କି ନାହିଁ ?"

ଅମିତାଭ କହିଲା—ପ୍ରେମରେ ପଡ଼ିବା ଅର୍ଥ ଯଦି ଜଣକୁ ଭଲ ପାଇବା ହୁଏ, ତେବେ ମୁଁ କହିବି ନାୟକ ମୋର ଜଣକୁ ଭଲ ପାଇଥିଲା । ନିଜର ସମସ୍ତ ଶ୍ରଦ୍ଧା ଓ ସ୍ନେହ ଠୁଳ କରି ସେ ଭଲ ପାଇଥିଲା ଜଣକୁ । ଯାହାକୁ ଭଲ ପାଇଥିଲା, ପ୍ରତିଦାନରେ ମଧ୍ୟ ତା ଠାରୁ ପାଇଥିଲା ସେହିପରି ଅଗାଧ ସ୍ନେହ, ମମତା ଓ ବିଶ୍ୱାସ ।

"ରକ୍ଷା । ମୁଁ ଭାବିଲି ଶେଷରେ ବ୍ୟର୍ଥ ପ୍ରେମର କରୁଣ ଟ୍ରାଜେଡ଼ି ଘଟିବ । ତମ

Digitized by srujanika@gmail.com

ନାୟକର ଯେଉଁ ବର୍ଣ୍ଣନା ଶୁଣିଲି ସେଥିରେ ଏପରି ଆଶଂକା ସମ୍ପୂର୍ଣ୍ଣ ସ୍ୱାଭାବିକ । କାରଣ ଏଭଳି ଧରଣର ପ୍ରାଣୀଂକ ଭାଗ୍ୟରେ ସଚରାଚର ଏହାହିଁ ଘଟିବାର ଦେଖାଯାଇଥାଏ । ଯାହାହେଉ, ଗଳ୍ପଟା ଯେ ଟ୍ରାଜେଡ଼ି ହେଉ ହେଉ ଅଳ୍ପକେ ରକ୍ଷା ପାଇଗଲା; ସେଥିପାଇଁ ମୁଁ ତତେ ଧନ୍ୟବାଦ ଦଉଚି ଭାଇ ।"

ଅମିୟର ଫାଜିଲାମିରେ କାନ ନ ଦେଇ ଅମିତାଭ କହିଲା—ତାର ଭଲ ପାଇବା ଥିଲା ଯେପରି ଗମ୍ଭୀର, ସେହିପରି ନିର୍ମଳ ।

ଯାହାକୁ ସେ ଭଲ ପାଉଥିଲା; ସେ ବୟସରେ ତାଠାରୁ ନିତାଂତ ଶ୍ରେଷ୍ଠ ନ ହେଲେ ମଧ୍ୟ ଅଭିଜ୍ଞତାରେ ଥିଲା ତା ତୁଳନାରେ ନିତାଂତ ଶିଶୁ । ଶିଶୁ ପରି ସରଳ ଆଉ ନିଷ୍ପାପ ହୃଦୟ ନେଇ ସେ ଦୁନିଆକୁ ଦେଖୁଥିଲା । ସେ ଗମ୍ଭୀର ଭାବରେ ତାକୁ ଭଲ ପାଉଥିଲା ସତ, କିଂତୁ ତାକୁ ଜମା ବୁଝିପାରି ନଥିଲା । ନାୟକ ଥିଲା ତା ନିକଟରେ ଦୁନିଆର ସବୁ ସୌଂଦର୍ଯ୍ୟର ପ୍ରତୀକ । ସେ ଭଲପାଉଥିଲା ତାର ଶରୀରକୁ—ହୋଇପାରେ ତାଂ ଶିକ୍ଷିତ ଓ ଭଦ୍ର ମନକୁ ବି; କିଂତୁ ଯାହାକୁ ନେଇ ତାର ବ୍ୟକ୍ତିତ୍ୱ ସେ ଜିନିଷଟାକୁ ସେ ଜମା ଧରି ପାରୁ ନ ଥିଲା । ଏହାବୋଲି ନାୟକର ମତବାଦକୁ ଯେ ସେ ନାପସଂଦ କରୁଥିଲା ତାହା ନୁହେଁ, ବରଂ ସହାନୁଭୂତ ଦେଖାଉଥିଲା । କିଂତୁ ଜମା ବୁଝିପାରି ନ ଥିଲା । ମାନେ ତାର କୌଣସି କ୍ଲିଅର ଆଇଡ଼ିଓଲଜି ନ ଥିଲା ସେ ସଂବଂଧରେ ।

ଅମିୟର ଆଗ୍ରହ ଗଳ୍ପ ପ୍ରତି କ୍ରମେ ବୃଦ୍ଧି ପାଉଥିଲା । ସେ ବଡ଼ ତନ୍ମୟ ହୋଇ ପଡ଼ୁଥିଲା । ଅମିତାଭକୁ ରହିସିବାର ଦେଖି ସେ ପଚାରିଲା, "ତାପରେ କଣ ହେଲା ?"

ନାୟକ ଅନେକ ଦିନ ତଳେ ତାକୁ ଥରେ କହିଥିଲା—ଦେଖ ମୀରା, ମୋତେ ଭଲ ପାଇ ତମେ ଦିନେ ବିପଦରେ ପଡ଼ିବ । ମୀରା ସେ ଦିନ କେବଳ ହସିଥିଲା । ବଡ଼ଲୋକର ଝିଅ ସେ, ପିଲାଦିନୁ ଖୁବ୍ ଆରାମ ଆଉ ପ୍ରାଚୁର୍ଯ୍ୟ ଭିତରେ ବଢ଼ିଛି । ସେ ଚାହୁଁଥିଲା ଦୁନିଆର କଠିନ ବାସ୍ତବତାରୁ ବହୁ ଦୂରରେ ସେମାନେ ରଚନା କରିବେ ଶାଂତିର ଗୋଟାଏ ନୀଡ଼ । ନାୟକକୁ ସେ ଚାହୁଁଥିଲା ଏକାଂତ କରି ନିଜ ପାଖରେ ପାଇବାକୁ ।

"ମାନେ ?" ଅମିୟ ପଚାରିଲା ।

"ମାନେ ମୀରା କେବଳ ତାକୁ ଭଲ ପାଉଥିଲା । ସେତିକି, ସେଇ ପର୍ଯ୍ୟଂତ । କେବଳ ଭଲ ପାଇବାର ଆକର୍ଷଣ ଛଡ଼ା ଅନ୍ୟ କୌଣସି ବଂଧନ ନ ଥିଲା ସେମାନଂକ ଭିତରେ । ମୀରାର ପ୍ରେମ ଥିଲା—ଅକୃତ୍ରିମ, ସରଳ, ନିଷ୍କପଟ । ତାର ଅଂତରର ନାରୀ ଗୋଟିଏ ନିରୀହ ପକ୍ଷୀ ବାଳିକାପରି ପ୍ରାଣର ସମସ୍ତ ସ୍ନେହ-ନୈବେଦ୍ୟ ଓଳାଡ଼ି ଦେଇ ନାୟକର ପୂଜା କରିବାକୁ ବ୍ୟାକୁଳ ହେଉଥିଲା ।"

"ତା ପରେ ?"

"ତାପରେ ଯାହାହେବାର କଥା ସେଇଆ ହେଲା ।" ଦିନେ ହଠାତ୍—

"କଣ ନିଉମୋନିଆ, ଇନ୍ଫ୍ଲୁଏଂଜାରେ ଜଣେ କେହି—" ଅଧୈର୍ଯ୍ୟ ହୋଇ

Digitized by srujanika@gmail.com

ଅମିୟ ପଚାରିଲା ।

"ହେଲେ ହଠାତ୍ କମ୍ୟୁନିଷ୍ଟ ବୋଲି ଷଡ଼ଯନ୍ତ୍ର ମାମଲାରେ ନାଏକ ହେଲା ଗିରଫଦାର । ଏହା ହେବ ବୋଲି ସେ ବହୁଦିନରୁ ଜାଣିଥିଲା ।"

ଅମିୟ ବଡ଼ ବ୍ୟସ୍ତ ହୋଇ ପଡ଼ିଲା, କହିଲା—ନା, ନା, for your story's sake, ତାକୁ ଆଉ କିଛିଦିନ ପ୍ରେମ କରିବାକୁ ଦେ । ଏତେ ଜଲ୍‌ଦି ତାକୁ ଜେଲ୍‌କୁ ପଠା-ନାହିଁ । ତୁ ତ ଇଚ୍ଛା କଲେ ତାକୁ ଏକ ମୁହୂର୍ତ୍ତରେ ଜେଲରୁ ମୁକୁଳାଇ ଆଣିପାରୁ । ମନେ-କର ପ୍ରମାଣ ଅଭାବରୁ ମାଜିଷ୍ଟ୍ରେଟ ସାହେବ ତାକୁ ଛାଡ଼ିଦେଲେ । ନୋହିଲେ ମନେକର ଛଅ-ପାଚ ଶିବାଜୀ ପରି ସେ ଜେଲରୁ କୌଶଳ କରି ପଳାଇ ଆସିଲା । ତା'ପରେ ମନେକର ପୃଥ୍ୱୀରାଜ ସଂଯୁକ୍ତା ହରଣ କଲାପରି ନାୟିକାକୁ ନେଇ ଡେରାଡୁନ୍ ଏକ୍‌ସପ୍ରେସରେ ଦେଲା ଚମ୍ପଟ୍—

ଅମିତାଭ କହିଲା—"ତା କଣ ହୋଇପାରେ ? ତା କଣ ସ୍ୱାଭାବିକ ହେବ ନାୟକର ଚରିତ୍ର ପକ୍ଷରେ !"

ଅମିୟ କହିଲା—"ମୋ କଥା ମାନ ନାୟକଙ୍କୁ ଥରେ ବିଲାତ ଘୁରାଇ ଆଣି ତରୁଣ ଅଧ୍ୟାପକ କରି ଦେଇଥିଲେ ଆଉ ନାୟିକାକୁ ଥରେ ବେଥୁନ କଲେଜରେ କିମ୍ବା ଆମ କଟକ ରେଭେନ୍ସା କଲେଜରେ ଭର୍ତ୍ତି କରି ଦେଇଥିଲେ ତତେ ସ୍ୱାଭାବିକ ଓ ଅସ୍ୱାଭାବିକ ପାଇଁ ଏତେ ଚିନ୍ତା କରିବାକୁ ହୁଅନ୍ତା ନାହିଁ । ପ୍ରେମାନୁସନ୍ଧ ଆପେ ଆପେ ଜମି ଯାଆନ୍ତାଣି ।

ଅମିତାଭ କିଛି ମନ୍ତବ୍ୟ ନ ଦେଇ ଗଳ୍ପ ଆରମ୍ଭ କଲା—

"………ବର୍ଷେ, ଦୁଇବର୍ଷ, ତିନିବର୍ଷ । ମୀରା ସମ୍ପୂର୍ଣ୍ଣରୂପେ ଭାଙ୍ଗି ପଡ଼ିଲା । ଜୀବନଟା ତା ନିକଟରେ ହୋଇ ଉଠିଲା ଗୋଟାଏ ମରୁଭୂମି । ତାପରେ ନାୟକ ଖଲାସ ହୋଇ ଆସିଲା । ଏହା ଭିତରେ କିନ୍ତୁ ଦୁନିଆର ଚେହେରା ବଦଳି ଯାଇଛି । ମେସର ମ୍ୟାନେଜର ତାକୁ ପୁଲିସ ଭୟରେ ମେସରେ ସ୍ଥାନ ଦେଲେ ନାହିଁ । ବାପା ବିରକ୍ତ ହୋଇ ଘରୁ ଟଙ୍କା ପଠାଇବା ବନ୍ଦ କରିଦେଲେ । କଲେଜରୁ ନାମ କଟିଗଲା । ସାଙ୍ଗସାଥୀମାନେ ସି. ଆଇ. ଡି. ନଜରରେ ପଡ଼ିବା ଭୟରେ ତାଠାରୁ ଯଥାସମ୍ଭବ ଦୂରରେ ରହିଲେ । ଦୁନିଆରେ ସେ ହେଲା ସର୍ବହରା । ନିଜ ଛଡ଼ା ତାର ଆଉ କେହି ନ ଥିଲେ ଏତେବଡ଼ ଜଗତରେ ।"

"ତା ପରେ ନିଶ୍ଚୟ ଦେଖାହେଲା ମୀରା ସାଙ୍ଗରେ, ନୁହେଁ"—ଅଧୀର ହୋଇ ଅମିୟ ପଚାରିଲା ।

"ନା, ଦେଖାହେଲା ନାହିଁ । ମୀରା ଚିଠି ଉପରେ ଚିଠି ଲେଖିଲା । ତାକୁ ଥରେ ଦେଖା ଦେବାପାଇଁ କେତେ ମିନତି କଲା । କିନ୍ତୁ ନାୟକ ପାହାଡ଼ ପରି ଅଟଳ । ତା ଭିତରର କବି କହିଲା—ଏ ମାଳା ତୋର, ସ୍ୱୀକାର ନେବାକୁ ଇ ହେବ, କିନ୍ତୁ କର୍ମୀ ଜବାବ ଦେଲା—ଚୁପ୍ ହୁଅ କବି ! ବାସ୍ତବତା ସମ୍ବନ୍ଧରେ ତମର କୌଣସି ଧାରଣା ନାହିଁ । ତମେ ଖାଲି ଜାଣ ସ୍ୱପ୍ନ—ସ୍ୱପ୍ନ ଆଉ ସ୍ୱପ୍ନ ! ମୀରା ଆସି ତା ପାଖରେ କାନ୍ଦିଲା, କହିଲା—

Digitized by srujanika@gmail.com

‘ତମେ ଏତେ ନିଷ୍ଠୁର ବୋଲି ମୁଁ ଜାଣି ନ ଥିଲି ।’ କବି ଜବାବ ଦେବାକୁ ଯାଉଥିଲି—‘ମୁଁ ନିଷ୍ଠୁର ନୁହେଁ ମୀରା । ମୁଁ ତମକୁ ଭଲପାଏ ।’ କିନ୍ତୁ ତା ଭିତରର କର୍ମୀ କବିକୁ କହିବାକୁ ନ ଦେଇ କହିଲି, “ତମେ ମୋତେ ଭୁଲିଯିବାକୁ ଚେଷ୍ଟାକର ମୀରା ! ମୁଁ ଫୁଟପାଥର ଜୀବ । ଏ ଜୀବନରେ ମୋର ଫୁଟପାଥ ଛଡ଼ା ଅନ୍ୟ କିଛି ସଂବଳ ନାହିଁ ।”

“ଶେଷରେ କବିର ହିଁ ଜୟ ହେଲା, ନୁହେଁ ?”

“ନା ଜୟ ହେଲା କର୍ମୀର ।”

ନାୟକ କହିଲା, “ଦେଖ ମୀରା, ତମେ ଯେ ମତେ ଭଲପାଅ ମୁଁ ତା ଜାଣେ । ମୁଁ ଯେ ତମକୁ ଭଲ ନ ପାଏ, ତା ନୁହେଁ । କିନ୍ତୁ ଭଲ ପାଇବା ମୋ ନିକଟରେ ଖାଲି ଗୋଟାଏ ସେଂଟିମେଂଟ୍ ବା ସୌକ୍ ନୁହେଁ । ପେଶାଦାର ପ୍ରେମିକଙ୍କ ପରି ମୁଁ ମୋର ଭଲ ପାଇବାର ବେଦୀ ଉପରେ ତମକୁ ବଳି ଦେବାକୁ ଚାହେଁ ନାହିଁ । ମୁଁ ତମର ଭବିଷ୍ୟତ ପାଇଁ ଚିନ୍ତିତ । ମତେ ବିବାହ କରିବା ପରେ ଯେଉଁ ବାସ୍ତବ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ସେଥିପାଇଁ ପ୍ରସ୍ତୁତ ହେବାର ସାହସ ଯେତେବେଳେ ତମର ନାହିଁ, ସେତେବେଳେ ଏ ସେଂଟିମେଂଟ୍ ଯେତେ ଶୀଘ୍ର ଯାଏ, ସେତେ ତମ ପକ୍ଷରେ ମଙ୍ଗଳ । ମୁଁ ତମକୁ ସତରେ ଭଲପାଏ ମୀରା ! ସେଥିପାଇଁ ତମ ଅପେକ୍ଷା ତମ ମଙ୍ଗଳ ନିମନ୍ତେ ମୁଁ ବେଶି ଚିନ୍ତିତ । ମୁଁ ତ ସ୍ୱାର୍ଥପର ନୁହେ, ସ୍ୱାର୍ଥପାଇଁ ତମର ଏତେ ବଡ଼ ଜୀବନକୁ ଜାଳିପୋଡ଼ି ନଷ୍ଟ କରିବା ମୋ ଦ୍ୱାରା ହେବନାହିଁ । ଅବଶ୍ୟ ଯେଉଁଠି ତମର ଐକ୍ୟ ଅଛି, ଯେଉଁଠି କମରେଡ୍‌ସିପ୍ ଅଛି; ଯେଉଁଠି ଜାଣିଶୁଣି ପଥ ନିର୍ବାଚନ କରି ନେବାର ଯୋଗ୍ୟତା ଓ କ୍ଷମତା ଅଛି, ସେଠିକା କଥା ଅଲଗା; କିନ୍ତୁ ତମେତ ସଚେତନ ନୁହ ମୀରା ! ତମେ ମୋତେ ଭଲ ପାଇଚ ସତ ବା ପଥର ଆକର୍ଷଣରେ ନୁହେଁ । ଗୋଟାଏ ଅର୍ଦ୍ଧଚେତନ ଭାବପ୍ରବଣତା ଆଉ ସେଂଟିମେଂଟ୍‌ର ସ୍ୱପ୍ନରେ ଅନ୍ଧ ହୋଇ ଏତେବଡ଼ ବାସ୍ତବତାକୁ ଭୁଲିଗଲେ ସେ ନିଶ୍ଚୟ ଦିନେ ପ୍ରତିଶୋଧ ନେବ । ବାସ୍ତବତାର କଠିନ ବାଲୁକା ପ୍ରାନ୍ତରରେ ତମର ଏ ସ୍ୱପ୍ନର ଲହରି ଧକ୍କା ଖାଇ କେତେଦିନ ତିଷ୍ଠି ପାରିବ ? ଆଜିର ସେଂଟିମେଂଟ୍ କାଲି ହୁଏତ ଏକ ନିଷ୍ଠୁର ବିଦ୍ରୂପରେ ପରିଣତ ହେବ । ସେତେବେଳେ ତମେ ଅନୁତାପ କରିବ ମୀରା ! ଯେଉଁଠି ପଥର ଗ୍ରନ୍ଥି ଶିଥିଳ ସେଠାରେ ସହଯାତ୍ରୀ ଭାବରେ କେତେଦିନ ଖାଲି ସ୍ୱପ୍ନର ନିଶାରେ ବାଟ ଚାଲିବା ?”

“ମୀରା କଣ କହିଲା ?”

“କଣ କହନ୍ତା ସେ ? ଏତେ କଥା ସେ ଜମା ବୁଝି ପାରୁ ନ ଥିଲା । ସେ ଜାଣେ ସେ କେବଳ ଭଲ ପାଇଚି । ଏହାଠାରୁ ବେଶି ସେ କିଛି ଜାଣେ ନାହିଁ । ସେ କେବଳ କାନ୍ଦିଲା, ମିନତି କଲା ।”

“ଗଳ୍ପଟା କିନ୍ତୁ କ୍ରମେ ଜଟିଳ ହୋଇ ଆସୁଚି ।”

ଅମିତାଭ କହିଲା—“ନାୟକ ମୀରାକୁ ବହୁତ ବୁଝାଇଲା, କିନ୍ତୁ ମୀରା ବୁଝିଲା

Digitized by srujanika@gmail.com

ନାଇ ଜମା । ଶେଷରେ ନାୟକ ଅନ୍ୟ ଉପାୟ ନ ଦେଖି ମିଥ୍ୟାର ଆଶ୍ରୟ ନେବାକୁ ପଶ୍ଚାତ୍‌ପଦ ହେଲା ନାଇଁ । ବହୁତ ଭାବି ଚିନ୍ତି ସେ ମୀରାକୁ କହିଲା, "ଦେଖ ମୀରା ! ମୁଁ ଭଲପାଏ ଆଉ ଜଣକୁ । ଆଜି ସତକଥା କହିବାର ସମୟ ଆସିଛି । ହେଇ ଦେଖ ତାର ଫଟୋ ରହିଚି ମୋ ପାଖରେ ।" ବଟୁଆରୁ କାଢ଼ି ଆଣିଥିବା ଗୋଟାଏ ବାଳିକାର ଫଟୋଗ୍ରାଫ ସେ ମୀରାକୁ ଦେଖାଇଲା ।"

"ମୀରା କଣ ତା କଥାରେ ବିଶ୍ୱାସ କଲା ?"

"ପ୍ରଥମେ ତ ବିଶ୍ୱାସ କରୁନଥିଲା, କିନ୍ତୁ ପରେ ନାୟକ ଯେତେବେଳେ ଅନେକ ହାତଗଢ଼ା ପ୍ରମାଣ ଦେଖାଇଲା, ସେତେବେଳେ ସେ ଆଉ ତା କଥାକୁ ଅବିଶ୍ୱାସ କରି ପାରିଲା ନାଇଁ । ଆଗରୁ କହିଚି, ଭାରି ସରଳା ସେ । କୌଣସି ଜିନିଷକୁ ବିଶ୍ଳେଷଣ କରି ଦେଖିବାର ତୀକ୍ଷ୍ଣ ବୁଦ୍ଧି ତାର ନ ଥିଲା ।"

"ନାୟକ ଭାବିଥିଲା ମୀରା ତା ଉପରେ ରାଗିବ; ଈର୍ଷାନ୍ୱିତା ହେବ ଏବଂ ପ୍ରତିଶୋଧ ନେବାକୁ ଚେଷ୍ଟା କରିବ । ସେ ଏହାହିଁ ଚାହୁଁଥିଲା । କାରଣ ମୀରା ତାକୁ ଭୁଲି ଯାଉ ଆଉ ସୁଖିନୀ ହେଉ ଏହାଠାରୁ ବେଶି କିଛି ସେ ଭାବିପାରୁ ନ ଥିଲା ? କିନ୍ତୁ ମୀରା କେବଳ ଲୁହରେ ଛାତି ଥଣ୍ଡାଇବାକୁ ଲାଗିଲା । କାନ୍ଦିବା ଛଡ଼ା ଦୁନିଆରେ ଆଉ କିଛି ସେ ଜାଣି ନ ଥିଲା । ଭାରି ଅଭିମାନିନୀ ସେ ।"

ଅମିୟର ରାଗ ସୀମା ଲଂଘନ କରିବା ଉପରେ । ସେ ତୀବ୍ର ସ୍ୱରରେ କହିଲା— "ତୋର ନାୟକ ନିଷ୍ଠୁର, ଧପ୍‌ପାବାଜ, ମିଥ୍ୟାବାଦୀ ।"

ଶାନ୍ତ ଭାବରେ ଅମିତାଭ କହିଲା—"ହୋଇପାରେ; କିନ୍ତୁ ସ୍ୱାର୍ଥପର ନୁହେଁ । ନିଜର ସ୍ୱାର୍ଥ ପାଇଁ ମିଥ୍ୟାର ଆଶ୍ରୟ ନେବାକୁ ସେ ଘୃଣା କରେ । କିନ୍ତୁ ମୀରାର କଲ୍ୟାଣ ପାଇଁ ସେ ଦୁନିଆଁର ଯେକୌଣସି ଘୃଣିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ । ସେ ଯେ ତାକୁ ପ୍ରକୃତରେ ଭଲପାଏ ! ମୀରାକୁ ସେଦିନ ବିଦାୟ ଦେବା ପରେ ସେ ସାରା ରାତି ବିଛଣାରେ କାନ୍ଦି କାନ୍ଦି କଟାଇଚି । ସେ ଚାହେଁ ମୀରା ସୁଖିନୀ ହେଉ । ତାକୁ ବିବାହ କରି ସ୍ତୂପୀକୃତ ଅଭାବ ଅନଟନ ଭିତରେ ମୀରାର ଜୀବନ ପଳେ ପଳେ ତିଳପୋଡ଼ି ପାଉଁଶ ହୋଇଯାଉ, ଏହା ତାହାର କଳ୍ପନାର ଅତୀତ । ସେ ଭାବୁଥିଲା ସେ ଫୁଟ୍‌ପାଥର ଜୀବ, ଯାହାର ଭବିଷ୍ୟତ ପୁଲସର ଦସ୍ତା ଉପରେ ଝୁଲୁଚି, ଅନ୍ୟକୁ ଭଲ ପାଇ ତାର ଜୀବନ ନଷ୍ଟ କରିବାର ଅଧିକାର ତାର ନାଇଁ । ସେ ବାସ୍ତବତାକୁ ଚିହ୍ନିଥିଲ । ସେଥିପାଇଁ ମୀରାର କୋମଳ ଛାତି ଉପରେ ବାସ୍ତବତାର ଏତେ ବଡ ପାହାଡ଼ ଶୃଂଗ ଲଦି ଦେବାକୁ ତାର ଜମା ଇଚ୍ଛା ନ ଥିଲ ।"

ଅମିୟର ଗଳ୍ପ ଶେଷ ପର୍ଯ୍ୟନ୍ତ ଶୁଣିବା ପାଇଁ ଆଉ ଜମା ଉତ୍ସାହ ନ ଥିଲ ।

ସେ ଅନ୍ୟମନସ୍କ ଭାବରେ ପଚାରିଲ—"କଣ ଏଇଠି ଗଳ୍ପ ଶେଷ ହେଲ ?"

"ହଁ ପ୍ରାୟ ଶେଷ ହେବା ଉପରେ । ନାୟକ ଚାହୁଁଥିଲ, ମୀରାର ସମସ୍ତ ସ୍ମୃତିକୁ

Digitized by srujanika@gmail.com

ନିଶ୍ଚିହ୍ନ କରି ମନରୁ ପୋଛି ଦେବାକୁ । ସେଥିଲାଗି ତ ସେ ସେଇଦିନ ସନ୍ଧ୍ୟାରେ କଲିକତା ଛାଡ଼ି ଓଡ଼ିଶା ଚାଲି ଆସିଲା । ମୀରା ସଙ୍ଗେ ଆଉ ଦେଖା କରିବାକୁ ତାର ସାହସ ହେଲା ନାହିଁ । ତା ଅନ୍ତରରେ ବାଜଥିଲା ବିସର୍ଜନର ବଂଶୀ, ଆଜି ସେ ତାର ସର୍ବସ୍ୱ ହରାଇଛି । ନିଜ ହାତରେ ସବୁ ଦାନ କରି ଆସିଛି । ସବୁ ହରାଇବାରେ ଯେଉଁ ଅସହାୟ ଆନନ୍ଦ, ସେଇ ଆନନ୍ଦ ହିଁ ଥିଲା ତାର ଆଜି ଏକମାତ୍ର ସାନ୍ତ୍ୱନା । ତା ଭିତରର କବି ଭାଙ୍ଗି ପଡ଼ିଥିଲା ସତ, କିନ୍ତୁ କର୍ମୀ ଅନୁଭବ କରୁଥିଲା ଏକ ପ୍ରକାର ଗର୍ବ ।"

"ମୀରା ଆସିଥିଲା ଷ୍ଟେସନକୁ ଶେଷଥର ପାଇଁ ତା ନିକଟରୁ ବିଦାୟ ନେବାକୁ । ଗାଡ଼ି ଛାଡ଼ିବାର ଦଶ ମିନିଟ୍ ପୂର୍ବରୁ ନାୟକ ତାର ଗ୍ଲୋଭ ହାତଟିକୁ ନିଜ ହାତ ମୁଠାରେ ନେଇ କହିଲା — 'ମୋତେ ଭୁଲିଯିବାକୁ ଚେଷ୍ଟାକର ମୀରା ! ପ୍ରେମ ଖାଲି ସେଣ୍ଟିମେଣ୍ଟ୍ ନୁହେଁ । ଏହା ତାହା ଅପେକ୍ଷା ଢେର ବଡ଼ । ମୋ ପଥ ତମ ପାଇଁ ନୁହେଁ, ତାହା ତମେ ସହ୍ୟ କରି ପାରିବ ନାହିଁ । ମୋର ପରି ହତଭାଗା ଆଉ ଅଲକ୍ଷଣାର ଦଳ ସେଇ ପଥର ଚିରନ୍ତନ ଯାତ୍ରୀ । ତମର ଯେଉଁ ପଥ ସଙ୍ଗେ ଜମାରୁ ପରିଚୟ ନାହିଁ, ମୋ ପାଇଁ ସେ ପଥରେ ଗୋଡ ବଢ଼ାଇଥିଲେ ଭାଙ୍ଗି ପଡ଼ିଥାନ୍ତ ସିନା, ଚାଲିପାରି ନ ଥାନ୍ତ ।' ତାପରେ ସିଟି ବାଜିଲା । ମୀରା କହିଲା, 'ଚିଠିଦେବ ।' ରୁମାଲରେ ଆଖି ପୋଛୁ ପୋଛୁ ନାୟକ ଜବାବ ଦେଲା — 'ଚିଠି ଦେଇ ଲାଭ ?' ପ୍ରଥମ ଥର ପାଇଁ ତା ଅନ୍ତରର ଦୁର୍ବଳତା ତାର ମୁଖ ଦେଇ ଆତ୍ମପ୍ରକାଶ କଲା । ତା ଅନ୍ତରର କବି କହିଲା — 'ନମସ୍କାର ମୀରା । ତମେ ମୋର ବରାବର ମନେ ରହିବ । ଏଇଥିପାଇଁ ଯେ ତମେ ଥିଲ ଏଇ ହତଭାଗାର ଯାତ୍ରା-ପଥରେ ଏକମାତ୍ର ପୁଷ୍ପତରୁ — ଯାହାର ଛାୟା, ଯାହାର ସୌରଭ ସଙ୍ଗୀତ ଛଡ଼ା ତରୁଣ ଯାତ୍ରୀଟିର ଭାରାକ୍ରାନ୍ତ ମୁହୂର୍ତ୍ତର ସମସ୍ତ କ୍ଲାନ୍ତ ହରଣ କରି ନେଇଥିଲା । ମୋ ପଥ ପାଶ୍ୱର୍ରେ ଦିନେ ଯେ ଫୁଲ ଫୁଟିଥିଲା, ସେ ସ୍ମୃତିକୁ ଭୁଲିବା ଏ ପଥିକ ପକ୍ଷରେ ଅସମ୍ଭବ ହେବ । ମୁଁ ଚିରଦିନ ସେଇ ଫୁଲ ଫୁଟିବାର ଜୟ ଗାଇଯିବ ।' କର୍ମୀ ଲାଜରେ ରଙ୍ଗ ପଡ଼ିଯାଇ କହିଲା — 'ଛି, ଛି, କବି ! ଏଡ଼େ ଦୁର୍ବଳ ତମେ ।' ଟ୍ରେନ ଛାଡ଼ିଲା । ବାହାରେ ମାତିଥିଲା ଝଡ଼ ଉଦ୍ଦାମ ନୃତ୍ୟରେ ପାଗଳ ହୋଇ, ନାୟକ ମୁଗ୍ଧ ହୋଇ ସେଇ ଝଡ଼ ଆଡକୁ ଚାହିଁଲା । ତା ପରେ ଦୁଇ ହାତ ଟେକି ସେହି ଦୁର୍ବାର ଶକ୍ତି ଉଦ୍ଦେଶ୍ୟରେ ନମସ୍କାର କଲା । ମନେ ମନେ ଭାବିଲା, ସେ ଯେପରି ସେହି ଝଡ଼ର ଗୋଟିଏ ଅବିଚ୍ଛିନ୍ନ ଅଂଶ । ଦୁନିଆର ଅସଂଖ୍ୟ ଭଗ୍ନ ଅସ୍ଥି ହାଡ଼କୁ ମାଟିରେ ମିଶାଇ ଦେଇ ତାରି ଉପରେ ଉଦ୍ଦାମ ଗତିରେ ବୋହି ଯିବାକୁ ସେ ଯେପରି ଆସିଛି । ଏହା ହିଁ ତାର ଅଭିସାରର ପଥ !!!"

ଅମିୟ ଖଣ୍ଡେ ସିଗାରେଟ ଲଗାଉ ଲଗାଉ କହିଲା — "ଟଲଷ୍ଟୟଙ୍କ ଅନାକାରିନିଆ ଭଳିଆ ଉପେକ୍ଷିତା ନାୟିକା ତାର ପ୍ରେମିକର ଟ୍ରେନତଳେ ଆତ୍ମହତ୍ୟା କଲାନାହିଁ କାହିଁକି ?"

ଅମିତାଭ ଆଉ ଖଣ୍ଡେ ସିଗାରେଟ୍ ଲଗାଉ ଲଗାଉ କହିଲା — "ଆତ୍ମହତ୍ୟା କରିବାଟା ତ ଖୁବ୍ ବାହାଦୁରିର କାମ ନୁହେଁ । ଯେ ନିତାନ୍ତ ଭୀରୁ, ଜୀବନର ସମ୍ମୁଖୀନ ହେବାକୁ

Digitized by srujanika@gmail.com

ସାହସ ନାହିଁ, ତାର ପକ୍ଷରେ ଏହା କେବଳ ସୁନ୍ଦର ।"

ଅମିୟ କହିଲା—"ଗଳ୍ପଟା ନିହାତି ମାମୁଲି । ମଝିରେ ଅନ୍ୟ ରକମର କହିଥିଲେ ଭଲ ହୋଇଥାଆନ୍ତା । ଗୋଟିଏ 'ଏଲୋପମେଣ୍ଟ' ଦେଇଥିଲେ ଅବଶ୍ୟ ରୋମାଞ୍ଚକର ହୋଇଥାଆନ୍ତା ।"

ଅମିତାଭ କହିଲା—"ଜୀବନକୁ ନେଇ ଜୁଆ ଖେଳିବା ଦେଖଣାହାରିଙ୍କ ପକ୍ଷରେ ଯେତେ ରୋମାଞ୍ଚକର ହେଉ ପଛକେ ମୋ ନାୟକ ପକ୍ଷରେ ଏହା ସମ୍ପୂର୍ଣ୍ଣ ଅସମ୍ଭବ । ସେ ସର୍ବୋପରି ଜୀବନକୁ ଭଲ୍ପ କରେ । ବାସ୍ତବତାକୁ ସେ ଗଭୀର ଭାବରେ ଚାହେଁ ।"

ଅମିୟ କ୍ଷୁଣ୍ଣ କଣ୍ଠରେ କହିଲା—"ଗଳ୍ପଟା ତ ଏକ ପ୍ରକାର ଅସି ଶେଷ ହେଲା; କିନ୍ତୁ ନାୟକଙ୍କର ତ ଏ ପର୍ଯ୍ୟନ୍ତ ନାମ ଦିଆଗଲା ନାହିଁ । ସେତିକି ବାକି ରହିଲା କାହିଁକି ?"

ଅମିତାଭ ଥଙ୍ଗ ଥଙ୍ଗ ହୋଇ କହିଲା—"ନାୟକର ନାମ ? ତା ନାମ ?" ତା' ମୁହଁ ହଠାତ୍ ବିବର୍ଣ୍ଣ ପଡ଼ିଗଲା ।

—"ଗୋଟିଏ କିଛି ଦିଅ ।" ଅମିୟ କହିଲା ।

ଅମିତାଭ କିଛିକ୍ଷଣ ପର୍ଯ୍ୟନ୍ତ ଭାବିଲା । ତା ପରେ ଗମ୍ଭୀର ହୋଇ କହିଲା—"ନାୟକର ନାମ ଅମିତାଭ ।" ଆଶ୍ଚର୍ଯ୍ୟ ହୋଇ ଅମିୟ କହିଲା—"ଏଁ ଅମିତାଭ ? ଏ ଯେ ତୋ ନିଜ ନାମ ।"

ଅମିତାଭ କ୍ଷୀଣ କଣ୍ଠରେ ଜବାବ ଦେଲା, "ଏ ତ ଗଳ୍ପ ନୁହେଁ । ଏହା ଯେ ମୋ ଆତ୍ମକାହାଣୀର ଗୋଟାଏ ଛିନ୍ନ ପୃଷ୍ଠା ।"

ନିର୍ବାକ ବିସ୍ମୟରେ ଅମିୟ କେବଳ ଗଙ୍ଗାଆଡ଼କୁ ଅନାଇ ରହିଲା ।

Digitized by srujanika@gmail.com

ଆଂଗୁଠି

ଭଡ଼ ଭୋର । କଂଟା-ନଟିର ଯାବକା ପତ୍ରର ଉପରେ ଜହ୍ନ ଅଳୁଅ ଶେଷ ଦେଖା ଗଲଣି । ପଠାଣ ସାହିର ଗୋଟାଏ ଗୃହ ଉପରେ ବସି ଚୌମିଜମିଆଁର ଗଂଜାଟା କୁକୁଡ଼ା ଡାକ ଛାଡ଼ୁଛି 'ଚ—କ—କ—ଅ—ଧ—ର—ଚ—ଖ—ଅ—ଅ···।' ଓଦା ମାଟିର ସୁଗନ୍ଧ ପାଇ କାନଶିର ଗଛର ଅରମା ଭିତରୁ ଗୋଟାଏ ଝିଂଟିକା ବିଁ ଚିଁ ଚିଁ ହୋଇ ଡାକ ପାରୁଛି ତା ସାଥିରେ—

ମାଗୁଣି ଖାଁ ବାହାରିଲେ ହଳକୁ । କାଲି ଅଧରାଏ ବର୍ଷାହୋଇ ଗୁଡ଼ାଏ ଯାଇଛି; ନୁଝୁର ବିଲ ମାଟିରେ ଗାର ଦେବା ପାଇଁ ଉତ୍ତମ ସୁଯୋଗ । ଗାମୁଛାଟାକୁ ମୁଂଡରେ ଭଲ କରି ଗୁଡ଼େଇ ଦେଇ ସେ ବାଙ୍କପାଖ କଦଆର ଗଛରୁ ହାତ ବଢ଼ାଇ ଖଂଡେ ଡାଳ ଭାଂଗିଲେ । ତା ପରେ ବଟୁଆରୁ ଗୁଆକାଟଟା କାଢ଼ି ସେଥିରୁ ଗଂଠିପଞ୍ଝତକ ଭଲ କରି ମାରିଦେଇ ଖଂଡେ ଦେଢ଼ହାତ ଲଂବର ପାଂଚଣ ତିଆରିକଲେ । ତହିଁ ଉତ୍ତାରୁ ମାମୁଲି ଅଭ୍ୟାସ ମୁତାବକ ଗୋଟାଏ ଦରପାସୋରା ହିଂଦୁଆନି ଶଗଡ଼ିଆ ଗୀତରୁ ପଦେ ଗାଇ ଗାଇ ସେ ନିଜ ବିଲ ଅଡ଼କୁ ମୁହାଁଇଲେ—

“ରାମ ସେ ଲଇଛଣ ହୋ ଗଲେ ମୃଗ ମାରି ।”

ଗାଁଆ ଚୌଟାର ଗଛ ଗହଳ ଭିତରେ କଂଠର ଆବାଜ୍ ତାର ପ୍ରତିଧ୍ୱନିତ ହୋଇ ମଶିଗଲା ନିଜ ଗ୍ରୁଏଁ—

କିଛି ଦୂର ଯାଇ ସେ ମୁଂଡ ଉପର ଆଂବଗଛରୁ ଖଂଡେ ଡାଳ ଭାଂଗି ଦାଂତକାଠି ତିଆରି କଲେ ଏବଂ ଦାଂତକାଠି ଖଂଡକ ଚୋବାଇ ଚୋବାଇ ଆଗକୁ ମାଡ଼ି ଚାଲିଲେ ।

ଗାଁ ମୁଂଡରେ ଗୋଟାଏ ବଡ଼ ଅନ୍ଧାର ଗଦାପରି ଯେଉଁ ଝାଂପୁଲି ବରଗଛଟା ଛିଡ଼ା ହୋଇଛି; ତାରି ମୂଳରେ ଗ୍ରାମ ଦେବତା ବାଉତି ଠାକୁରାଣୀଂକର ଆସ୍ଥାନ ବେଦୀ । ଅଳ୍ପ ଦୂରରେ ମଶାଣି । କାଲି ରାତିର ଗୋଟାଏ ଦରପୋଡ଼ା ମୁରୁଦାରକୁ କୁକୁରେ ଧରି ଜୁଇନିଆଁ ଦୁକୁଦୁକୁ ହୋଇ ଜଳୁଛି । ହିଂଦୁ ଦଅଁ ଦେବତାଂକ ଉପରେ ହଜାର ବିଶ୍ୱାସ ନଥିଲେ କଣ ହେବ, ସେଇ ଗଛମୂଳରେ ପହଂଚିଲାକ୍ଷଣି ମାଗୁଣି ଖାଁର ଛାତିଟା କେଜାଣି କାହିଁକି ଭାରି ଜୋରରେ ଦକ୍ଦକ୍ ହୋଇ ପଡ଼ିବାକୁ ଲାଗିଲା । ବାଟରେ ଜନପ୍ରାଣୀର ସୋରିଶବଦ ନାହିଁ, ଘରଆଡ଼େ ନିଘୁଟିଆ, ଅନ୍ଧିଆରରେ ମାଗୁଣି ଖାଁର ହାତ ପାପୁଲିଟା ଡାହାଣପଟ ବଳଦ ଲାଂଗୁଡ଼କୁ ମୁଠେଇ ଧରିଲା—

ହଠାତ୍ ଏହିପରି ସମୟରେ ଦେଖାଗଲା, ସେଇ ବରଓହଳ ତଳେ ଦୁଇଟା ମଣିଷର ଛାଇ । ମାଗୁଣି ଖାଁର ଦେହରୁ ଗୋଟାଏ ଘମାଘୋଟିଆ ଝାଳ ନିଗିଡ଼ିଗଲା । ପାଟି ତାର ଅଟା।

Digitized by srujanika@gmail.com

ଅଠା ହୋଇଆସିଲା । ଠିକ୍ ଏତିକିବେଳେ ତାର ମନେ ପଡ଼ିଗଲା ଯେ, ଆଜି ଶନିବାର ।

ଏ ଯାହାରୁ ଭଲରେ ଭଲରେ ରକ୍ଷା ପାଇଲେ ଠାକୁରାଣୀଂକୁ ଯାଆଁଳା କୁକୁଡ଼ା ଦେବ ବୋଲି ମନାସିଲା । ହିଂଦୁ ମୁସଲମାନ ଉଭୟ ଧର୍ମର ଶତାଧିକ ଦେବ ଦେବତାଂକ ନାମ ସେ ମନେ ମନେ ଉଚ୍ଚାରଣ କରିଗଲା ଏବଂ ସମସ୍ତଂକୁ ନାନା ରକମର ପ୍ରଲୋଭନ ଦେଖାଇ ଏ ମହା ବିପଦରୁ ତାକୁ ରକ୍ଷା କରିବାପାଇଁ ଅନୁରୋଧ କଲା ।

କ୍ରମେ ଲୋକ ଦୁଇଟା ଦୂରକୁ ଦୂର ଘୁଂଚିଗଲେ । ମାଗୁଣି ଖାଁର ବୋଧହୁଏ ଚେତା ବୁଡ଼ିଯାଉଥାଂତା ଆଜି ଚିକିଏ ଯାଇଥିଲେ; କିଂତୁ ଠିକ୍ ଏତିକିବେଳେ ସେ ସେହି ଲୋକ ଦୁଇଟାର କଥାବାର୍ତ୍ତା ଶୁଣି ପାରିଲା । ଟିକିଏ ଦଂଭ ଆସିଲା ତାର । ଭାବିଲା, ସତରେ ମଣିଷ ହେବେ ପରା ! ସେ କାନ ଦୁଇଟାକୁ ଟେକି ଖୁବ୍ ତନ୍ମୟ ହୋଇ ଶୁଣିବାକୁ ଲାଗିଲା । ପ୍ରଥମ ଲୋକ କହୁଛି—

"କାଶୀ ଆଂଗୁଠିର ଦାମ୍ କେତେ ?"

ଦ୍ଵିତୀୟ କଂଠରୁ ଉତ୍ତର ଆସିଲା—"ଆଜ୍ଞା, ଅମୂଲ୍ୟ ମୂଲ ହାଂକୁଛି । କହୁଛି ଦେଢ଼ଶ ଟଂକାରୁ ଗୋଟିଏ ପାହୁଲା ଉଣା ହେଲେ ବି ସେ ଦେବ ନାହିଁ—"

"ବୁଢ଼ା ଆଂଗୁଠି କେତେ ନେଲେ ଦେବ ?"

"ଆଜ୍ଞା, ପାଂଚଶ ।"

"ଧେତ୍ ।"

"ଆଜ୍ଞା, ହିଁ, ହଜୁରୁ ମା ବାପ, ମୁଁ କଣ ମିଛ କହୁଚି ?"

"ବଡ଼ ଚଢ଼ା ଦାମ୍ ! ଦବାନବା କରୁ ।"

"ନାହିଁ ଆଜ୍ଞା, ସେ ଏକା ରେଂଟି ଧରିଛି—ଦେଢ଼ଶ ଟଂକା ନଗଦ ନ ହେଲେ ସେ କାଶୀ ଆଂଗୁଠିଟି ଦବ ନାହିଁ, ମୁଂଡ ଛିଡ଼ିଗଲେ ବି ନୁହେଁ ।"

ନିସ୍ତବ୍ଧତା—ଲୋକ ଦୁଇଟା ଚୁପ୍‌ଚାପ୍ । କିଛିକ୍ଷଣ ପରେ ପ୍ରଥମ କଂଠରୁ ଉତ୍ତର ଆସିଲା—

"ଆଚ୍ଛା ଦଆଯିବ । ଏଇ ଆଗତୁରା କୋଡ଼ିଏ ଟଂକା ନିଅ । ଗଣ, ଧର, ବାଂଧ । ହିଁ, ସବୁକଥା ଯିମିତ ମନେରହେ । ବୁଝିଲୁ ? ହୁସିଆର !!!"

ମାଗୁଣି ଟଂକା ଟଣଟଣ ଶବ୍ଦ ଶୁଣିପାରିଲା । ତା ପରେ ସେ ଦେଖିଲା, ଲୋକ ଦୁଇଟି ବିପରୀତ ଦିଗରେ ଅଂତର୍ହିତ ହୋଇଗଲେ । ମାଗୁଣି ଖାଁ ଦଂଗେ ଅକା ହୋଇ ଛିଡ଼ା ହୋଇଗଲା । ସେ ଭାବିଲା, ନିଶ୍ଚୟ ଭୂତ ପ୍ରେତ ହେବେ ପରା । ନୋହିଲେ କାଳି ଅଂଧାରରୁ ମଣିଷ ଆଂଗୁଠି କିଣାବିକା ଲାଗଂତା କିଆଁ ?

ବୋଧହୁଏ ମଣିଷ ଆଂଗୁଠିରେ କୁମ୍ଭୀ ତିଆରି କରି ହଇତାନ ସବୁ ଆଜି ସାଓଗାତ୍ କରିବେ ନା କଣ ? କିଂତୁ ପରକ୍ଷଣରେ ତାର ମନେ ପଡ଼ିଲା, ସେ ପ୍ରଥମ ବ୍ୟକ୍ତିର କଂଠସ୍ୱର

Digitized by srujanika@gmail.com

ଏଥିପୂର୍ବରୁ କୁଡ଼ିଟି ଯେପରି ଶୁଣିଛି । ସେ ସ୍ଥିର ହୋଇ ଟିକିଏ ହେଜିଲା । ଅନେକ ସମୟ ପରେ ତାହାର ମନେ ପଡ଼ିଲା ଯେ, ସେ କଂଠସ୍ୱର ତାଂକ ଗାଁ ଜମିଦାର ବାବୁଂକର । ଥରେ ଖଜଣା ଦେବାକୁ ଦୁଇ ଦିନ ଡେରି ହେଇଯାଇଥିଲା ବୋଲି ଯେଉଁ କଂଠର ଆଦେଶରେ ତାକୁ ଗୋଟାଏ ଅଂଧାରି ଘରେ ବଂଦ କରିଦେଇ ଲଂକାମରିଚ ଧୂଆଁ ଦିଆଯାଇଥିଲା ସେ କଂଠ କିଣ ତାକୁ ଏତେ ନିଲ୍‌ଦ ପ୍ରତାରିତ କରିପାରେ ? କଂଉ ବ୍ୟାପାର୍ କିଣ, ସେ କମା କିଛି ଠଉରାଇ ପାରିଲା ନାହିଁ । ତା ମୁଂଡ ଭିତରେ ସବୁ ଗୋଳମାଳ ହୋଇଗଲା । ସେଉଠୁ ହାକ ଲେଉଟାଇ ସେ ଘରକୁ ବାହୁଡ଼ି ଅଇଲା । ତାର ଭୟ ସଂପୂର୍ଣ୍ଣରୂପେ ଗ୍ଲାନି ନ ଥିଲା, ସେ ସଂଗେ ସଂଗେ ଘରେ ପହଂଚି ଜଣେ ଭଲ ଓଝାଂକଠାରୁ ନିଜକୁ ଅଧିକତର ନିରାପଦ ରଖିବା ଉଦ୍ଦେଶ୍ୟରେ ଗୋଡ଼ଠୁଁ ମୁଂଡ ପର୍ଯ୍ୟଂତ ଝଡ଼ାଇ ଆଣିଲା ଏବଂ ଗୋଟାଏ ଭଲ ତେଉଁରିଆ ଆଣି ମନ୍ତ୍ରି ହାତରେ ସେହି ଦିନ ଘୋଡ଼ାବାଳରେ ବାଂଧି ପକାଇଲା ।

× × × × ×

ଆଜି ଗାଁରେ ଖୁବ୍ ବଡ଼ ସଭା । ଆଗରୁ ଧେଂଡୁରା ଦିଆଯାଇଥିଲା । ବକ୍ତୃତା ଦେବାପାଇଁ କଟକରୁ କେତେଜଣ ସୁନାମଧନ୍ୟ ଦେଶକର୍ମୀ ଆସିଛଂତି । ସଭାସ୍ଥଳ ଲୋକାରଣ୍ୟ । ସଂଜ ନ ବୁଡୁଣୁ ମାଗୁଣି ଖାଁ ସଭାରେ ଆସି ଉପସ୍ଥିତ ହେଲା । ସମସ୍ତଂକ ପଛରେ ସେ ଯାଇ ବସିଲା ଚୁପ୍‌ଚାପ୍ ହୋଇ । ମୁହଁରେ ତାର ଅଗ୍ରହ ଫୁଟି ଉଠୁଥିଲା ।

ଗାଁରେ ଅବକୁଥର ବଂଦୋବସ୍ତ କରି ଖଜଣା ବଢ଼ାଇବା ଫଳରେ ଗାଁର ଦୁଃସ୍ଥ ଓ କୃଷୀକୁଳ ଉପରି ସର୍ବସ୍ୱାଂତ ହେଉଛଂତି ଏବଂ ନିରନ୍ନ ଜନସାଧାରଣଂକର ଝାଳବୁହା ଖାଟୁଣିର ସୁଯୋଗ ନେଇ ଦଳେ ମୁଷ୍ଟିମେୟ ଜମିଦାର ଉପରି ପୁଂଜି ମୁଠି ମୁଠି କରୁଛଂତି, ତାର ସବିଶେଷ ବର୍ଣ୍ଣନା କରି ସରକାରଂକଠାରେ ପ୍ରଜାକୁଳଂକ ଆପତ୍ତି ଜଣାଇବାହିଁ ଆଜିର ଏ ସଭାର ମୁଖ୍ୟ ଉଦ୍ଦେଶ୍ୟ । ଗାଁ ଜମିଦାରଂକ ଅମାନୁଷିକ ଅତ୍ୟାଚାର ଓ ଶୋଷଣ ନୀତିର ପ୍ରତିବାଦ କରିବାପାଇଁ ଏ ବିରାଟ ଜନସଭା ଆହୂତ ହୋଇଛି ।

ଘନ ଘନ କରତାଳି ମଧ୍ୟରେ ସଭାକାର୍ଯ୍ୟ ଆରଂଭ ହେଲା । ଚାରିଆଡ଼େ ସୁଷ୍ଠୁ ଉତ୍ତେଜନା । ଜନତା ଆଖିରେ ଆଜି ଶ୍ରେଣୀ-ଚୈତନ୍ୟର ପ୍ରଥମ ସୂଚନା ପ୍ରତିଭାତ ହେଉଚି । ଆଲୋକର ଆଜି ନୂତନ ସଂକେତ ।

—"ଶୁଣ ଭାଇମାନେ, ଶୁଣ ନିରନ୍ନ ନିଃଶୋଷିତ କୃଷକକୁଳ, ଆଜି ଆମର ସର୍ବସ୍ୱ ଲେହନ କରି ପୁଂଜିବାଦୀର ନିଷ୍ଠୁର ଜିହ୍ୱା ଅଗ୍ରସର ହେଉଛି । ନିଜ ଦେହର ହାଡ଼ ଓ ମାଉଁସ ଛଡ଼ା ଅନ୍ୟ ନିଜର ବୋଲି ଦାବୀ କରିବାର ଜିନିସ ସାରା ପୃଥିବୀରେ ଆମର କିଛି ନାହିଁ । ଆମର ସବୁ ଯାଇଚି, ଅଛି କେବଳ ଭଂଗା ଦଦରା ଜୀବନ । ଆହୁରି ଅଛି ଗୋଟାଏ ରୁଗ୍‌ଣ, ମୁମୂର୍ଷୁ ଏବଂ ଜୀର୍ଣ୍ଣ, ଦଳିତ ଅସ୍ତିତ୍ୱ । ଭାଇ ସର୍ବହରା, ଏକଜୁଟ ହୁଅ, ଏହି ଅମାନୁଷିକ ଶୋଷଣର ପ୍ରତିଶୋଧ ନିଅ—"

ବକ୍ତୃତା ଚାଲିଲା—ଠିକ୍ ଯେପରି ଝଡ଼ର ଶିଂଗା । ଜନତାର ସମୁଦ୍ର ବିଚଳିତ

Digitized by srujanika@gmail.com

ହୋଇ ଉଠିଲା । ସ୍ପଂଦନ ! "ଜାଗ, ଜାଗ, ମଣିଷ ଭାଇ, ତମର ସମସ୍ତ ହାତଆର ଏକଜୁଟ କର, ଏକଜୁଟ ହୁଅ । ମନେ ରଖ, ନିଜକୁ ଶୋଷିତ ହେବାକୁ ଦେବା ସବୁଠାରୁ ବଡ଼ ପାପ । ସେ ପାପର ଅଭିଶାପରେ ମଣିଷ ଜାତି ପଂଗୁ ହୋଇଯିବ—"

ଜନତା ପ୍ରତ୍ୟୁତ୍ତର ଦେଲା—"ଶୋଷଣବାଦ ଧ୍ୱଂସ ହେଉ, ପୁଂଜିବାଦ ଲୋପ ପାଉ ।"

ପୁଣି ବକ୍ତୃତା ଚାଲିଲା—"ଉଠ ଚାଷୀ ଭାଇ ! ତମର ହାଡ଼ଭଂଗା ପରିଶ୍ରମ ଫଳରେ ଯେଉଁ ପଡ଼ିଆ ଭୂଇଁ ଶସ୍ୟଶ୍ୟାମଳା ଜମିରେ ପରିଣତ ହେଲା, ତାର ସ୍ୱତ୍ୱ ଆଜି ଜମିଦାର ତମଠାରୁ ହରଣ କରିନେଇଛନ୍ତି । ତମେ ତମର ହକ୍ ଦାବୀ ବୁଝ । ତାକୁ ଆଦାୟ କରିବା ପାଇଁ ପ୍ରାଣ ପଣ କରି ଡେଇଁ ଉଠ, ଅଗ୍ରସର ହୁଅ । ଗାଁରେ ରୟତସଂଘ ଗଢ଼—"

ଜନତାର ବିରାଟ ସାଗର ମଝିରୁ ପ୍ରତିଧ୍ୱନି ଶୁଣାଗଲା, "ଜମିଦାରୀ ପ୍ରଥା ଧ୍ୱଂସ ହେଉ, ରୟତ ଜାତିର ଜୟ ହେଉ ।"

ଠିକ୍ ଏହିପରି ସମୟରେ ସଭା ମଝିରେ ଜଣେ ଶୀର୍ଣ୍ଣକାୟ ଲୋକ ଛିଡ଼ା ହେବାର ଦେଖାଗଲା । ସେ ସମସ୍ତଂକୁ ନମସ୍କାର କରି ଜଣାଇଲା—

"ଭାଇମାନେ, ଆମେମାନେ ସମସ୍ତେ ମୂର୍ଖ, ତେଣୁ ଏ ଗରମ କଥାରେ ଭୁଲିଯିବା ଆମ ପକ୍ଷରେ ସ୍ୱାଭାବିକ । କିଂତୁ ଭାଇ, ଅନ୍ୟଦ୍ୱାରା ନିଜକୁ ପ୍ରତାରିତ ହେବାକୁ ଦେବା ଉଚିତ ନୁହେଁ । ଆମ ପୂର୍ବପୁରୁଷମାନଂକର ଚିରଂତନ ପଥରୁ ବିଚ୍ୟୁତ ହୁଅ ନାହିଁ । 'ମହାଜନୋ ଯେନ ଗତଃ ସ ପଂଥାଃ ।' ଭାଇ, ଏ କଅଁଳ କ୍ୱହାଂକ କଥାରେ ନିଜର ବାଟ ଭୁଲନାହିଁ । ଭାଇ, ରାଜା, ଜମିଦାର ଏମାନେ ଭଗବାନଂକ ଭିଆଣ । ତାଂକୁ ଦୂର କରିଦେବା ମଣିଷ ହାତର କଥା ନୁହେଁ । ତାଂକୁ ସମ୍ମାନ ଦେଖାଇବା ହିଁ ମନୁଷ୍ୟ ଜାତିର କର୍ତ୍ତବ୍ୟ । ଏମାନେ ଯେଉଁ 'ରୟତସଂଘ' ଗଢ଼ିବା କଥା ଇଲାଗେ କହିଲେ, ତାର ଭିତରି ଉଦ୍ଦେଶ୍ୟ କଣ ଜାଣ ? ତାର ଉଦ୍ଦେଶ୍ୟ ହେଉଛି ତମ ଠାରୁ ଚାଂଦା ଅସୁଲ କରି ଆତ୍ମସାତ୍ କରିବା—"

ଜନତା ଆଖିରେ ସଂଦେହ ଦେଖାଗଲା । ସେମାନେ ଜିଜ୍ଞାସୁ ଦୃଷ୍ଟିରେ ପରସ୍ପର ଆଡ଼କୁ ଅନାଇଲେ । ଜଣେ ଦୁଇଜଣ ମଧ୍ୟ ବକ୍ତୃତାକାରୀଂକୁ ସମର୍ଥନ ସୂଚକ ଶବ୍ଦ ପ୍ରକାଶ କରି ଉତ୍ସାହିତ କଲେ—"ହଁ ଠିକ୍, ଠିକ୍ !"

ବକ୍ତୃତାକାରୀ ପୂର୍ବାପେକ୍ଷା ଅଧିକତର ଉଚ୍ଚ ସ୍ୱରରେ ଏଥର ଆରଂଭ କଲା—

"ଭାଇମାନେ, ଜମିଦାର ନଥିଲେ ଆଜି ଆମର ମାନ, ଇଜ୍ଜତ, ଧନ, ସଂପତ୍ତି ସବୁ ଚୋର ତସ୍କରଂକ ଦ୍ୱାରା ଅବଲୁଂଠିତ ହୋଇଥାଂତା । ଭାଇ, ସେ ଆମର ପ୍ରକୃତ ରକ୍ଷକ । ତାଂକର ସୁଶାସନର ପ୍ରତିଦାନ ସ୍ୱରୂପ ଆମେ ଯେଉଁ ଯତ୍କିଂଚିତ ଖଜଣା ଦେଉଥାଉଁ, ତାହା ଆମର ସାମାନ୍ୟ କୃତଜ୍ଞତାର ଚିହ୍ନ ସିନା !!"

ଜନତା ଅନୁମୋଦନ ସ୍ୱରରେ କହିଉଠିଲା—"ଠିକ୍ କଥା, ଠିକ୍ କଥା ।"

ବକ୍ତୃତାକାରୀ ଆନଂଦିତ ହୋଇ ପୁଣି କହିଲେ—"ଛିଃ, ଏହି କଅଁଳଲୁହା ରୟତସଂଘବାଲାଂକୁ ବିଶ୍ୱାସ କଲେ ବିପଦରେ ପଡ଼ିବ । ମୁଁ ଏମାନଂକ ସହିତ ଅନେକ ଦିନ

Digitized by srujanika@gmail.com

ଏକାନ୍ତ କାମ କରିଥିଲି; ମାତ୍ର ଏମାନଂକର ସଦୁଦ୍ଦେଶ୍ୟରେ ସନ୍ଦିହାନ ହୋଇ ମୁଁ ଅଗତ୍ୟା ସେମାନଂକର ସଂସର୍ଗ ତ୍ୟାଗ କରିବାକୁ ବାଧ୍ୟ ହେଲି । ତମେ ଯଦି ଏମାନଂକ କଥା ଶୁଣିବ, ତେବେ ଭଗବାନଂକଠାରେ ଦ୍ରୋହୀ ହେବ । କାରଣ ଭଗବାନଂକ ଅଂଶରୁ ରାଜାଂକର ଜନ୍ମ । ଆମ ଗ୍ରାମଦେବୀ ବାଉତି ଠାକୁରାଣୀ ମଧ୍ୟ ଆଂଭମାନଂକୁ ଅଭିଶାପ ଦେବେ । ଗାଁରେ ନାନା ବିପତ୍ତିପାତ ପଡ଼ିବ । ତମମାନଂକର ବୋଧହୁଏ ସ୍ମରଣ ଥିବ, ଏମାନେ ଠାକୁରାଣୀଂକ ଠାରେ ଗଲବର୍ଷ ବୋଦା ପକାଇଲା ବେଳେ ନାନା ବିଘ୍ନ ଘଟାଇଥିଲେ, ପିକେଟିଂ କରିଥିଲେ—। ଏମାନଂକର ଭୂତପୂର୍ବ ସହକର୍ମୀ ଭାବରେ ମୁଁ ପୂର୍ବେ ଯେଉଁ ପାପ କରିଛି, ତାର ପ୍ରାୟଶ୍ଚିତ ମୁଁ ବର୍ତମାନ ଆପଣଂକ ସମ୍ମୁଖରେ କରିବ—ଅପେକ୍ଷା କରଂତୁ ।"

ଆବାଳବୃଦ୍ଧବନିତା ସମସ୍ତେ ସମସ୍ୱରରେ କହି ଉଠିଲେ—"ଠାକୁରାଣୀ ଏ ଧର୍ମଛଡ଼ା ଗୁଣ୍ଡାଂକୁ ଖାଇଯିବ ; ଖାଇଯିବ—।"

"ବନ୍ଧୁଗଣ ପୁଣି ହେଲ—ଏମାନେ ଠାକୁରାଣୀଂକ ଶତ୍ରୁ । କାଲି ମୋତେ ବାଉତି ଠାକୁରାଣୀ ସ୍ୱପ୍ନରେ କହିଲେ; ଗାଁ ବାଲାଂକୁ ହୁସିଆର କରିଦିଅ; ଏମାନଂକୁ ଦୂର୍ ଦୂର୍ ମାର୍ ମାର୍ କରଂତୁ । ନୋହିଲେ ଏ ବର୍ଷ ଘରପୋଡ଼ି ହେବ—ଝାଡ଼ାବାଂତି ହେବ । ମୋ ସାନ ଭଉଣୀ ବସଂତେଇ ମଧ୍ୟ ବ୍ୟାପିଯିବ । ମୋ ମଝିଆ ଭଉଣୀ ହାଡ଼ଫୁଟି ମଧ୍ୟ ଆସିବ—।"

ସରଳଲୋକେ ଭୟରେ କଂପି ଉଠିଲେ । ସମସ୍ତଂକ ପାଟିରୁ ବେଦ ହେଲା—"ତଡ଼; ତଡ଼; ଏମାନଂକୁ ଏଠାରୁ ତଡ଼—"

ବକ୍ତୃତାକାରୀ ପକେଟରୁ ଗୋଟାଏ ଲଂବା ଛୁରି ବାହାର କଲେ । ଲଂଠନ ଆଲୁଅରେ ଛୁରିର ତୀକ୍ଷ୍ଣଧାର ଚକ୍ ଚକ୍ ହୋଇ ଉଠିଲା । ସେ ସମସ୍ତଂକୁ ଛୁରିଟା ଦେଖାଇ କହିଲେ—

"ତମେ ମୋତେ ଅବିଶ୍ୱାସ କରିପାର; କିଂତୁ ଭାଇ; ଦେଖ ମୋ କଥାର ସତ୍ୟତା ପ୍ରମାଣ କରିବା ପାଇଁ ମୁଁ ବର୍ତମାନ ତମ ସାମନାରେ ମୋ କାଣି ଆଗୁଂଠିଟା ମୂଳରୁ କାଟି ଦେବି । ମୋ ରକ୍ତ ହିଁ ମୋ କଥାରେ ଏକମାତ୍ର ସାକ୍ଷୀ ।"

ସେ ଛୁରିର ଧାରକୁ ଟିକିଏ ପରୀକ୍ଷା କଲେ; ତାପର ବାଉତି ଠାକୁରାଣୀଂକୁ ପ୍ରଣିପାତ କରି ନିଜର କାଣି ଆଂଗୁଠିଟା ଦୁଇଫାଳ କରି କାଟି ପକାଇଲେ । ଆଂଗୁଠିର ଅଗ୍ରଭାଗ ଛିଂଡ଼ିଯାଇ ଠାକୁରାଣୀଂକ ବେଦୀମୂଳରେ ପଡ଼ିଲା । ରକ୍ତ ଛିଟିକି ଚାରିଆଡ଼ ନାଲି ହୋଇଗଲା । ସରଳ ଲୋକେ ବିସ୍ମିତ ହୋଇଗଲେ । ସମସ୍ତଂକ ଦେହ ଶୀତେଇ ଉଠିଲା । ସ୍ତ୍ରୀଲୋକମାନେ ଆଖିରୁ ଲୁହ ଗଡ଼ାଇ ପକାଇଲେ । ପିଲାମାନେ ଭୟରେ କାଂଦଉଠିଲେ । ସମସ୍ତେ ଭାବିଲେ—ଲୋକଟା ପ୍ରକୃତରେ ସତ୍ୟ । ତାର ଆତ୍ମବଳିହିଁ ତାର ଅଂତରର ନିର୍ମଳତା ପ୍ରମାଣ କରୁଚ ।

ସମସ୍ତଂକ ରାଗ ଯାଇ ପଡ଼ିଲା ସେଇ କେତେକଜଣ କୃଷକ କର୍ମୀମାନଂକ ଉପରେ । ଏଇମାନେହିଁ ସବୁ ଅନିଷ୍ଟର ମୂଳ । କ୍ରୁଦ୍ଧ ଜନତା ସେହି ଅସହାୟ କର୍ମୀମାନଂକୁ ଆକ୍ରମଣ କଲା—"ଧର୍ମଦ୍ରୋହୀ, ରାଜଦ୍ରୋହୀ, ଦେଶଦ୍ରୋହୀଗଣ—"

ଏହି ସମୟରେ ଦୂରରେ ଜମିଦାରଂକର ସୌମ୍ୟମୂର୍ତି ଦେଖାଗଲା । ତାଂକ ମୁହଁରେ

Digitized by srujanika@gmail.com

କୃତ୍ରିମ ହାସ୍ୟ । ସେ ସମସ୍ତଙ୍କୁ ନିରସ୍ତ କରି କହିଲେ—

"ମୋର ପ୍ରିୟ ପ୍ରଜାବୃନ୍ଦ, କ୍ଷମାହିଁ ମନୁଷ୍ୟର ପ୍ରଧାନ ଧର୍ମ । ଶତ୍ରୁକୁ ମଧ୍ୟ କାୟ-ମନୋବାକ୍ୟରେ କ୍ଷମା କରିବା ପାଇଁ ଭଗବାନ ବୁଦ୍ଧଦେବ ଓ ଯିଶୁଖ୍ରୀଷ୍ଟ ପ୍ରଭୃତି ମୁକ୍ତ କଣ୍ଠରେ ଉପଦେଶ ଦେଇ ଯାଇଛନ୍ତି । ଭାଇମାନେ, ଏମାନଙ୍କୁ ଛାଡ଼ିଦିଅ, ଏମାନେ ଆମର ଅତିଥି—ଏମାନଙ୍କୁ ପ୍ରହାର ନକର—"

କ୍ରୁଦ୍ଧ ଜନତା ଜମିଦାରଙ୍କର ଉଦାରତା ଓ ମହାନୁଭବତାର ପରିଚୟ ପାଇ ଆଚମ୍ବିତ ହୋଇଗଲା ।

ତତ୍ପରେ ଜମିଦାର ସାଆନ୍ତେ ସମସ୍ତଙ୍କୁ ସମ୍ବୋଧନ କରି ଶାନ୍ତ କଣ୍ଠରେ କହିଲେ—

"ଭାଇମାନେ, ବାଉଣ୍ଡି ଠାକୁରାଣୀଙ୍କ ଦୟାକୁ ଶତ, ଶତ, ଧନ୍ୟବାଦ । ସେ ଆମ୍ଭମାନଙ୍କର ମଧ୍ୟକୁ ଶୁଭବୁଦ୍ଧି ପ୍ରେରଣ କରିଅଛନ୍ତି । ଚାଲ, ଆମ୍ଭେମାନେ ସମସ୍ତେ ତାଙ୍କ ନିକଟରେ ଜାନୁପାତିପୂର୍ବକ କୃତଜ୍ଞତା ଜଣାଇବା ।"

ସେ ଆଣ୍ଠୁମାଡ଼ି ଅଶ୍ରୁ ବିଗଳିତ ନୟନରେ ଠାକୁରାଣୀଙ୍କ ବଜେ-ପ୍ରତିମା ଉଦ୍ଦେଶ୍ୟରେ ନମସ୍କାର କଲେ । ଉପସ୍ଥିତ ସମସ୍ତେ ତାଙ୍କୁ ଧନ୍ୟବାଦ ଦେଇ ତାଙ୍କର ଅନୁକରଣ କଲେ ।

ତା ପରେ ଜମିଦାର ସାଆନ୍ତେ ସମସ୍ତଙ୍କୁ ଆଶ୍ୱାସନା ଦେଇ ଦେଇ କହିଲେ, "ଏହି ରାଜଦ୍ରୋହୀମାନଙ୍କ ଉପରେ କୌଣସିପ୍ରକାର ଅତ୍ୟାଚାର କରିବାର ଅଧିକାର ଆମ୍ଭମାନଙ୍କର ନାହିଁ । ସେଥିପାଇଁ ଉପରେ ଭଗବାନ ଏବଂ ତଳେ ସରକାର ବାହାଦୁରଙ୍କ ନ୍ୟାୟାଧିକରଣ ରହିଛି । ମୁଁ ସେଥିପାଇଁ ସେମାନଙ୍କୁ ସସମ୍ମାନେ ପୁଲିସ ଦ୍ୱାରା ସହରରେ ଥିବା ମାଜିଷ୍ଟ୍ରେଟ ସାହେବଙ୍କ ଇଜଲାସକୁ ପ୍ରେରଣ କରିବାର ବନ୍ଦୋବସ୍ତ କରୁଛି । ବ୍ୟକ୍ତିଗତ ଭାବରେ ସେମାନେ ଆମର ଅତିଥି । ସେଥିପାଇଁ ଭଦ୍ରୋଚିତ ବ୍ୟବହାର ପାଇବାର ଯୋଗ୍ୟ । ହଁ; ଆଉ ଗୋଟିଏ କଥା—ମୁଁ ଏ ବର୍ଷ ଗ୍ରାମର ମଙ୍ଗଳ ପାଇଁ ଖଜଣାର ଏକ ଚତୁର୍ଥାଂଶ ବ୍ୟୟ କରି ମା ବାଉଣ୍ଡିଙ୍କ ଆସ୍ଥାନ ଉପରେ ଏକ ବିରାଟ ମନ୍ଦିର ତୋଳାଇବାକୁ ଆପଣମାନଙ୍କ ସମ୍ମୁଖରେ ପ୍ରତିଶ୍ରୁତ ହେଉଛି । ଆଶାକରେ; ଆପଣଙ୍କର ସାହାଯ୍ୟ ଓ ମହାନୁଭୂତି ପାଇଲେ ମୋର ଏହି ଅଭିଳାଷ ଅପୂର୍ଣ୍ଣ ରହିବ ନାହିଁ ।—"

ସେ ସମସ୍ତଙ୍କୁ ନମସ୍କାର କରି ନିଜ ମଟରରେ ଚଢ଼ି ବାହାରିଗଲେ । ସଭାର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କର ଉଦାରତା; ସରଳତା ଏବଂ ଦୟାଶୀଳତା ପ୍ରଭୃତି ଦେବ ଦୁର୍ଲଭ ସଦ୍‌ଗୁଣମାନଙ୍କର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ । ଚାରିଆଡ଼େ ଧନ୍ୟଧନ୍ୟ ପଡ଼ିଲା । ମାଗୁଣି ଖାଁ । ସଭାରେ ସମସ୍ତଙ୍କ ପଛରେ ବସି ସବୁକଥା ଦେଖୁଥିଲା । ସକାଳର କଥା ମନେ ପକାଇ ତାର ସମୁଦାୟ ଅନ୍ତରଟା ଜମିଦାରଙ୍କ ବିରୁଦ୍ଧରେ ବିଦ୍ରୋହୀ ହୋଇ ଉଠିଲା । ସେ ବହୁ କଷ୍ଟରେ ଆତ୍ମସମ୍ବରଣ କରି କାହାକୁ କିଛି ନ କହି ସେଠାରୁ ବାହାରିଗଲା । *

ସହକାରରେ ପ୍ରକାଶିତ, ପ୍ରକାଶକାଳ ୧୯୩୭ ।

Digitized by srujanika@gmail.com

ଏ ଜଗତରେ କେତେ ଲତା, ଗୁଳ୍ମ, ତରୁ, ବୀଥିକା ନାହିଁ ? କିନ୍ତୁ ସେ କେବଳ ଗୋଟିଏ ତୃଣଗୁଚ୍ଛ ! ଏ ବିରାଟ ସୃଷ୍ଟିର କେଉଁ କୋଣରେ ତାହାର ସ୍ଥାନ ! ଦେଖିବାକୁ ସେ ଅତି କ୍ଷୁଦ୍ର । ଗୁଖଣ୍ଡେ ଭୂଇଁ ମଧ୍ୟ ତାହା ପାଇଁ ଯଥେଷ୍ଟ ହେବ । କିନ୍ତୁ ଭାବି ଦେଖିଲେ ସେ କେତେ ବିରାଟ, ମହାନ ଅଥଚ ଗମ୍ଭୀର । ସେହି ପ୍ରାଣବାନ୍ ବିରାଟ ସତ୍ତାର ପ୍ରକାଶ-ଲୀଳା ତାହାର ପ୍ରତ୍ୟେକ ପଲ୍ଲବ ଅନ୍ତରାଳରେ ଲୀଳାୟିତ । ତାହାର କ୍ଷୁଦ୍ର ଖଣ୍ଡିତ, ସଂକ୍ଷିପ୍ତ ଜୀବନ ଭିତରେ ସେହି ଅସୀମ ପ୍ରାଣର ଚେତନା-ଉତ୍ସ ତରଙ୍ଗାୟିତ । ଏହି ଅସୀମ ସୃଷ୍ଟିର ମଧୁର ଛନ୍ଦ ସହିତ ତାହାର କ୍ଷୁଦ୍ର ଅଙ୍କୁରର ପ୍ରତ୍ୟେକ କମ୍ପନ, ପ୍ରତ୍ୟେକ ସ୍ପନ୍ଦନଟିର ମଧ୍ୟ ଯୋଗଅଛି । ଗୋଟାଏ ଦିଗରୁ ଦେଖିବାକୁ ଗଲେ, ଏହା କେବଳ ବର୍ଣ୍ଣ, ଗନ୍ଧ, ରୂପ, ରେଖାର ବିଚିତ୍ର ସମାବେଶ । କେଉଁ ଏକ ରୂପ-ଦକ୍ଷ ତରୁଣ ମନର ଏକ ବିଚିତ୍ର ସ୍ୱପ୍ନଲୀଳା । ଏହାର ଧ୍ୱଂସ ଅଛି, କ୍ଷତି ଅଛି, ମୃତ୍ୟୁ ଅଛି । ମାତ୍ର ଅନ୍ୟ ଦିଗରୁ ଦେଖିବାକୁ ଗଲେ ଏହା ସେହି ବିରାଟ ପ୍ରାଣ ବିସ୍ମୟର ଗମ୍ଭୀର ଚେତନା ଉନ୍ମେଷ । ସେଠାରେ ତାହାର ଶେଷ ନାହିଁ । ଅବସାନ ନାହିଁ । ଅବସର ନାହିଁ । ତାହା ନିତ୍ୟ, ସ୍ଥିର, ଗମ୍ଭୀର; ଅଚଞ୍ଚଳ, ପୂର୍ଣ୍ଣ ଚିରନ୍ତନ । ସେଥିପାଇଁ ଏହି କ୍ଷୁଦ୍ର ତୃଣ ନିହିତ ଅନନ୍ତ ସତ୍ୟକୁ ମୁଁ ଭକ୍ତିରେ ନମସ୍କାର କରେ । ତନ୍ମଧ୍ୟସ୍ଥ ଜୀବନ୍ତ ପ୍ରାଣ ରସକୁ ମୁଁ ସମସ୍ତ ଜୀବନ ଦେଇ ଆସ୍ୱାଦନ କରିବାକୁ ଚାହେଁ । ତାହାର ସେହି ମ୍ଳାନ ଅସ୍ତିତ୍ୱ ମଧ୍ୟରେ ଯେଉଁ ଅସୀମ ଚେତନାର ଐଶ୍ୱର୍ଯ୍ୟ ନିହିତ ଅଛି, ତାହାର ବିପୁଳ ଗାମ୍ଭୀର୍ଯ୍ୟ ଉପଲବ୍ଧି କରି ମୋହର କ୍ଷୁଦ୍ର ଶିର ସ୍ୱତଃ ନମ୍ର ହୋଇ ଆସେ । ସାମାନ୍ୟ ତୃଣ ! ନା, ନା, ସାମାନ୍ୟ ନୁହେଁ । ଅସୀମ ଅନନ୍ତ ଗତିଶୀଳ ପ୍ରାଣ ସ୍ରୋତରେ ଭାସମାନ ସେ ଖଣ୍ଡେ ତୃଣ । ତାହାର ଲକ୍ଷ୍ୟ କେଉଁଠି ? ଆରମ୍ଭ କେଉଁଠି ? ଶେଷ ବା କେଉଁଠି ? ସେ ଭାସି ଭାସି କେଉଁ ସୁଦୂର କୂଳରେ ଯାଇ ଲାଗିବ, କିଏ ତାହା ଜାଣେ ? କେଉଁ ଅଦୃଶ୍ୟ ମହାଶକ୍ତିର ନୀରବ ଇଙ୍ଗିତ ବହନ କରି ସେ ଚାଲିଛି ? କେଉଁ ବିପୁଳ ପ୍ରାଣଧାରାର ଉଦ୍ଦାମ ପ୍ରେରଣା ଏବଂ ଚେତନାର ଗତି ତାକୁ କେନ୍ଦ୍ର ଭ୍ରଷ୍ଟ କରି ନିଜର ଭ୍ରାମ୍ୟମାଣ ପରିଧି ଭିତରେ ନେଇ ଚାଲିଛି, ତାହା କିଏ କହିବ ? ତଥାପି ମୁଁ ଭଲକରି ଜାଣେ, ଏହି ଶୁଷ୍କ ସାମାନ୍ୟ ତୃଣ ଖଣ୍ଡର ଅସ୍ତିତ୍ୱ କଦାପି ବ୍ୟର୍ଥ ନୁହେଁ । ତାହା ଭିତରେ ସତ୍ୟ ଅଛି, ଶକ୍ତି ଅଛି; ଉଦ୍ଦେଶ୍ୟ ଅଛି । ଆଉ ମୁଁ କାତର ଲକ୍ଷ୍ୟବିଦ୍ଧ ମୃଗପରି ନିଜର ରକ୍ତ ଢାଳି; ପ୍ରାଣ ଢାଳି ସେହି ନିଷ୍ଠୁର ପରମ ସତ୍ୟକୁ ମୋହର ଜୀବନର ରନ୍ଧ୍ରେ ରନ୍ଧ୍ରେ ମର୍ମେ ମର୍ମେ ଚିରଦିନ ଲାଗି ଅନୁଭବ କରିଛି । ବଡ଼ ଭୀଷଣ, ବଡ଼ ନିଷ୍ଠୁର ସେ ସତ୍ୟ । ଧୂମକେତୁର ଉପହାସ ପରି, ଘୂର୍ଣ୍ଣି ବାୟୁର ବକ୍ର,

Digitized by srujanika@gmail.com

ଚଂଚଳ, ରୁଦ୍ର, ନର୍ତ୍ତନ ପରି ସେ ସତ୍ୟର ଶାଶ୍ୱତ ପ୍ରକାଶ । ସେହି ପରମ ସତ୍ୟକୁ ଉପଲବ୍ଧି କରିବାକୁ ହେଲେ ରକ୍ତ ଦେବାକୁ ହୁଏ । ଶକ୍ତି ଦେବାକୁ ହୁଏ ଏବଂ ଦରକାର ହେଲେ ପ୍ରାଣ ମଧ୍ୟ ଦେବାକୁ ହୁଏ । ସେ ସତ୍ୟର ଋଣ ଜୀବନ ଦେଇ ପରିଶୋଧ କରିବାକୁ ପଡ଼େ ।

ଏହି କ୍ଷୁଦ୍ର ଋଣ ମଧ୍ୟସ୍ଥିତ ସେହି ଅସୀମ ପ୍ରାଣରସକୁ ମୁଁ ଦିନେ ମୋହର ସମସ୍ତ ତନୁ ମନ ପ୍ରାଣ ଦେଇ ଆସ୍ୱାଦନ କରିଥିଲି । ମୋ ପ୍ରାଣର ସମସ୍ତ କ୍ଷୁଧା, ସମସ୍ତ ପିପାସା ସେଦିନ ନିଜର ସର୍ବସ୍ୱ ହରାଇ ସେହି ମହାସତ୍ୟର ସୁଧାପାନ କରିବା ଲାଗି ଜିହ୍ୱା ପ୍ରସାର କରିଥିଲା । ଆଜି ସେ ସବୁ କଥା ଭାବିଲେ ପ୍ରାଣ ଭିତରେ ବୃଶ୍ଚିକ ଦଂଶନ ଅନୁଭବ କରେଁ । ବୁକୁ ଭିତରେ ବାଣ ନାଚିଲା ପରି କେଉଁ ଗୋଟାଏ ଅଜଣା ଆଘାତ ମୋହର ସଯତ୍ନ ଲୁକ୍କାୟିତ କ୍ଷତ ସ୍ଥାନଟିକୁ ବିଦ୍ଧକରିଦେଇଯାଏ ।

ଓଃ ! କି ଭୟଂକର ସେ ସ୍ମୃତି ! ଦାବାନଳ ପରି ଅସହ୍ୟ ତାହାର ଜ୍ୱାଳା । ତଥ ଆଜି ସତ୍ୟ ଏବଂ ବିବେକ ଅନୁରୋଧରେ ମୋହର ସେହି ସନାତନ କ୍ଷତଟିକୁ ତମ ଆଗରେ ଖୋଲିବି । ଅଂଗୁଳି ନିର୍ଦ୍ଦେଶ କରି ବଡ଼ ପାଟିରେ ଜଗତକୁ କହିବି—"ସେହି ମହାସତ୍ୟର ସ୍ପର୍ଶ ଆଘାତରେ ମୋହର ଏହି ଗଭୀର କ୍ଷତର ସୃଷ୍ଟି । ତମେ ଦେଖିବ—ଦେଖି ଆଶ୍ଚର୍ଯ୍ୟ ହେବ । ବୁଝିବ ମନୁଷ୍ୟ କି ଶ୍ରେଷ୍ଠ ! କି କ୍ଷୁଦ୍ର, କି ଅସଂପୂର୍ଣ୍ଣ ! ସାମାନ୍ୟ ତୃଣ ଖଂଡର ଆଘାତରେ ମଧ୍ୟ ତାହାର ଏତେବଡ଼ ଗର୍ବିତ ଅସ୍ତିତ୍ୱ ଗୁନ୍ଦୁ ଗୁନ୍ଦୁ ଟଳିପଡ଼େ । ମନୁଷ୍ୟର ଏତେ ଗର୍ବ ! ଏତେ ଆସ୍ଫାଳନ ! ଇସ୍ ଗୋଟାଏ ଅଦୃଶ୍ୟ ଇଂଗିତର କ୍ଷୀଣ ଧକ୍କାରେ ସବୁ ଚୂର୍ଣ୍ଣ ହୋଇଯାଏ । ବିରାଟ ଚେତନାର ଘୂର୍ଣ୍ଣିତ ଚକ୍ରଗତି ତଳେ ତାହାର ବିପୁଳ ଆତ୍ମପ୍ରତିଷ୍ଠା ଧୂଳିପରି ଦଳି ହୋଇଯାଏ । ଏଇ ତ ମାନବ ! :

ହଁ, ସେ ୧୯୧୮ ସାଲର କଥା । ସେତେବେଳକୁ ବିଶ୍ୱଗ୍ରାସୀ, ଜର୍ମାନ ଯୁଦ୍ଧ ପ୍ରଳୟ ପ୍ରାୟ ଶେଷ ହୋଇଆସେ । ମାତ୍ର ସେହି ଭୀଷଣ ନରକାଗ୍ନିର ଧୂମାୟିତ ଉଗ୍ରଶିଖା ବିଶ୍ୱପ୍ରାଣରୁ ସମ୍ପୂର୍ଣ୍ଣ ରୂପେ ଲିଭି ନ ଥାଏ । ମୁଁ ଥିଲି ଏଥିପୂର୍ବରୁ ସରକାରୀ ଡାକ୍ତର- ଖୋରଧା ଡାକ୍ତରଖାନାରେ । ସରକାରଂକର କଡ଼ା ହୁକୁମ ଅନୁସାରେ ମୋତେ ମେସୋପଟୋମିଆଁକୁ ଯାଇ 'ଡିଉଟି' ବଜାୟ ରଖିବାକୁ ହୋଇଥିଲା । ମୁଁ ଯୁଦ୍ଧକୁ ଯାଇଥିଲି ଚିକିତ୍ସକ ଭାବରେ, ସୈନିକ ଭାବରେ ନୁହେଁ । ମୁଁ ମେସୋପଟୋମିଆଁରେ ପହଂଚିବା ପୂର୍ବରୁ ଲକ୍ଷ ଲକ୍ଷ ମାନବ ଶିଶୁ ମୃତ୍ୟୁବରଣ କରି ସାରିଥିଲେ । ସେମାନଂକର ମୃତପିଂଡରେ ଯୁଦ୍ଧଭୂମିର ବିରାଟ ମୃତ୍ତିକା-ଶଯ୍ୟା ପୂର୍ଣ୍ଣ ହୋଇ ଉଠିଥିଲା । ମାନବ ରକ୍ତରେ ବହୁ ଗଂଗା ତିଆରି ହୋଇଥିଲା । ସେ ଦୃଶ୍ୟ ଅତି ଅପୂର୍ବ; ଅତି ଭୀଭତ୍ସ; ପୁଣି ଅତି ସୁଂଦର । ବିକଟ ଏବଂ ସୁଂଦର; ଦେବତା ଏବଂ ରାକ୍ଷସ ମଧ୍ୟରେ ଏପରି ଏକାନ୍ତ ମିଳନ ମୁଁ ଏଥି ପୂର୍ବରୁ କଳ୍ପନା ମଧ୍ୟ କରିପାରି ନ ଥିଲି । ମନୁଷ୍ୟ ଯେ ମନୁଷ୍ୟକୁ ଏପରି ରାକ୍ଷସ ପରି ହତ୍ୟା କରି

Digitized by srujanika@gmail.com

ମୃତ୍ୟୁ ଆଲିଙ୍ଗନ କରିପାରେ, ତାହା ମୁଁ ଆଦର୍ଶବାଦୀ ଭାରତବାସୀ ହୋଇ କିପରି ବା ବୁଝିଥାନ୍ତି ? ପ୍ରକୃତରେ ଯୁଦ୍ଧକୁ ଯାଇ ମୋହର ଆଖି ଖୋଲିଗଲା । ମୁଁ ପୁରାଣରେ ପଢ଼ିଥିଲି, ଦେବତା ଓ ରାକ୍ଷସମାନଙ୍କ ଭିତରେ ନିତ୍ୟ ବିରୋଧ । କେହି କାହାର ଛାଇ ମାଡ଼ି ପାରନ୍ତି ନାହିଁ । ମାତ୍ର ଯୁଦ୍ଧଭୂମିକୁ ଯାଇ ଦେଖିଲି, ସଂପୂର୍ଣ୍ଣ ଓଲଟା । ମୁଁ ଦେଖିଲି ମାନବ ହୃଦୟରେ ଗୋଟାଏ ମସ୍ତବଡ ସିଂହାସନ ଥୁଆ ହୋଇଛି । ତା ଉପରେ ଦେବତା ଏବଂ ରାକ୍ଷସ ଦୁହେଁ ଏକାଠି ମିଳିମିଶି ବସିଛନ୍ତି । କେହି କାହା କାର୍ଯ୍ୟରେ ବାଧା ଦେଉନାହିଁ । କେହି କାହା ପ୍ରତି କଟାକ୍ଷ କରୁନାହିଁ । ଦୁହେଁ ଦୁହିଁଙ୍କର କାର୍ଯ୍ୟ ନୀରବ ଭାବରେ କରି ଯାଉଛନ୍ତି । ଦୁର୍ବଳ ମାନବ କେବଳ ଯନ୍ତ୍ରଚାଳିତବତ୍ ସମଭାବରେ ଦୁହିଁଙ୍କର ହୁକୁମ ତାମିଲ କରୁଛି । ସେ ଛୁରୀ ଧରି କଂସେଇ ପରି ଜଣେ ମଣିଷ ଭାଇର ବେକ କାଟୁଛି—ପୁଣି ପରକ୍ଷଣରେ ନିଜର ଜାତୀୟ ପତାକାର ଗୌରବ ରକ୍ଷାଲାଗି ହସି ହସି ବିପକ୍ଷ ଦଳର ଉଦ୍ୟତ କମାଣ ଆଗରେ ଛିଡ଼ା ହେଉଛି । ମୁଖରେ ଭୟ ନାହିଁ, ମାୟା ନାହିଁ, ଦୟା ନାହିଁ ଅଛି କେବଳ ବକ୍ଷରେ ବାତ୍ୟାର ସାହସ—କଣ୍ଠରେ ଝଙ୍କାର ବାଣୀ । ମୁଁ ଯୁଦ୍ଧକୁ ଯାଇ ଦେଖିଲି ଗୋଟାଏ ଅଡ଼େ ମନୁଷ୍ୟ ହୃଦୟର ସ୍ତୂପୀକୃତ ହିଂସା, ଦ୍ୱେଷ, ଜିଘାଂସା, ନରକପରି ଧୂ ଧୂ ଜଳି ଉଠୁଛି । ଅନ୍ୟଆଡ଼େ ତା ହୃଦୟର ମୈତ୍ରୀ, ପ୍ରୀତି, ଦେଶାତ୍ମବୋଧ, ସ୍ୱଚ୍ଛନୀର ସରିତ୍ଧାରା ପରି ସେହି ସତ୍ୟ, ଶିବ, ମଙ୍ଗଳମୟର ପଦତଳେ ଧୀରେ ଧୀରେ ବୋହି ଯାଉଅଛି ।

ଦେଖିଲି ଗୋଟାଏ ଆଡ଼େ ମନୁଷ୍ୟ ଜ୍ୱଳନ୍ତ ହିଂସାରେ କ୍ଷୁଦ୍ର ଜାତୀୟ ସ୍ୱାର୍ଥରେ ଭୀଷଣ ରକ୍ତପ୍ରବାହ ସୃଷ୍ଟି କରିଛି । ପୁଣି ଅନ୍ୟ ଦିଗରେ ତାହାର ଉନ୍ନତ ପ୍ରାଣର ସମସ୍ତ ରଂଗ, ସମସ୍ତ ପ୍ରେମ ଦେଇ ସେ ଏକ ସବୁଜ ଶସ୍ୟାବୃତ ପଲ୍ଲୀଟି ରଚନା କରିଅଛି ।

ଗୋଟିଏ ନରକ—ଅନ୍ୟଟି ସ୍ୱର୍ଗ । ପ୍ରଥମ ସ୍ଥାନରେ ମନୁଷ୍ୟ ହୃଦୟର ଚିରପୋଷିତ ପଶୁଟାର ବିକଟ ହୁଂକାର ଶୁଣା ଯାଉଛି । ଅନ୍ୟଟିରେ ତାହାର ଶାଶ୍ୱତ ପ୍ରାଣର ନବୀନବାର୍ତ୍ତା ଧ୍ୱନିତ ହେଉଅଛି । ପ୍ରକୃତରେ ମନୁଷ୍ୟ ଦେବତା ପୁଣି ରାକ୍ଷସ ।

ଟାଇଗ୍ରେସ୍ ନଦୀ କୂଳରେ ଆମର ଛାଉଣୀ ପଡ଼ିଥାଏ । ପଶ୍ଚିମଦିଗରେ ବିସ୍ତୃତ ଆରବ ମରୁଭୂମି । ପୂର୍ବରେ ଇରାନ୍ ପ୍ଲେଟୋ । ଅଗଷ୍ଟ ମାସ ହେବାକୁ ଆଉ ଦୁଇମାସ ବାକିଥାଏ । ଏହି ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ବିଖ୍ୟାତ ସେନାପତି ଆଲେନବାଇ ମେସୋପଟେମିଆ-ଠାରେ ତୁର୍କି ସୈନ୍ୟମାନଙ୍କୁ ପରାସ୍ତ କରି କ୍ଷଣିକ ଜର୍ମାନ ଜାତିର ପୂର୍ବଦିଗ ପ୍ରତି ଥିବା ସମସ୍ତ ଆଶାମୂଳରେ ସହସା କୁଠାରାଘାତ କରିଥିଲେ । ଏହି ମାସରେ ମଧ୍ୟ ମିତ୍ରଶକ୍ତି ଡ୍ୟାମାସକସ୍ ଏବଂ ଅଲେପ୍ପୋ ଅଧିକାର କରି ଜର୍ମାନ ବାହିନୀର ପୂର୍ବପଥ ସଂପୂର୍ଣ୍ଣରୂପେ ଅବରୋଧ କରି ଦେଇଥିଲେ । ସେହି ଇତିହାସ ପ୍ରସିଦ୍ଧ ଦିବସ କ୍ରମେ କ୍ରମେ ନିକଟ ହୋଇ ଆସୁଥାଏ । ନିତ୍ୟ ଆମ୍ଭେମାନେ ସମସ୍ତେ ବଡ଼ସାବଧାନରେ ମେସୋପଟେମିଆ ରକ୍ଷାକରିଥାଉଁ । ଆମ୍ଭମାନଙ୍କର ବଡ଼ ଆଶଙ୍କା ଥାଏ ଯେ, ଜର୍ମାନୀର ମିତ୍ରପକ୍ଷୀୟ ତୁର୍କି ନିଶ୍ଚୟ ମେସୋପଟେମିଆ ଆକ୍ରମଣ

Digitized by srujanika@gmail.com

କରିବ । ସେନାପତିଂକର ଗୋପନପତ୍ର ମଧ୍ୟ ଆଂଭମାନଂକୁ ମଝିରେ ମଝିରେ ଆତୁର ଦୃଢ଼ ଏବଂ ସାବଧାନ କରି ଦେଉଥାଏ । ପ୍ରଧାନ ସେନାପତି ମାର୍ଶାଲ ଫୋଚ ମଧ୍ୟ କେନ୍ଦ୍ର ଶିବିରରୁ ବାରଂବାର ସତର୍କ ବାଣୀ ପଠାଇ ଆଂଭମାନଂକୁ କାର୍ଯ୍ୟତତ୍ପର ହେବାପାଇଁ ଉପଦେଶ ଦେଉଥାଂତି । ଆମେ ସମସ୍ତେ ଜାଣିଥାଉଁ ଯେ ଜର୍ମାନୀ ଶକ୍ତିର ଅଂଟା ଭାଂଗି ଗଲଣି । ଦ୍ୱିତୀୟ ମାର୍ନେ ସମର ପରେ ଜର୍ମାନୀ ଜାତିର ମେରୁଦଂଡ ଶିଥିଳ ହୋଇ ପଡ଼ିଛି । ସେଥିପାଇଁ ସେ ଯେ ନିକଟ ଭବିଷ୍ୟତରେ ନିଶ୍ଚୟ ଆତ୍ମ ସମର୍ପଣ କରିବ, ସେ ବିଷୟରେ ଆମ ଶିବିରରେ ପ୍ରାୟ ଦିନକେ ଆଠଥର ନାନା ଯୁକ୍ତି, ତର୍କ, ପ୍ରମାଣ ସାହାଯ୍ୟରେ ପ୍ରତିଦିନ ଆଲୋଚନା ଚାଲିଥାଏ ତେବେ ସଂପୂର୍ଣ୍ଣରୂପେ ନତଜାନୁ ହେବା ପୂର୍ବରୁ ଯେ ଜର୍ମାନୀ ଶକ୍ତି ତାହାର ଶେଷ ଚେଷ୍ଟା କରିବ, ସେଥିରେ ଆମ ଭିତରେ କାହାରି ସଂଦେହ ନ ଥାଏ । ସେଥିପାଇଁ ଆମେ ସବୁ ବଡ଼ ସାବଧାନ ହୋଇ ରହିଥାଉଁ ।

ଆମ ଶିବିରର ପ୍ରାୟ ଅଧିକାଂଶ ସୈନିକ ଭାରତବାସୀ । ମାତ୍ର ହେଲେ କ'ଣ ହେବ, ଯୁଦ୍ଧ କ୍ଷେତ୍ରରେ ସେମାନେ ଅନ୍ୟାନ୍ୟ ଦେଶବାସୀମାନଂକ ସହିତ ପ୍ରାୟ ସମାନ । ଭାରତବାସୀ ବକ୍ଷରେ ଯେ କେତେ ସାହସ, କେତେ ଶକ୍ତି ଅଛି, ତାହାର ପ୍ରଥମ ପରିଚୟ ପାଇଲି ମୁଁ ଏହିଠାରେ ।

ସେଦିନ ଦଳେ ଆହତ ବ୍ୟକ୍ତି ତୁର୍କ ସୀମାଂତରୁ ଚିକିତ୍ସା ନିମଂତେ ଆମ ଶିବିରକୁ ଅଣାଯାଇଥାଂତି । ସେମାନଂକ ଭିତରୁ ପ୍ରାୟ ଅଧିକାଂଶ ମୁମୂର୍ଷୁ । ସମସ୍ତଂକର ଅଂଗ କ୍ଷତବିକ୍ଷତ । ହସ୍ତପଦ ଛିନ୍ନ । କାହାର କାହାର ରାଇଫଲ୍ ଗୁଳିରେ ମୁଂଡ ଖପୁରି ଉଡ଼ି ଯାଇଛି । କିଏ ବା ଉଡ଼ାଜାହାଜ ଉପରୁ ବୋମା ଖାଇ ଅଂଟା ଭାଂଗି ଯାଇଥିବାରୁ ଚଳେ ଦଣ୍ଡୁ ହୁଛି । ଜଣେ ଦୁଇଜଣଂକର ତୋପ ବାଜି ସମଗ୍ର ମେରୁଦଂଡଟା ଚୂର୍ଣ୍ଣ ହୋଇଯାଇଛି । ସେମାନଂକର ପିଠି ଏବଂ ମୁଂଡଟା ଅଂଟାତଳକୁ ଝୁଲି ପଡ଼ିଛି । ଦେହରେ ଖାଲି ସାମାନ୍ୟ ପ୍ରାଣବାୟୁ ଅଛି । ଡାକ୍ତର ବୋଧହୁଏ ଏମାନଂକ ପିଠିରେ ମୃତ୍ୟୁ-ଚିହ୍ନ ସୂଚକ ସିଲ୍‌ଟା ମାରିଦେବାକୁ ଭୁଲି ଯାଇଛି । ସେତିକି ହୋଇଥିଲେ ଏମାନେ ବୋଧହୁଏ ଜୀଅଂତାରେ ଗାଡ଼ିରେ ବୋଝେଇ ହୋଇ ମୁର୍ଦ୍ଦାର ଖାନାରେ ପଡ଼ୁଥାଂତେ । ଡାକ୍ତରଂକର ଅସୀମ ଦୟା ହେତୁରୁ ଏମାନଂକର ପରମାୟୁ ଏଇ କେତେଟା ମିନିଟ୍ ତିଷ୍ଠି ରହିଛି । ଏମାନଂକ ଚିକିତ୍ସା ସାରୁ ସାରୁ ଦିନ ପ୍ରାୟ ବାରଟା ହୋଇଗଲା । ମୁଁ ତରତରରେ ଡାକ୍ତରଖାନା ବଂଦକରି ବସାକୁ ଫେରୁଛି । ଠିକ୍ ଏତିକିବେଳେ ଗ୍ରାଉଣ୍ଡ ଭିତରେ ବିଶେଷ କୋଳାହଳ ଶୁଣାଗଲା । ମୁଁ ଯାଇ ଦେଖେତ ସମସ୍ତଂକ ମୁଖରେ କମିତି ଗୋଟାଏ ପ୍ରଚ୍ଛନ୍ନ ଆଶଂକାର ଭାବ ଲାଗିରହିଛି । କାରଣ ଅନୁସଂଧାନ କରି ଜାଣିଲି ଯେ, ଆଜି ଗୁପ୍ତ ଖବରରେ ତାର ଆସିଛି—ଦଳେ ତୁର୍କ ସୈନ୍ୟ ମେସୋପଟାମିଆ ଆଡ଼କୁ ଅଗ୍ରସର ହେଉଛଂତି । ସେମାନେ ପ୍ରାୟ ପଂଦର ଦିନ ଆଠ ଘଂଟା ଭିତରେ ଏଠାରେ ପହଂଚି ପାରଂତି । ଯୁଦ୍ଧର ସଂବାଦ ଶୁଣି ସମସ୍ତେ ଟିକିଏ ଅଧିକେ ଚଂଚଳ ହୋଇ ପଡ଼ିଛଂତି । ସମସ୍ତଂକ ମୁହଁରେ କମିତି ଗୋଟାଏ ଆଚ୍ଛନ୍ନ ଭୟର ଭାବ । ସେନାପତି ନୋଟିସ ଝୁଲାଇ

Digitized by srujanika@gmail.com

ସମସ୍ତଂକୁ ସାବଧାନ ରହିବାକୁ କହିଦେଲେଣି । ନାଲପୋଷାକପିଂଧା କେତେଜଣ ବଡ଼ପାହିଆ କର୍ମଚାରୀ ଏକାଠି ବସି ଆସଂତା ଯୁଦ୍ଧ ସଂବଧରେ ଗଳ୍ପ କରୁଛଂତି । କେବେ କେବେ ଖାଲି ସିଗାରେଟ୍ ଟାଣି କଥାଗୁଡ଼ାକ ଭିତରେ ନପଶି ବାହାରେ ହୁଁ ହାଁ ମାରୁଛଂତି । ସୈନିକ-ମାନଂକ ମଧ୍ୟରୁ ଅନେକେ ଯୁଦ୍ଧ ହେବ ବୋଲି ଶୁଣି ବଡ଼ ଖୁସି ହେଲେଣି । ସେମାନେ ନିଜ ନିଜର ରାଇଫେଲ ଖଂଡକୁ ପେଟ୍ରୋଲରେ ସଫାକରି ସୂର୍ଯ୍ୟ କିରଣରେ ରଖିଦେଲେଣି । ଆଉ କେହି କେହି ଗୁହାଟାରେ ଜୋତା ମଚ୍ ମଚ୍ କରି ଏପଟରୁ ସେପଟ ଟହଲୁଛଂତି ।

ମୁଁ ଶିବିରକୁ ଫେରି ଗାଧୋଇ ଖାଇ ଖଂଡେ ଆଂରାମ ଚଉକି ଉପରେ ବସି ଆଇନଷ୍ଟାଇନଂକର The Theory of Relativity ବା ସଂବଂଧବାଦ ବହି ଖଂଡ଼ିକର ପୃଷ୍ଠା ଲେଉଟାଉଛି । ବହି ପଢ଼ିବାରେ ଟିକେ ମନ ନାହିଁ । ମୁଁ ଖାଲି ଆଖିଟାକୁ ବହି ଉପରେ ରଖିଛି ମାତ୍ର । ଆଇନଷ୍ଟାଇନ ସାହେବଂକର କଥାଗୁଡ଼ାକ ମୋତେ କାହିଁକି ଅନେକ ଜାଗାରେ ଆମର ସେହି ଦାଢ଼ିଆ ଋଷି ଗୁଡ଼ାକଂକ କଥାର ନକଲ ପରି ମନେ ହଉଚି । ମୁଁ ସେଗୁଡ଼ାକୁ ଖାଲି ନାଲି ପେନ୍‌ସିଲରେ ଦାଗ ଦେଇ ଯାଉଚି ।

ଏହିପରି ସମୟରେ କାହାର ଜୋତା ଶବ୍ଦ ଶୁଣାଗଲା । ଚାହିଁ ଦେଖେ ତ ମୋର ଇଂରାଜୀ ବଂଧୁ କର୍ଣ୍ଣେଲ ହିଗ୍ ସ୍ୱଶରୀରରେ ଉପସ୍ଥିତ । ବସିବାକୁ କହିଲି । ସେ ବସିଲେ । ଅନେକ କଥାବାର୍ତ୍ତା ଚାଲିଲା । ଯୁଦ୍ଧ କଥା, ଦେଶକଥା ପ୍ରଭୃତି ଅନେକ ବିଷୟ ଆଲୋଚିତ ହେଲା । ବଂଧୁ ହିଗ୍‌ଂକର ଦର୍ଶନ ଶାସ୍ତ୍ର ପ୍ରତି ବଡ ସୌକ୍ । ସେ କଥା ପ୍ରସଂଗରେ ସଂବଂଧବାଦ କଥା କାଢ଼ିଲେ; ମାତ୍ର ଦ୍ୱିପ୍ରହରର ଅସହ୍ୟ ଉତ୍ତାପ ଭିତରେ ଶୁଷ୍କ ଦର୍ଶନ ଶାସ୍ତ୍ର ଆଲୋଚନା କରିବା ଲାଗି ମୋର ଜମା ଇଚ୍ଛା ନଥିଲା । ମୁଁ ଖାଲି ଖଂଡେ ସିଗାରେଟ୍ ଟାଣୁଥାଏ । ଆଉ ତାଂକ କଥାଗୁଡ଼ାକରେ 'Yes, No' କହି ଠାର ମାରୁ-ଥାଏ । କାର୍ଯ୍ୟ—କାରଣ ସଂବଂଧ; ସ୍ଥୂଳ—ସୂକ୍ଷ୍ମମଦ୍ୱଂଦ୍ୱର ପ୍ରଭୃତି ଚଉଦଭୁବନ,ଅଠରଗଡ଼ ଡାତଂରେ ଘୂରି ଘୂରି ଶେଷରେ ବଂଧୁବର ହିଗ୍ ଆସି 'ଈଶ୍ୱରବାଦ' ନିକଟରେ ପୂରା ହଲ୍ଟ କଲେ । ତାଂକୁ ଚୁପ୍ ହେବାର ଦେଖି ତାଂକ ମନ ଖୁସି କରିବାପାଇଁ ବାଧ୍ୟ ହୋଇ ଦ'ପଦ କଥା କହିବାକୁ ପଡ଼ିଲା । ଥଂଗେଇ ଥଂଗେଇ ପଚାରିଲି—"ଆପଣ କ'ଣ ଈଶ୍ୱର ମାନ ଥ ?"

ସେ—"ନା—ନି । ହଁ—ମୁଁ । ନା—ନା—ଏଇ ତ ଜମେ ଦେଖନ୍ତୁ ଗୁରିଆଡ଼େ କିପରି ମନୁଷ୍ୟ ନିଜର ଶକ୍ତିବଳରେ ଜଳ, ସ୍ଥଳ, ଆକାଶ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି (Has an easy access over the land, water and sky) ମନୁଷ୍ୟର ସାମାନ୍ୟ କମାଣ ଗୁଳରେ ଲକ୍ଷ ଲକ୍ଷ ତଥାକଥିତ ଈଶ୍ୱର ସଂତାନ ଭୂଇଁରେ ଲୋଟୁଛଂତି । କିଏ ତାଂକୁ ରକ୍ଷା କରୁଚି ? ଭଗବାନ ଅବଶ୍ୟ ଥାଇପାରଂତି । କଂରୁ କଂରୁ—"

ପ୍ରକୃତରେ 'କଂରୁ' ଟାର ଅର୍ଥ ଭଲକରି ବୁଝିପାରିଲି ନାହିଁ । ବଡ଼ ଗୋଳମାଳ ହେଲା । ଖବରି ହିଗ୍‌ଂକର ବା ଦୋଷ କଣ ? ଏଇଆଡ଼ କୋଟି କୋଟି ମନୁଷ୍ୟଂକର

Digitized by srujanika@gmail.com

ବିଶ୍ୱାସ ! ଭାବିଲି, ଏ ସୃଷ୍ଟିଟା ଗୋଟାଏ ପ୍ରଶ୍ନ—ତାହାର ମୀମାଂସା ନାହିଁ—ସମାଧାନ ନାହିଁ—ଉତ୍ତର ନାହିଁ । ମନେପଡ଼ିଲା, ମୋହର, ଜର୍ମାନ ଯୁଦ୍ଧର ରୁଦ୍ର ବିଭୀଷିକାର ଛବି । କି ଭୟଂକର ଦୃଶ୍ୟ ! ମୃତ୍ୟୁର ତୀକ୍ଷ୍ଣ ଦଂତ କୋଟି କୋଟି ମନୁଷ୍ୟ ପୁତ୍ରଂକର ମସ୍ତକ ଚର୍ବଣ କରିଛି । କେହି ତାହାର ପ୍ରତିବାଦ କରିପାରୁ ନାହିଁ । ସମସ୍ତେ ସେହି ଘୂର୍ଣ୍ଣିତ ଚକ୍ର ତଳେ ଦଳି ହୋଇ ଚାଲିଛଂତି । ମନୁଷ୍ୟର ସଭ୍ୟତା—ମନୁଷ୍ୟର ଜ୍ଞାନ, ସେହି ଭୀମ ମରଣ ଅଗ୍ନିରେ ଇଂଧନ ଯୋଗାଉଅଛି । ଭାବିଲି, ଧ୍ୱଂସହିଁ ଜଗତର ନିୟମ । ଧ୍ୱଂସହିଁ ସୃଷ୍ଟିର ଅଗ୍ରଦୂତ । ନିଜର ଶୁଭ୍ର ପକ୍ଷରେ "ଧ୍ୱଂସର ବିପୁଳ ବାର୍ତ୍ତା ବହନ କରି ଚଂଚୁପୁଟରେ ଅନଂତ ସୃଷ୍ଟିର ସବୁଜ ପତାକା ଧରି ମୃତ୍ୟୁ ବିହଂଗ ପୃଥିବୀ ପୃଷ୍ଠରେ ଜୟଯାତ୍ରା ଆରଂଭ କରିଛି । ପ୍ରକୃତରେ ମୃତ୍ୟୁହିଁ ଜଗତର ପରିଣତି । ଆଉ ମନୁଷ୍ୟ ମୃତ୍ୟୁର କଳା ପର୍ଦ୍ଦାଟାକୁ ଆଢ଼େଇ ଦେଇ ତାହା ଭିତରେ ଆଲୋକ ଦେଖିବାକୁ ଚାହେଁ । ମୃତ୍ୟୁଟା ତାହାପ୍ରତି ଗୋଟାଏ ଭୟଂକର ଖେଳ । ସେ ସେଥିରୁ ଆନଂଦ ପାଏ ।

ଆଜି ବିଶ୍ୱରେ ଯେ ଏତେ ବଡ଼ ପ୍ରଳୟ ସୃଷ୍ଟି ହୋଇଛି—କାହା—ଯୋଗୁଁ ? କିଏ ସେଥିଲାଗି ଦାୟୀ ? କିଏ ଏହି ମନୁଷ୍ୟ ରକ୍ତର ଋଣ ପରିଶୋଧ କରିବ ? ଯାହାର ସାମାନ୍ୟ କଟାକ୍ଷରେ ଜଗତରେ ପ୍ରଳୟ ଶିଖା ଜଳିଉଠେ—ଆଉ ଲକ୍ଷ ଲକ୍ଷ ମାନବ ଶିଶୁ ପତଂଗ ପରି ସେହି ଅନଳ ଭିତରେ ଲଂଫ ପ୍ରଦାନ କରଂତି—ସେ କ'ଣ ସାମାନ୍ୟ ବସ୍ତୁ ? ଭାବିଲି ନାଁ-ନାଁ ମନୁଷ୍ୟ ପ୍ରକୃତରେ ବଡ଼ । ସେ କାହାରିକି କୈଫିୟତ ଦେନାହିଁ । ସେ ଯାହା କରେ ସବୁ ସତ୍ୟ—ତାହାର ପ୍ରତ୍ୟେକ କାର୍ଯ୍ୟର ପରିଣାମ ଅଛି । ସେ ପୁଣି କାହିଁକି ତାହାଠାରୁ ଏକ କଳ୍ପିତ ଶକ୍ତିକୁ ସ୍ୱୀକାର କରିବ, ବଡ଼ ବୋଲି ? ତାହାପରେ ଧ୍ୱଂସ ହିଁ ତ ପ୍ରକୃତିର ସତ୍ୟ—ମନୁଷ୍ୟକୁ ବା ଦୋଷ ଦେବ କାହିଁକି ? ସେ ତ ସେହି କରାଳ ଅଗ୍ନି ପଥରେ ସାମାନ୍ୟ ଯାତ୍ରୀ ମାତ୍ର—

ମୋତେ ଅନ୍ୟମନସ୍କ ଥିବାର ଦେଖି ବଂଧୁବର ହରି ଯେ କେତେବେଳୁ ବିଦାୟ ନମସ୍କାର ଜଣାଇ ଚାଲିଗଲେଣି ତାହା ମୋତେ ଜଣାନାହିଁ । ମୁଁ ଖାଲି ତନ୍ମୟ ହୋଇ ସେହି ବିରାଟ ଧ୍ୱଂସ ମୂର୍ତ୍ତିର କଳ୍ପନା କରୁଥିଲି । । ମୁଁ ଖାଲି ଦେଖୁଥିଲି, ଗୋଟାଏ ବିରାଟ ଗତି ମାନବର ସମସ୍ତ ଅସ୍ତିତ୍ୱକୁ ଆଚ୍ଛନ୍ନ କରି ପ୍ରବଳ ବେଗରେ ଘୂରି ଚାଲିଛି ।

ପ୍ରାୟ ଦୁଇଟା ବାଜିଲା । ଅଗଷ୍ଟ ମାସରେ ମଧ୍ୟ ଏଠାରେ ଅସହ୍ୟ ଗ୍ରୀଷ୍ମ । ଉତ୍ତପ୍ତ ଖରା ପବନ ଆରବ ମରୁଭୂମିର ଗ୍ରୀଷ୍ମଜ୍ୱାଳା ବହନ କରି ବୋହି ଆସୁଥିଲା । ଦଳକୁ ଦଳ ଶ୍ରମଜୀବୀ ଦ୍ରାକ୍ଷା କ୍ଷେତ୍ରରେ ଗଜଲ ଗାଇ ଗାଇ ଫସଲ କାଟୁଛଂତି । ଟାଇଗ୍ରେସ୍ ନଦୀର ଉଚ୍ଛନ୍ନ ଜଳପ୍ରବାହ ସେହି ଦୂରାଗତ ସଂଗୀତ ସହିତ ନୀରବ ଭାବରେ ତାଳ ରଖୁଥିଲା । ଅଦୂରରେ ବାର୍ଲି କ୍ଷେତ୍ରରେ କ୍ଷେତ୍ରଜଗୁଆଳ ଚଢ଼େଇ ଘଉଡ଼ାଉଛି । ତାହାର ମୃଦୁ ଅସ୍ପଷ୍ଟ ଧ୍ୱନି ଆମ ଶିବିର ଭିତରକୁ ଭାସି ଆସୁଥିଲା ଖୁବ୍ ଜୋରରେ । ଦଳକୁଦଳ ମୁସାଫିର ଓଟ ଉପରେ ଚଢ଼ି ମକ୍କା ଅଭିମୁଖରେ ଯାତ୍ରା କରୁଛଂତି । ଓଟ ବେକର ଘଂଟା ଶବ୍ଦ ସେହି ନିର୍ଜ୍ଜନ ମଧ୍ୟାହ୍ନର ସୁପ୍ତ ଶାଂତି ହରଣ କରି ମୋହର ଅଳସ ତଂନ୍ଦ୍ରା ଭାଂଗିବା ଲାଗି ଚେଷ୍ଟା କରୁଥିଲା ।

Digitized by srujanika@gmail.com

ହଠାତ୍ ମୋହର ସ୍ୱପ୍ନ ଭାଂଗିଗଲା । ବାସ୍ତବ ଜଗତକୁ ଫେରି ଆସି ମୁଁ ଶୁଣିଲି, ସର୍ବପ୍ରଥମେ ମେସିନ୍‌ଗନ୍‌ର ଝଣ୍‌ର ଝଣ୍‌ର ଶବ୍ଦ । ଟ୍ରିଞ୍ଚ ଲାଗି ସମସ୍ତ ସଂହଗୁଡ଼ିକ ବୋଧହୁଏ ଉତ୍ତମରୂପେ ପରୀକ୍ଷିତ ହେଉଥିଲା । ଏହି ସମୟରେ ହଠାତ୍ ମୋ ଦୃଷ୍ଟି ପଡ଼ିଲା, ପିଂଡା-ତଳେ ଥିବା ଗୋଟିଏ କ୍ଷୁଦ୍ର ତୃଣ ଗୁଚ୍ଛ ଉପରେ । ଆମ ଶିବିର ସମ୍ମୁଖରେ ଟାଇଗ୍ରେସ୍ ନଦୀର ବିସ୍ତୃତ ବାଲି, ଖାଲି ଧୂ-ଧୂ-ମରୁ ପ୍ରାଂତର । ସେହି ବିଶାଳ ବାଲୁକା ରେଖା ଶେଷରେ ଦୂରସ୍ଥିତ ନଦୀର ସ୍ୱଚ୍ଛ ଜଳଧାରା ସୂର୍ଯ୍ୟ କିରଣରେ ଟକ୍ ଟକ୍ କରି ଝଟକି ଉଠୁଛି । ଆମ ଶିବିର ନିକଟରେ ଗଛ, ବୃକ୍ଷ, ଗୁଳ୍ମ, ଲତା କିଛି ନାହିଁ । ସେହି ଅପଂତରା ବାଲି ଭୂଇଁଟାରେ ଗଛପତ୍ର ଉଠଂତା କିପରି ? କେବଳ ବାଲି—ଅଡ଼ି ବାଲି । ସେହି ଅନଂତ ରସହୀନ ମରୁଭୂମି ଭିତରେ ଆଜି ହଠାତ୍ ଜୀବନର ସନ୍ଧାନ ପାଇ ମୁଁ ବଡ଼ ଆନଂଦିତ ହେଲି । ପ୍ରକୃତରେ ସେ ଯେତେ କ୍ଷୁଦ୍ର ହେଉ ନା କାହିଁକି—ତାହା ଭିତରେ ଯେ ଜୀବନ ଅଛି—ଚେତନା ଅଛି—ଅନୁଭୂତି ଅଛି । ସେଥିଲାଗି ଆଜି ଏହି ଶ୍ମଶାନ ଭିତରେ ଏହି ଅପୂର୍ବ ଜୀବଟିର ପରିଚୟ ପାଇ ମୋ ମନ ଭିତରଟା କେଜାଣି କାହିଁକି ଭାରି ଖୁସି ହୋଇ ଉଠିଲା । ମୁଁ ପିଂଡା ତଳକୁ ଓହ୍ଲାଇଯାଇ ସେଇ ବାଲିରେ ପୋତି ହୋଇ ଯାଇଥିବା ତୃଣାଂକୁରଟିକୁ ଆଉଁସିଦେଲି । ତାହା ଦେହରୁ ଧୂଳିଝାଡ଼ି ରୁମାଲରେ ପୋଛିଦେଲି । ମୋର ମନେହେଲା, ସେ ଏବଂ ମୁଁ ଯେପରି ଗୋଟିଏ ଜୀବନ-ଝରଣାର ଦୁଇଟି ଧାରା । କେବଳ ପ୍ରକାଶଭଂଗୀ ସ୍ୱତଂତ୍ର ମାତ୍ର ।

ଅଗଷ୍ଟ ରୌଦ୍ରର ଅଗ୍ନି ଜିହ୍ୱା ସେହି ତୃଣ ଗୁଚ୍ଛଟିର ସମସ୍ତ ସବୁଜ ରଂଗଟିକ ଲେହନ କରି ନେଇଛି । ତାହା ଭିତରେ ରସ, ଗଂଧ ବର୍ଣ୍ଣ ଯାହା ଥିଲା ସବୁ ସୂର୍ଯ୍ୟ କିରଣରେ ଜଳିପୋଡ଼ି ନିଭି ଯାଇଛି । ବାକି ଅଛି ଖାଲି ଗଭୀର ଦୈନ୍ୟ ଏବଂ ଜୀବନ ବ୍ୟାପୀ ଦୁର୍ବହ ରିକ୍ତତା । ଭାବିଲି ଆଉ ଦିନେ ଦୁଇ ଦିନ ପରେ ବୋଧହୁଏ, ତାହାର ମ୍ଳାନ ଅବଶିଷ୍ଟଟିକ ମଧ୍ୟ ଏହିପରି ପାଉଁଶ ହୋଇ ଯାଇଥାଂତା । ତାପରେ ଏହାର ରୂପ, ରେଖ, ଆକାର ସବୁ ସେହି ବିରାଟ ନିରାକାର, ନିରଂଜନ, ନିରେଖ ମଧ୍ୟରେ ଲୁପ୍ତ ହୋଇଯାଇଥାଂତା ।

ମନେପଡ଼ିଲା, ମୋହର ସେହି ପ୍ରଭାତ, ଯେଉଁଦିନ ଏହି କ୍ଷୁଦ୍ର ତୃଣଟି ପ୍ରଥମେ ହସି ହସି ଧରା ବକ୍ଷରେ ଫୁଟିଥିବ । ପ୍ରଭାତ ସୂର୍ଯ୍ୟର ଆଲୋକ ସପାତକୁ ବକ୍ଷରେ ଧରି, ସ୍ୱର୍ଣ୍ଣାଲୋକରେ ପୂର୍ଣ୍ଣ କୋରକଟିର ଦଳଗୁଡ଼ିକ ବିକଶିତ କରି ଏହା ସେଦିନ ଫୁଟି ଉଠିଥିବ, ପହ୍ଲଲହୋଇ । ଏହି ଶୁଷ୍କ ମରୁଭୂମିର ରୁକ୍ଷ ଅଂଶକୁ ସରସ କରି ସେଦିନ ଏହାର ଅଧୀର ଯୌବନର ବିକାଶ ହୋଇଥିବ କେତେ ପଥରେ । କିଂତୁ ଆଜି ? ? ?

ହାୟରେ ଜୀବନ ! . ସେ ଯେ ମୃତ୍ୟୁର ଏକ ଅସହ୍ୟ ବ୍ୟଂଗ ଚିତ୍ର । ବରଂ ମୃତ୍ୟୁ ସହ୍ୟ ହୋଇପାରେ—କିଂତୁ ଏ କଠିନ ଉପହାସ ଯେ ପିଂଜରର ଭିତରେ ଛୁଂଚି * ପରି ଗଳିଯାଏ । କି ଲାଭ ଏ ଜୀବନରେ ? ଯାହା ବୀଣାର କ୍ଷଣିକ ମୂର୍ଚ୍ଛନା ପରି ଦୁଇଦଂଡ ପରେ ନୀରବ ହୋଇଯାଏ । ପ୍ରକୃତରେ ଜୀବନ ସେଇଠି

Digitized by srujanika@gmail.com

ପରିପୂର୍ଣ୍ଣ, ଯେଉଁଠି ସେ ମୃତ୍ୟୁକୁ ଜୟ କରିପାରେ, ଏ ଜୀବନର ସେହି ପରିପୂର୍ଣ୍ଣ ତୀର୍ଥ ଭୂମିରେ ମୃତ୍ୟୁର ଜୟ ମୁକୁଟ ଆପେ ଆପେ ଭୂମିରେ ନତହୋଇ ଆସେ । ମାତ୍ର କ୍ଷୀଣ ଦୀପଶିଖା ପରି ଯେଉଁ ଜୀବନର ମୂଲ୍ୟ ଉତ୍ସବ-ରାତ୍ରି ପରେ ଆଉ କିଛି ରହେ ନାହିଁ ସେ ତ ଜୀବନ ନୁହେଁ । ବରଂ ତାହା ଜୀବନ ନାମରେ ଜାଲ ହୋଇଥିବା ଏକ ନକଲ ରେଖା-ଚିତ୍ର । ଏଇ ଯେଉଁ କ୍ଷୀଣ ତୃଣଗୁଚ୍ଛଟି ଦୁଇ ଦିନ ପରେ ଜଳିପୋଡ଼ି ପାଉଁଶ ହୋଇଗଲା, ଏହାର କି ଆସନ ଅଛି ଅସୀମ ସୃଷ୍ଟିର ବିଶାଳ ଦରବାରରେ ? ଏହି କ୍ଷଣିକ ବିନାଶର ବା କି ଉଦ୍ଦେଶ୍ୟ ଅଛି, ଏ ଜଗତର କେଉଁ ଦର-କାରରେ ଏହା ଆସିବ ? ତେବେ ଏହା କ'ଣ ବ୍ୟର୍ଥ ? ଏହି ସୃଷ୍ଟି ତେବେ କଣ ଅକାରଣ ? କିଏ କହିବ ତାହା ?

ଏହିପରି ନାନା କଥା ଭାବୁ ଭାବୁ ମୋହର ହସ୍ତସ୍ଥିତ ଜ୍ୱଳନ୍ତ ସିଗାରେଟ ଖଣ୍ଡ ଯେ ସରି ଆସିଲାଣି, ସେଥିପ୍ରତି ମୋର ଜମା ନଜର ନାହିଁ । ହଠାତ୍ ମୋ ଆଙ୍ଗୁଠିଟା ତାତି ଉଠିଲା । ମୁଁ ଛଟପଟ ହୋଇ ସିଗାରେଟ୍ ଖଣ୍ଡକୁ ଫିଙ୍ଗିଦେଲି, ଖୁବ୍ ଦୂରକୁ । ସେହି ଜ୍ୱଳନ୍ତ ସିଗାରେଟ୍ ଖଣ୍ଡ ଚ୍ୟୁତି ହୋଇ ଯାଇ ପଡ଼ିଲା ସେହି ଅର୍ଦ୍ଧଶୁଷ୍କ ମ୍ଲାନ ନୀରସ ତୃଣଗୁଚ୍ଛ ଉପରେ, ଗୃହୁଁ ଗୃହୁଁ ସେହି ଶୁଷ୍କ ତୃଣଖଣ୍ଡ ହୁରୁ ହୁରୁ ହୋଇ ଜଳି ଉଠିଲା । ମୁଁ ବିସ୍ମୟରେ କେବଳ ଚାହିଁ ରହିଲି ସେହି କ୍ଷୟମାଣ ତୃଣଗୁଚ୍ଛର ଶେଷ ଅବଶିଷ୍ଟ ଆଡ଼କୁ । ଗୃହୁଁ ଗୃହୁଁ ସମଗ୍ର ତୃଣଖଣ୍ଡ ଜଳିଗଲା । ମୁଁ ସେହି କ୍ଷୀଣ ବହ୍ନିଶିଖା ଭିତରେ ଅସୀମ ଧ୍ୱଂସର ସଂହାର ମୂର୍ତ୍ତି ଦେଖି ଦେଖି ତନ୍ମୟ ହୋଇ ପଡ଼ିଲି । ମୋହର ପ୍ରତି ଲୋମ କୂପରେ ଆଶ୍ଚର୍ଯ୍ୟ ଏବଂ ଆନନ୍ଦର ବିଦ୍ୟୁତ୍ କମ୍ପନ ଖେଳିଗଲା ।

ଠିକ୍ ଏହି ସମୟରେ ଝଲକାଏ ଉତ୍ତର ପବନ ବହି ଆସିଲା ଖୁବ୍ ଜୋରରେ । ସେହି ପବନ ବେଗରେ ପ୍ରଜ୍ୱଳିତ ତୃଣଖଣ୍ଡମାନ ଇତସ୍ତତଃ ଉଡ଼ିଯିବାକୁ ଲାଗିଲେ । ସେହି ପବନରେ ଉଡ଼ି ଉଡ଼ି ଖଣ୍ଡେ ଜଳନ୍ତା ନିଆଁ ଯାଇ ପଡ଼ିଲା ସହକାରୀ ସେନାପତିଙ୍କ ତମ୍ବୁ ଉପରେ । ଗୃହୁଁ ଗୃହୁଁ ତମ୍ବୁ ଗୋଟାକଯାକ ଧୂମ ଗ୍ରାସ୍ୟା ବିସ୍ତାର କରି ଜଳି ଉଠିଲା । ସହକାରୀ ସେନାପତି ଅନ୍ୟତ୍ର କେରମ୍ ଖେଳିବାରେ ବ୍ୟସ୍ତ ଥିଲେ । ତମ୍ବୁରେ ନିଆଁ ଦେଖି ସୈନ୍ୟମାନେ କୋଳାହଳ କରି ଉଠିଲେ । ସେନାପତି ଆତଙ୍କ ବଂଶୀ ବଜାଇଲେ । ଚାରିଆଡ଼େ ଖାଲି ହରି ଶବ୍ଦ ପଡ଼ିଗଲା । ମାତ୍ର କରିବେ କ'ଣ ? ପାଣି ତ ନିକଟରେ ନାହିଁ । ତାହାପରେ ଭେଡ଼ୁଅ-ଖରା ଦିହରେ ଟାଇଁ ଟାଇଁ ଗଳି ଯାଉଚି । ସମ୍ମୁଖସ୍ଥ ବାଲି ସବୁ ନିଆଁ ଗୁଣ୍ଡ ପରି ତପ୍ତ । କିଏ ଜଳ ଆଣିବ ? ଏହି ସମୟରେ ଜ୍ୱଳନ୍ତ ତମ୍ବୁରୁ ଝଲକାଏ ପବନ ଖୁବ୍ ଜୋରରେ ବହି ଆସିଲା । ସେହି ପବନରେ ନିଆଁ କଣା ଉଡ଼ି ଆଖ-ପାଖ ଦୁଇ ତିନି ତମ୍ବୁକୁ ଜାଳିଦେଲା । ଆମେ ସବୁ କେବଳ ନିର୍ବାକ୍ ହୋଇ ପ୍ରକୃତିର ସେହି ଭୀଷଣ ଧ୍ୱଂସଲୀଳା ଦେଖୁଥାଉଁ, ବିସ୍ମୟରେ ମୋର ହାତଗୋଡ଼ ଚଳୁ ନଥାଏ । ମୁଁ ଖାଲି ଠୁଣ୍ଡା ହୋଇଥାଏଁ ମୂକପରି । ହଠାତ୍ ଶବ୍ଦ ଶୁଭିଲା—"ବାରୁଦ ଘରେ ନିଆଁ—ହୁସିଆର, ହୁସିଆର, ପଳାଅ,

Digitized by srujanika@gmail.com

ପଳାଅ, ପଳାଅ ।" ଯିଏ ଯୁଆଡ଼େ ପଳାଇବାକୁ ଲାଗିଲେ । ବାରୁଦ ଛାଉଣିରେ ନିଆଁ ଲାଗିବା ଆଗରୁ ବୋଝାଇ ହୋଇଥିବା ତୋପ, କମାଣ, ମେସିନ୍‌ଗନ୍ ରାଇଫେଲ ଗୁଳି, ପେଟ୍ରୋଲ, ଟ୍ୟାଙ୍କ ପ୍ରଭୃତି ଏକ ସଙ୍ଗରେ ପ୍ରଳୟ ଗର୍ଜ୍ଜନ କରି ଫୁଟି ଉଠିଲେ । ଶହ ଶହ ସୈନିକ ସେହି ବିସ୍ଫୋରଣରେ ପିପୀଲିକା ପରି ମୃତ୍ୟୁ ମୁଖରେ ପତିତ ହେଲେ । ଅନେକ ନିଆଁ ଲିଭାଇବାକୁ ଯାଇ ନିଆଁରେ ପୋଡ଼ି ହୋଇ ମଲେ । ଚତୁର୍ଦ୍ଦିଗ ପୋଡ଼ା ମାଂସ ଗନ୍ଧ ଏବଂ ବିକଳ ଆର୍ତ୍ତ ଚିତ୍କାରରେ ପୂର୍ଣ୍ଣ ହୋଇ ଉଠିଲା ।

କୋଟି କୋଟି ମନୁଷ୍ୟ ସେହି ଭୀଷଣ ଅଗ୍ନି ଉଦ୍‌ଗାରରେ ପତଙ୍ଗ ପରି ଦଗ୍ଧ ହୋଇଗଲେ ଭୂମିକମ୍ପ ପରି ସମଗ୍ର ଯୁଦ୍ଧଭୂମିଟା ଥରହର ହୋଇ କମ୍ପି ଉଠିଲା । ମାନବର ଏତେ ଲମ୍ଫ, ଝମ୍ପ, ଦମ୍ଭ ପ୍ରଭାବ କେହି ସେହି ଭୀଷଣ ଅଗ୍ନିର ଗତିଧାରା ସମ୍ମୁଖରେ ଠିଆହୋଇ ପାରିଲେ ନାହିଁ । ଗୋଟାଏ ମସ୍ତବଡ଼ କଳକମାଣ ଗୁଳି ଭର୍ତ୍ତି ହୋଇ ଥୁଆ ହୋଇଥିଲା । ହଠାତ୍ ନିଆଁ ଧରିବାରୁ ଭୟଙ୍କର ଗର୍ଜ୍ଜନ କରି ଫାଟିଗଲା । ଖଣ୍ଡ ଖଣ୍ଡ ତରଳ ସୀସା ଛୁଟି ଆସି ଶତ ଶତ ଲୋକଙ୍କୁ ଚକ୍ଷୁ ପଲକରେ ମାଟିରେ ମିଶାଇ ଦେଲା । ଗୋଟାଏ ଭୟଙ୍କର କାର୍ଟ୍ରିଜ୍ ଫୁଟି ମୋ କଙ୍କାଳ ପାଖରେ ଗଳିଗଲା । ମୁଁ ଅଚେତ ହୋଇ ଭୂଇଁରେ ପଡ଼ିଗଲି ।

+ + +

ଆଠ ମାସ ପରର କଥା । ମୁଁ ଏବେ ଡାକ୍ତରଖାନାରୁ ଭଲହୋଇ ଆସିଛି । ଦୁଇଥର ଅସ୍ତ୍ରଚିକିତ୍ସା ପରେ ମୋର ଜୀବନ ଲାଭ ସମ୍ଭବ ହୋଇପାରିଲା । ସେଦିନ ସେହି ସାମାନ୍ୟ ତୃଣଖଣ୍ଡରୁ ଯେଉଁ ଭୀଷଣ ଅଗ୍ନିପ୍ଲାବନ ଜାତ ହୋଇଥିଲା, ତଦ୍ଵାରା ସର୍ବମୋଟ ପ୍ରାୟ ପାଞ୍ଚ ହଜାର ଲୋକ କ୍ଷତ, ଆହତ ଏବଂ ମୃତ ହୋଇଥିଲେ ବୋଲି ହିସାବ ମିଳେ ।

ଆଜି ସେ ଦିନର ସେହି କ୍ଷୁଦ୍ର ଘଟଣାକୁ ସ୍ମରଣ କଲେ ମୋ ହୃଦୟ ଗୋଟାଏ ଭୟରେ କମ୍ପି ଉଠେ । ମୁଁ ଏହି ଅନନ୍ତ ସୃଷ୍ଟିର ମଧ୍ୟଭାଗରେ ଦଣ୍ଡାୟମାନ ହୋଇ ନିଜକୁ ନିଜେ ପଚାରେ—

"ଏ ଅସୀମ ସୃଷ୍ଟିରେ କ'ଣ ଅଛି ? ଯାହାର କ୍ଷୁଦ୍ର ତୃଣଖଣ୍ଡ ମଧ୍ୟରେ ଏତେ ଶକ୍ତି, ଏତେଇଙ୍ଗିତ ଲୁକ୍‌କାୟିତ ଅଛି, ତାହାର ବିପୁଳ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମଗ୍ର ଭାବରେ କେତେ ବଡ଼ ହୋଇ ନ ଥିବ !!"

ମୋ ପ୍ରଶ୍ନର ଉତ୍ତର ମିଳେ ନାହିଁ । ପ୍ରତିଧ୍ୱନି ମୋହର ପ୍ରଶ୍ନକୁ ଫେରାଇ ଆଣି ପୁଣି ମୋରି ପାଖରେ ପହଞ୍ଚାଇ ଦିଏ । କେବଳ ଶୂନ୍ୟରୁ ଏକ ଅଶରୀରୀ ବାଣୀ ଗର୍ଜ୍ଜି ଉଠେ "ଅଛି ଅନନ୍ତ ଶକ୍ତି—ଏବଂ ଅନନ୍ତ ପ୍ରାଣର ଚେତନାତରଙ୍ଗ ।"

କଥାଗୁଡ଼ାକ ଭଲକରି ବୁଝିପାରେନାହିଁ । କେବଳ ଦୁଇ ହାତ ଯୋଡ଼ି ସେହି ଅନନ୍ତ ଅଦୃଶ୍ୟ ଶକ୍ତି ଉଦ୍ଦେଶ୍ୟରେ ପ୍ରଣାମ କରି କହେ—

Digitized by srujanika@gmail.com

“ତୁମର ଇଚ୍ଛା ପୂର୍ଣ୍ଣ ହେଉ ।’

---

୧ ଗଳ୍ପର ମୂଳ ଘଟଣାର ସେପରି କୌଣସି ଐତିହାସିକ ଭିତ୍ତି ନାହିଁ । ପାଠକ ମାନଙ୍କୁ ଅନୁରୋଧ, କେହି ଯେପରି ଏହାକୁ ଐତିହାସିକ ଗଳ୍ପ ବୋଲି ନ ଭାବନ୍ତି । ଏହା ସମ୍ପୂର୍ଣ୍ଣ କାଳ୍ପନିକ । କେବଳ ଗଳ୍ପନିହିତ ତତ୍ତ୍ୱର ସମ୍ୟକ୍ ପରିସ୍ଫୁରଣ ଲାଗି ଗୋଟିଏ ଐତିହାସିକ ଛାୟା ଗ୍ରହଣ କରାଯାଇଛି ମାତ୍ର । ‘ପ୍ରଗଷଣା’, ଜୁଲାଇ, ୧୯୩୬ ସଂଖ୍ୟାରେ ପ୍ରକାଶିତ । ସେତେବେଳେ ଲେଖକ ପୁରୀ ଜିଲା ସ୍କୁଲର ମାଟ୍ରିକ୍ କ୍ଲାସର ଛାତ୍ର ଥିଲେ ।

Digitized by srujanika@gmail.com

ରାଜା, ରାଣୀ ଓ କୁକୁର

ରାଜା, ରାଣୀ ଓ କୁକୁର ଡ୍ରଇଂରୁମ୍ ଦେଖିଲ ।

କଲିକତାର ଏକ ମଧ୍ୟବିତ୍ତ ଶ୍ରେଣୀର ଭଡ଼ାଘର ଛାତ ଉପରେ ଚୌକି ପକାଇ ରାଜା ରାଣୀ ବସି ଗପସପ ହେଉଥିଲେ । ଗଡ଼ଜାତରୁ ସଙ୍ଗରେ ଆସିଥିବା ଚାକର ନରହରି ଟିପଏ ଉପରେ ଗ୍ଲା' ପାଉଁରୁଟି ରଖିଦେଇ ଗୁଡ଼ାଖୁ ହୁକ୍କା ପାଇଁ ନିଆଁ ସଂଗ୍ରହ କରିବା ଲାଗି ରୋଷେଇଶାଳ ଆଡ଼କୁ ଯାଇଥିଲା । ରାଜାଙ୍କ ଗୋଡ଼ତଳକୁ ଚାରି କାତ ମେଲାଇଦେଇ ଶୋଇ ଧୂଳିଧୂସର କୁକୁରଟା ଜିଭ କାଢ଼ି ନିଜ ପେଟ ପିଠି ଚାଟି ପକାଉଥିଲା ଏବଂ ବେଳେ ବେଳେ ଉଠିପଡ଼ି ରାଜା ଫିଙ୍ଗି ଦେଉଥିବା ପାଉଁରୁଟି ଟୁକୁରା ସବୁ ଚଟ୍ଟ ଚୁଙ୍କ ଦେଇ ପୁଣି ଆସି ନିଜ ଜାଗାରେ ଶୋଇପଡ଼ୁଥିଲା ।

ସଞ୍ଜ ହୋଇଆସୁଛି । ଚାରିଆଡ଼ର ଆବ୍‌ହାଓ୍ୱା ବେଶ ଥଣ୍ଡା ଥିଲେ ମଧ୍ୟ ରାଜାଙ୍କ କପାଳ ଏବଂ ଚଉଡ଼ା ଗାଲ ଝାଳେଇ ଉଠିଲାଣି । ଆଖିରେ ଅସଂଭବ ବିରକ୍ତି ଏବଂ ଅହେତୁକ ଅତୃପ୍ତିର ଛାଇ ।

ରାସ୍ତାର ବତିଖୁଣ୍ଟଟା ଦପ୍ କିନା ଜଳି ଉଠିଲା । ଖଣ୍ଡେ ଦୂରରେ ଗୋଟାଏ ବଡ଼ ଲୁହା ଶାବଳ ଓ ହାତୁଡ଼ି ଧରି ରାସ୍ତା ମରାମତି କଲବାଲା ଟ୍ରାମ୍ ଲାଇନ ପରୀକ୍ଷା କରି ଚାଲିଗଲା । ଶାବଳଟାକୁ ଲାଇନ ଭିତରେ ଭର୍ତ୍ତି କରି ହାତୁଡ଼ି ପିଟି ଠଂ ଠଂ ଅବାଜ କରି ସେଇ କଳା କୁର୍ତ୍ତା ପିନ୍ଧା ମୂର୍ତ୍ତିଟା କ୍ରମେ ଅଦୃଶ୍ୟ ହୋଇଗଲା ।

ରାଜା ଅନ୍ୟମନସ୍କ ଭାବରେ ସିଆଡ଼କୁ ଅନେଇ ରହିଲେ ।

ମଝିରେ ମଝିରେ ରାଜାଙ୍କର ମନ ଝାପସା ହୁଏ । ଦୁନିଆ ଉପରେ, ସମସ୍ତଙ୍କ ଉପରେ ଏବଂ ନିଜ ଉପରେ ସେ ଚିଡ଼ି ଉଠନ୍ତି, ପୁଣି ଥଣ୍ଡା ହୋଇଯାଆନ୍ତି ଶୀତ ଅପରାହ୍ଣର ଏଇ ସିମେଣ୍ଟ ଛାତ ପରି । ରାଣୀ ବେଶ୍ ଗମ୍ଭୀର, ଆତ୍ମ ସଚେତନ, ବାହାରୁ ଦେଖିଲେ କେଉଁଠି କିଛି ହୋଇଛି ବୋଲି ଜଣାଯାଏ ନାହିଁ; କିନ୍ତୁ ଭିତରେ ଭିତରେ କେଉଁଠି ଯେମିତି ନିଆଁ କୁହୁଳୁଛି ଆଉ ସେ କୁହୁଳିଲା ନିଆଁର କଳିଆ ଧୂଆଁକୁ ଚାପି ରଖିବା ପାଇଁ ଯେମିତି ସବୁବେଳେ ଗୋଟାଏ ଅପ୍ରାଣ ଚେଷ୍ଟା । ଚାକରଟା ଅନବରତ କାମ କରିଯାଏ, ବେଳେ ବେଳେ ବୋକାଙ୍କ ପରି ହସେ, ସମୟେ ସମୟେ ନିଜକୁ ଅଧିକ ଚାଲାକ ବୋଲି ଜାହିର କରିବାକୁ ଯାଇ ଠୋକର ଖାଏ, କିନ୍ତୁ କାମ ଠିକ୍ କରିଯାଏ । ଆଉ କୁକୁରଟା ? ସେ ଲଙ୍ଗୁଡ଼ି ହଲେଇ କୁଁ କୁଁ କରେ, ଗୋଡ଼ ସନ୍ଧିରେ ଜାକିଜୁକି ହୋଇ ସଟ୍‌କି ଯାଏ ପୁଣି ଅପରିଚିତ ଆଗନ୍ତୁକର ବାସ୍ନା ପାଇ ଅସଂଭବ ଆସ୍ଫାଳନରେ ଚିତ୍କାର କରି ଉଠେ, ଯେପରି ନିଜର ବୀରତ୍ୱ କିମ୍ବା ପ୍ରୟୋଜନୀୟତା ପ୍ରମାଣ କରିବା ପାଇଁ ।

Digitized by srujanika@gmail.com

ଏଇ ଖାପଛଡ଼ା ସଂସାର ଭିତରେ ରାଜା ରାଜା, ଆଉ ରାଣୀ ରାଣୀ । କୁକୁରଟା ସବୁବେଳେ କୁକୁରଇ ।

ଦିନେ ରାଜା ରାଣୀ ଟ୍ୟାକ୍ସି ଚଢ଼ି ବାଇସ୍କୋପ ଦେଖି ଫେରୁଥିବା ବେଳେ ଏଇ କୁକୁରଟା ଟ୍ୟାକ୍ସି ତଳେ ଚାପା ପଡ଼ି ଯାଇଥିଲା । ରାଣୀ ଚାକର ହାତରେ ତାକୁ ଉଠାଇ ଆଣି ନିଜ ବସାରେ ସ୍ଥାନ ଦେଇଥିଲେ । ସେଇଦିନୁ କଲିକତାର ଏକ ଅଜଣା ଅଶୁଣା ଗଳିର ଏକ ଭୁଲ କୁକୁର ରାଜା ରାଣୀଙ୍କର ଏଇ ବିଚ୍ଛିନ୍ନ ଜଗତରେ ଜଣେ କେନ୍ଦ୍ର ହୋଇ ଉଠିଚି । ନିତାଂତ ଅବହେଳିତ ଆଉ ଅନାଦରକାରୀ ହେଉ ପଛକେ ସେ ଯେ ଏ ସଂସାରରେ କେନ୍ଦ୍ର ଗୋଟାଏ ପ୍ରାଣୀ ଏଥିରେ ଆଉ ସଂଦେହ ନାହିଁ ।

ରାଜା କହୁଥିଲେ କଲିକତାର ପାଣିପାଗ କଥା । ଭୀଷଣ ଅସ୍ୱାସ୍ଥ୍ୟକର ଏଠିକାର ପାଣି ପବନ । ପବନରେ ଏଠି ଧୂଆଁ ଆଉ କୋଇଲାର ଗୁଂଡା, ସକାଳୁ ଉଠିଲେ ନାକ ପୁଡ଼ା ଭିତରୁ ଇଂଚେ ଏ ବହଳର ଜମାଟ କାଳିଆ ଧୂଆଁ ବାହାରେ । ଘର ଭିତରେ ଅସହ୍ୟ ଗରମ—ଶୀତ ଦିନରେ ପଂଖା ଚଳାଇ ବି ଆରାମ ନାହିଁ । ମାସକେ ଥରେ ଦି'ଥର ସର୍ଦ୍ଦି ଗରମି ତ ଲାଗି ରହିଚି । ସ୍ୱାଠୁ ଭଲ ବରଂ ଦାର୍ଜିଲିଂ ଚାଲିଯିବା । କିଂତୁ ସେଠିକାର ଖର୍ଚ୍ଚ ଅସଂଭବ ରକମର ବେଶି । ସରକାର ଦେଉଥିବା ମାସିକ ଭତ୍ତାରେ ଏତେବଡ଼ ସଂସାର ଚଳିବା ଅସଂଭବ । ସେ ଚେଷ୍ଟା କରୁଚଂତି ଶସ୍ତାରେ ଗୋଟାଏ ଘର ଲଂବା ମିଆଦରେ ପଟ୍ଟା ନବାପାଇଁ । କିଂତୁ ଏ ପର୍ଯ୍ୟଂତ କିଛି ଠିକ୍ ହୋଇ ପାରିଲା ନାହିଁ । ତାଂକର ସଂଦେହ ହୁଏ ଗଡ଼ର ଦୁସମନଲୋକେ ସେଠି ବି ଯାଇ ଘରବାଲା ସାଂଗରେ କିଛି ଗୋଟାଏ ଷଡ଼ଯଂତ୍ର ଚଳାଉଚଂତି । ରାଜାଂକର କୌଣସି ଖବର ସେମାନଂକୁ ଅଛପା ରହୁନାହିଁ । କିଏ ଜାଣେ ହୁଏତ କଲିକତାର ଡାକଘର ସାଂଗରେ ସେମାନେ ସଲା କରି ରାଜାଂକର ସବୁ ଚିଠିପତ୍ର ବି ଖୋଲି ପଢ଼ି ପକାଉଚଂତି ଏବଂ ସବୁ କଥା ଆଗରୁ ଜାଣି ଯାଉଚଂତି । ରାଜା ଭୟଂକର ବିରକ୍ତ ହୋଇ ଉଠିଲେ । ତାଂକ କପାଳରୁ—ଗାଲର ଚମଡ଼ାରୁ ଗମ୍ ଗମ ହୋଇ ଝାଳ ନିଗିଡ଼ି ପଡ଼ିଲା ।

ଏଇ ସମୟରେ ଗୁଡ଼ାଖୁ ହୁକ୍କା ସଜାଡ଼ି ନରହରି ଆସି ପହଂଚିଲା । ରାଜାଂକ ଚିଂତାର ସ୍ରୋତ ଟିକିଏ ମୋଡ଼ ଫେରାଇବାକୁ ଫୁରୁସତ ପାଇଲା । ମନଟା ଟିକିଏ ହାଲକା ହେଲା । ସେ ଆଗ୍ରହରେ ଗୁଡ଼ାଖୁ ନଳି ମୁହଁରେ ଦେଇ ଗୁଡ଼ୁ ଗୁଡ଼ୁ କରି ହୁକ୍କା ଟାଣୁ ଟାଣୁ ରାସ୍ତାର ଦୃଶ୍ୟ ଉପଭୋଗ କରିବାକୁ ଲାଗିଲେ ।

ଠାଏ ଠାଏ ରାସ୍ତା ମରାମତି ହେଉଚି । ଗରମ ଅଲକାତରା ଗଂଧ ପବନରେ ଭାସି ଆସୁଚି । ଦୂରରେ ଟ୍ରାମ ଡ୍ରାଇଭରଂକର ଘଂଟି ଫଟୁଆରର ହଟଗୋଳ ଶୁଣାଯାଉଚି । ଘର ସାମନା ଫୁଟ୍‌ପାଥରେ ଥିବା ପାନ ସରବତ ଦୋକାନରେ ଭିଡ଼ ଲାଗି ଗଲାଣି । ଦଳେ କର୍ପୋରେଶନ କୁଲି କାମ ଫେରଂତି ଦଳ ବାଂଧି ସେଠି ଛିଡ଼ା ହୋଇ ପାନ ବିଡ଼ି ଖରିଦ କରୁଚଂତି । ରାଜା କିଛିକ୍ଷଣ ହୁକ୍କା ଟାଣୁ ଟାଣୁ ସେଇ ଲୋକ ଗହଳି ଆଡ଼କୁ ଚାହିଁଲେ । ତାପରେ ହଠାତ୍ ଚିତ୍କାର କରି ଡାକିଲେ ନରହରିକୁ ।

Digitized by srujanika@gmail.com

—ଯା, ଯା, ଦେଖ ସେଇ ବଡ଼ ଖୁଂବ ତଳେ ଛିଡ଼ାହୋଇ ସେ ଲୋକଟା କିଏ ସେ ଇଆଡ଼କୁ ବାରଂବାର ଚାହୁଁଛି ।

ନରହରି ଠିକଏ ନିରେଖି କରି ଦେଖିଲା । ତାପରେ କହିଲା—ଏଇ ଲୋକଟାକୁ ମୁଁ ସକାଳେ ବି ଦେଖିଥିଲି ମଣିମା । ସେଇଟି ଠିଆ ହୋଇଥିଲା ।

ରାଜା ଭୟରେ କଳା ପଡ଼ିଗଲେ । ତାଂକ କପାଳର ସରୁ ରେଖାସବୁ କୁଂଚିତ ହୋଇ ଆସିଲା । ସକାଳେ ଠିଆ ହୋଇଥିଲା । ତେବେ ନିଶ୍ଚୟ ସେ ସାରାଦିନ ଏଇଠି ଛିଡ଼ା ହୋଇଛି । କିଏ ଜାଣେ ହୁଏତ ସେ ପ୍ରଜାମଂଡଳର ଲୋକ ହୋଇପାରେ । ଅମ ଗଡ଼ଦେଖି ଠଉରାଇବାକୁ ଆସିଛି । ନିଶ୍ଚୟ, ନିଶ୍ଚୟ ତାର କିଛି ମତଲବ ଅଛି ।

—ତୁ ତା ଉପରେ ନଜର ରଖ, ନରହରି । ମୁଁ ଯାଉଛି ତାକୁ ପୁଲିସରେ ଧରାଇ ଦେବି । ଦେଖ ସେପରି ପଳାଇ ନ ଯାଏ । ଲୋକଟା ନିଶ୍ଚୟ ବଦମାସ । ଆମଘର ଉପରେ ଚଢ଼ାଉ କରିବ — ଚଢ଼ାଉ କରିବ ।

ତାଂକ ସ୍ୱର ଶେଷ ପର୍ଦ୍ଦାରେ ପହଂଚିଲା । ସେ ଚୌକି ଛାଡ଼ି ଉଠି ଠିଆ ହେଲେ । ଗୋଡ଼ତଳୁ କୁକୁରଟା ବି ଝାଡ଼ିଝୁଡ଼ି ହୋଇ ଉଠି ଛିଡ଼ା ହୋଇ ତାଂକ ଚାରିପଟେ ବୁଲି ଶୁଂଘିବାକୁ ଲାଗିଲା ।

ରାଣୀ ବ୍ୟସ୍ତ ହୋଇ ଉଠିଲେ । ଅସ୍ଥ ଧରିବା ପାଇଁ ରାଜାଂକୁ ବୁଝାଇଲେ । କହିଲେ—ରାସ୍ତାରେ କେତେଲୋକ ଯାଆଆସ କରୁଚଂତି, କିଏ ହୋଇଥିବ ରାଜା । ତୁମେ ତଳକୁ ଯାଅନା । ନରହରି ବରଂ ଯାଇ ତାର ଖବର ନେଇ ଆସୁ ।

ରାଜା ପୁଣି ଚଉକିରେ ବସିଲେ । ମୁହଁରୁ ରୁମାଲରେ ଝାଳ ପୋଛିବାକୁ ଲାଗିଲେ । ନରହରି ଯାଇ ଖବର ଆଣିଲା, ସେ ହେଉଚି ଏଇ ପଡ଼ାର ଲୋକ । ତା ବାପର କାଠ ଗୋଲା ଅଛି । ତା ନାଁ ମାଖନ ।

ନରହରି କହିଲା—ମୁଁ ତା ଆଡ଼କୁ ଯାଉଥିବା ଦେଖି ସେ ଆଉ ଗୋଟାଏ ଲୋକ କାଂଧରେ ହାତ ପକାଇ ହଠାତ୍ ଗଳିମୁଂଡ ମଜଦୁର ସଂଘ ଅଫିସ ଭିତରକୁ ପଶିଗଲା ।

ରାଜା କହିଲେ, ନା, ନା, ଆଜିକାଲି କାହାରିକି ବିଶ୍ୱାସ ନାହିଁ । ତୁ ସେ ପାନ ଦୋକାନରୁ ଜମା କିଛି ଜିନିଷ କିଣିବୁ ନାହିଁ । ନା, ନା, ଖବରଦାର, ଏଠିକା ବଜାରରୁ କିଛି ବି ସଉଦା ତୁ କାଲିଠାରୁ ଆଣିବୁ ନାହିଁ । ଯାହା ଆମର ଦରକାର ସବୁ ଯାଇଁ ରୋଜ ନିଉ ମାର୍କେଟରୁ କିଣି ଆଣିବୁ । କିଏ ଜାଣେ ପ୍ରଜାମଂଡଳର ଲୋକେ ହୁଏତ ଏଠିକାର ସବୁ ଦୋକାନଦାରଂକୁ ହାତ କରି ସାରିଲେଣି । ସେମାନେ ବରାବର ଆମ ପଛେ ପଛେ ଲାଗିଚଂତି । ଏମିତିକି ସଂବଲପୁର ରେସିଡେଂଟ ସାହେବଂକ ଦପ୍ତରର କେତେ କିରାଣିଂକୁ ବି ସେମାନେ ହାତ କରି ସାରିଲେଣି । ମୁଁ ଯାହା ଚିଠି ଲେଖୁଛି, ସବୁ ତାଂକୁ ଜଣା ପଡ଼ି ଯାଉଚି । ଗଲା ମାସରେ ମୁଁ ରାଜ୍ୟକୁ ଫେରିଯିବା ପାଇଁ ଅନୁମତି ଲେଡ଼ି ସାହେବଂକୁ ଚିଠି ଦେଇଥିଲି । ତୁ ନିଜେ ଯାଇ ବଡ଼ ଡାକଘରେ ରେଜେଷ୍ଟାରି କରି ଆସିଥିଲୁ । ସେ ରସିଦ ବି

Digitized by srujanika@gmail.com

ମୋ ପାଖରେ ମନ୍ତ୍ରୀ ଅଛି । କିନ୍ତୁ ସେକଥା ସବୁ ପ୍ରଜାମଣ୍ଡଳର ଲୋକେ କିପରି ଜାଣି ପକାଇଲେ । ସାଙ୍ଗେ ସାଙ୍ଗେ ରାଜ୍ୟର ଚାରିଆଡ଼େ ସଭାସମିତି, ହରତାଳ, ପଟୁଆର କରି ସରକାରଙ୍କୁ ତାର ଉପରେ ତାର ପଠାଇଲେ । ସବୁ ସତ୍ୟାନାଶ କରି ପକାଇଲେ । ଏମାନଙ୍କୁ ବିଶ୍ୱାସ ନାହିଁ—ବିଶ୍ୱାସ ନାହିଁ । ନରହରି ସହାନୁଭୂତି ମିଶା ସ୍ୱରରେ କହିଲା—ଶ୍ରୀଚରଣଙ୍କୁ ଭଗବାନ ସାହା—ହଜାରେ ଲୋକ ଚରଣଙ୍କ ପଛରେ ଲାଗିଲେ କଣ କରି ପକାଇବେ ? ଚରଣ ଯଦି ରାଜ୍ୟ ଭିତରକୁ ନ ଯାଇ ଦୂରରେ ରହିବେ ତ ଚରଣଙ୍କ ଶ୍ରୀଅଙ୍ଗରୁ ଧୂଳିଟାଏ ମଧ୍ୟ କେହି ଝଡ଼ାଇ ପାରିବ ନାହିଁ ।

ରାଜା ଅନ୍ୟମନସ୍କ ହୋଇ ପଡ଼ିଥିଲେ । ବାହାରେ ଗୋଟାଏ ରୁଗ୍ଣ ଘୋଡ଼ାକୁ ପିଟି ପିଟି କୋଚଓ୍ୱାନ୍ ତାର ଭଙ୍ଗା ଫିଟନ ଗାଡ଼ି ଛୁଟାଇ ଚାଲିଛି । ରାଜା ସେହି ଲୁହା ଚକର କର୍କଶ ଆଓ୍ୱାଜ କାନପାତି ଶୁଣୁଥିଲେ ।

ରାଜାଙ୍କୁ ଅନ୍ୟମନସ୍କ ଦେଖି ନରହରି କହିଲା—ମଣିମା, ମୁଁ ଆଜି ଆମ ଗଡ଼ର ପରି ସାହୁଙ୍କୁ ଛାଡ଼ିବା ପାଇଁ ହାୱଡ଼ା ଯାଇଥିଲି । ସେଠି ଆମ ରାଜ୍ୟର କେତେକ ଲୋକଙ୍କ ସଙ୍ଗେ ଦେଖାହେଲା । ସେମାନେ ସମସ୍ତେ ହାଇକୋର୍ଟର ମୋକଦ୍ଦମାରେ ସଜା ପାଇଛନ୍ତି—କଣ ଅପିଲ ଦରଖାସ୍ତ କରିବା ପାଇଁ ସମ୍ବଲପୁର ଯାଉଥିଲେ । ସେମାନେ କହୁଥିଲେ, ରାଜ୍ୟର ସବୁ ଲୋକ ଚରଣଙ୍କୁ ଡରୁଛନ୍ତି । ଖାଲି ପ୍ରଜାମଣ୍ଡଳ କାଳେ ବାସନ୍ଦ କରିବ ଏଇ ଡରରେ କିଛି କହି ପାରୁନାହାନ୍ତି । ସେମାନେ ସମସ୍ତେ ଚରଣଙ୍କୁ ରାଜ୍ୟକୁ ଫେରାଇ ନେବା ପାଇଁ ସରକାର ବାହାଦୁରଙ୍କଠାକୁ ବେନାମୀ ଦରଖାସ୍ତ ପଠାଇଛନ୍ତି ।

ରାଜା ଖୁସି ହୋଇ କହିଲେ—ଭୁଲିବେ ନାହିଁ ! ମୋ ପ୍ରଜା ମୋତେ ଭୁଲିବେ ନାହିଁ ? ମୁଁ ରାଜା—ମୁଁ ରାଜା, ବଂଶଜ, ମୋ ପ୍ରଜାଏ ମୋତେ ଖୋଜିବେ ନାହିଁ ତ କାହାକୁ ଖୋଜିବେ ? ମୋ ରାଜ୍ୟର ପ୍ରଜାଏ ସବୁଦିନେ ଇମିତି ନ ଥିଲେ । ବାହାରର ଦି ଚାରି ଜଣ ମେଲିଆ ବଦମାସ ଲୋକ ସେମାନଙ୍କୁ ଶିଖାଇ ମତାଇ ଇମିତି ବିଗାଡ଼ି ଦେଲେ । ରାଜା ପ୍ରଜା ଭିତରେ ସାତ ପୁରୁଷରୁ ଚାଲି ଆସୁଥିବା ବାପ ପୁଅ ସମ୍ପର୍କ ସବୁ ଭାଙ୍ଗିପୋଡ଼ି ପାଉଁଶ କରିଦେଲେ, ପାଉଁଶ କରିଦେଲେ ।

ନରହରି କହିଲା—ସେମାନେ କହୁଥିଲେ ଆଗେ କେହି କିଛି ଗୋଳମାଳ କଲେ ରାଜଦରବାର ସବୁ କଥାକୁ ସମ୍ଭାଳି ନେଉଥିଲେ । କାହାକୁ ପିଠିରେ ଦି ବେତ ବସାଇ କିମ୍ବା କାହାକୁ ଦି'ଚାରି ଟଙ୍କା ଜୋରିମନା ଆଦାୟ କରି ମାମଲା ଫଇସଲା କରି ଦେଉଥିଲେ । କିନ୍ତୁ ଆଜିକାଲି ଟିକିଏ କଥାରେ ଚଲାଣ, ମକଦ୍ଦମା, ଜେହେଲ ଫାଟକ, ଏଇ ନୂଆ ମ୍ୟାନେଜରର ଅମଳରେ କିଏ କାହାକୁ ଟଙ୍କାଏ ମଣାଏ ଲାଞ୍ଚ ରିଷପତ ଦେଲେ ସାଙ୍ଗେ ସାଙ୍ଗେ ହାତକଡ଼ି ପଡ଼ି ଯାଉଛି । ରାଜ୍ୟର ସବୁ ମାମଲତକାର, ସରବରାକାର, ମକଦ୍ଦମ, ଟାଉଟର ଖାଲି ଖାଲି ଡାକ ଛାଡ଼ିଲେଣି ।

ରାଜା କହିଲେ—ବାହାର ମୋଗଲବନ୍ଦୀର ଲୋକ ସବୁ ଆସି ମୋ ରାଜ୍ୟଟାକୁ ନାରଖାର କରି ପକାଇଲେ । ଆଗେ ଆମ ପ୍ରଜାଏ ବେଠିବେଗାରିରେ ଦି ଚୁ ପାଟି ଫିଟାଉ

Digitized by srujanika@gmail.com

ନ ଥିଲେ । ରଜାଘର କାମ ବୋଲି କେହି ତାକୁ ନ ଡାକୁ ନିଜେ ଆସି ସବୁ କାମ ହସ-ଖୁସିରେ ତୁଲେଇ ଦେଇ ଯାଉଥିଲେ । ଦରବାରକୁ ଆଗେ ଖଜଣା, ଟିକସ ଦେଲେ ଛେଳେ ଯାଇ ବଳକା ଟଙ୍କା ଅଂଟାରେ ଖୋସୁଥିଲେ । କଂରୁ କେଉଁଠା ପଇବୋଲି ମେଲିଆ ସେମାନଂକ ମୁଂଡ ଖରାପ କରିଦେଲେ । ରାଜ୍ୟଟା ନାରଖାର ହୋଇଗଲା ।

ଏଇ ସମୟରେ କୁକୁରଟା ଭୁ ଭୁ କିନା ଭୁକି ଉଠିଲା ।

ରାଣୀ କହିଲେ –କିଏ ଆସୁଛି । ଆସିଲା ଟେଲିଗ୍ରାମ ପିଅନ । ରାଜାଂକୁ ସଲାମ କରି ଝଂଟେ ଟେଲିଗ୍ରାମ ବଢାଇ ଦେଲା । ରାଜା ତା ବହିରେ ସହିକରି ଦେଇ ତାରଟାକୁ ନେଇ ଖୋଲି ପଢ଼ିବାକୁ ଲଗିଲେ । ପଢ଼ୁ ପଢ଼ୁ ତାଂକ ମୁହଁ ହସରେ ଉଛୁଳି ଉଠିଲା । ସେ ପିଅନକୁ ବକ୍‌ସିସ୍ ଦେଇ ବିଦା କରିଦେବା ପାଇଁ ନରହରିକୁ ଠାରି ଦେଇ ପୁଣି ଥରେ ତାରଟାକୁ ପଢ଼ିବାକୁ ଲଗିଲେ ।

ତାପରେ ରାଣୀଂକ ଉଦ୍‌ବିଗ୍ନ ଆଖିର ଉତ୍ତର ଦେଇ କହିଲେ—କଟକରୁ ଦେସ୍ପାର ତାର କରିଚଂଧ । ମତେ ରାଜ୍ୟକୁ ଫେରାଇ ନବା ପାଇଁ ଯେ ଶହେ ଜଣ ସରବରାକାର, ପ୍ରେସିଡେଂଟ ଏବଂ ଦେବର୍ଷୀଂକ ଦସ୍ତଖତରେ ଏକ ଦରଖାସ୍ତ ସରକାର ବାହାଦୁରଂକପାଖରେ ପେଶ କରିଚଂଧ । ଦେଖାଯାଉ କଣ ହଉଛି, ସବୁ ଭଗବାନଂକର ଇଚ୍ଛା ।

ରାଣୀ ପଚାରିଲେ—ଏଥିରେ କଣ କିଛି ଫଳ ହେବ ?

ରାଜା କହିଲେ—ନିଶ୍ଚୟ ହବ, ନିଶ୍ଚୟ ହବ । ଲୋକେ ଯଦି ମତେ ଚାହିଁବେ କାହାର ସାଧ ଅଛି ମୋତେ ସେମାନଂକଠୁ ଦୂରରେ ରଖିବ ?

ନରହରି କହିଲା—ସ୍ୱାମୀ ଯାହା କହଂରୁ ପଛେ, ଆଉ ସେ ରାଜ୍ୟକୁ ସ୍ୱାମୀ ଫେରିଯିବା ଠିକ୍ ନୁହେଁ । ପ୍ରାଣ ଥିଲେ କେତେ ରାଜ୍ୟ ମିଳିବ । ସ୍ୱାମୀ ବିଦେଶରେ ଅଛଂଧ । କେହି ପଦେ ପାଟି ଫିଟାଇବାକୁ ନାହିଁ । ରାଜ୍ୟକୁ ଫେରିଲେ ପୁଣି ନାନା ଗଂଡଗୋଳ ହବ । ମେଳି, ଖଜଣା ବଂଦ, ହତ୍ୟାଗ୍ରହ, ପଲଟଣ, ଗୁଳି ବାରୁଦରେ ପୁଣି ରାଜ୍ୟଯାକ ଦୁଲୁକି ଉଠିବ । ଗଲଥରେ ସ୍ୱାମୀ ନିଜେ ଦେଖିଚଂଧ କିମିତି ଗଡ଼ରେ ଜନସମୁଦ୍ର ନହଡା ମାଇଲା । ମଣିଷ ଉପରେ ମଣିଷ, ଅସୁମାରି ମଣିଷରେ କିମିତି ଗଡ଼ସାରା ସ.ଛଦନ ଯାଉ ଗଡ ହାଲି ଉଠିଲା ପଡ଼ିଲା । ଲକ୍ଷ ଲକ୍ଷ ଲୋକ ମେଳି କରି ଉଆସ ଘେରିଗଲେ । ଖାଲି ଜଗନ୍ନାଥ ଯାହା ବୋଲି ସ୍ୱାମୀଂକ ଶ୍ରୀଅଂଗରେ ଆଂଚ ଲଗିଲା ନାହିଁ । ମୁଁ ଦେଖିଚି ମଣିମା ଲକ୍ଷେ ମଣିଷର ଆଖି—ଦହଣ୍ଡ ପରି ଜଳୁଥାଏ । ଖାଲି ଗଡ଼ରେ ନୁହେଁ, ଯେଉଁମାନେ ସ୍ତ୍ରୀ ବାଳକ ପେନ ହତ୍ରାଣ୍ଡ କରି ମୋଗଲବଂଦୀ ଗାଁଲୋକାକୁ ପଳାଇଗଲେ । ସେମାନଂକର ଭୋକିଲା ଭୋକିଲା ବାଘୁଆ ଆଖି ବ ଅଜ ମୋ ମନରୁ ଯାଉନାହିଁ । ମୁଁ ସ୍ୱାମୀଂକୁ ପ୍ରାର୍ଥନା କରି କହୁଚି ସ୍ୱାମୀ ଆଉ ରାଜ୍ୟକୁ ଫେରଂତୁ ନାହିଁ ।

ରାଜା ଯୋରରେ ହସି ଉଠି ପାଗଳଂକ ପରି କହିବାକୁ ଲଗିଲେ—ମୁଁ ବି ଦେଖିଚି, ମୁଁ ବି ଦେଖିଚି । ନଅର ଉପରେ ଛିଡ଼ା ହୋଇ ଦୂରବୀକ୍ଷଣ ନଳୀରେ ମୁଁ ବି ଦେଖିଚି—ଲକ୍ଷ ଲକ୍ଷ ମେଲିଆ ପ୍ରଜାଂକ ଆଖି । ମୋ ଦେହରେ କାଛି ହୋଇଗଲା—କାଛି ହୋଇଗଲା –

Digitized by srujanika@gmail.com

ବହୁ ଚିନ୍ତିତ ଉଠିଲ ।

ରାଣୀ କହିଲେ—ଇଂରେଜ ସରକାର ତ ରହିଛି ଆମର ଡର କଣ ? ସରକାର ଘର କଣ ଫୌଜପଲଟଣ ଦବ ନାହିଁ ?

ନଫରର କହିଲ—ନାହିଁ ମହିମା, ଆଜିକାଲି ଖୋଦ ସରକାର ଅସନ ଟଲମଲ ହେଲଣି । ପ୍ରଜା ମେଳିକି କଏ ବାଡ଼ ଦବ ? ସମୁଦ୍ର ଜଳ ପ୍ରଜାଂକଗୋଳ, ସ୍ୱାକୁ କେହି ଅଟକାଇ ପାରିବେ ନାହିଁ ।

ରାଜା କହିଲେ—ଆମେ ନ ଗଲେ ପେସ୍କାରେ, ଦଫାଦାରେ, କାନଗୋଇ, ଦାରୋଗା ଏମାନେ ବରାବର ଆମ ପାଇଁ ଘରଦ୍ୱାର ପିଲାପରିବାର ଛାଡ଼ି କଟକରେ ପଡ଼ିଛନ୍ତି । ଏମାନଂକ ଦଶା କଣ ହେବ ?

ରାଣୀ କହିଲେ—ଆହା, ଠିକ୍, ଠିକ୍, ଏମାନେ କ'ଣ କରିବେ କଣ ?

ଗଜନ୍ଦ କହିଲ—ସତ ମହିମା, ଏମାନଂକ ପ୍ରାଣ ରହି ନ ଥାଂତା । ହଜାର ହଜାର ଲୋକ ଏମାନଂକ ଘର ଉପରେ ଚଢ଼ାଉ କରି ରାଜାଂକ ପାଖଲୋକ ବୋଲି ଏମାନଂକୁ ମାଟିରେ ପେଷି ଦବାକୁ ବସିଥିଲେ । ଷଂଢ଼ା ଷଂଢ଼ା ଶହ ଶହ ଜୁଆନ—ଖାଲି ପ୍ରଜାମଂଡ଼ଳର ସଭାପତି ଗୋଳ ଦେଇ ନ ଥିଲେ—

ଏଇ ସମୟରେ କୁକୁରଟା ପୁଣି ଭୁକି ଉଠି ଠିଆ ହେଲା । ରାଜା ବିରକ୍ତ ହୋଇ ତା ପିଠିରେ ଗୋଟାଏ ଗୋଇଠା ବସାଇଲେ । ସେ ମାଡ଼ ଖାଇ କେଁ କେଁ ଚିତ୍କାର କରି ପିଡ଼ାଆଡ଼କୁ ଦୌଡ଼ି ପଳାଇ ଗଲା, ପୁଣି କିଛିକ୍ଷଣ ପରେ ଫେରିଆସି ରାଜାଂକ ଚୌକି ତଳେ ମୁହଁ ମାଡ଼ି ଶୋଇଲା ।

ରାଣୀ କହିଲେ—ଆହା-ହା, ସ୍ୱାକୁ ମାର ନାହିଁ ରାଜା । ଏଇ କୁକୁରଟି ଅଛି ବୋଲି ବିଦେଶରେ ଏତେ ଜିନଷପାତି ନେଇ ରହି ବି ଆମର ଚୋରର ଡର ନାହିଁ । କାଲି ରାତିରେ ସେ ଫଲବାଲାଟା କିଏ, ଘର ଭିତରକୁ ପଶି ଆସିଥିଲା । ଧାଇ ଗୁଜରାଣୀ ବହିଁ ଖଟ ଉପରେ ଜେମାକୁ ପବନ ଝୁଆଉଥିଲେ । ମୁଁ ଏକୁଟିଆ ବୈଠକଖାନାରେ ବସି ଖବରକାଗଜ ଲେଉଟାଉ ଥିଲି । ଦେଖିଲି ତାକୁ ଭୁକି ଭୁକି ନେଇ ଫାଟକ ସେପାଖେ ଛାଡ଼ିଦେଇ ଆସିଲା ।

ରାଜା ଅନ୍ୟମନସ୍କ ଭାବରେ କହିଲେ—ପାଞ୍ଚଶ ପଚିଶ ହଜାର ଟଂକା ଦେଇ ଆମେ ଯେଉଁ ଗ୍ରେହାଉଂଡ଼ ଯାଆଁଳା ଆଣିଥିଲେ ତା ସାଂଗରେ ସ୍ୱାକୁ ତୁଳନା କଲେ ସ୍ୱା ଉପରେ ଥୁପେ ପକାଇବାକୁ ବି ଇଚ୍ଛା ହବ ନାହିଁ । ଆସିଲା ବେଳେ ମଝି ଘଡ଼ ଆଉ ଘଂଟାଏ ସମୟ ମିଳିଥାଂତା ମୁଁ ଯେକୌଣସି ମତେ ସେ କୁକୁର ଦିଟାକୁ ନେଇ ଆସିଥାଂତି । ଚବଶ ଘଂଟା ଭିତରେ ଗଡ଼ ଛାଡ଼ିବାକୁ ପଡ଼ି ନ ଥିଲେ ଅନେକ କିଛି ଭଲ ଭଲ ଜିନଷପତ୍ର ଆମେ ସାଂଗରେ ନେଇ ଆସି ପାରିଥାଂତେ । ଏଠିକି ଆସି ବି ମୁଁ ଖବର ପଠାଇଥିଲି । କିଂନ୍ତୁ ଯାହାକୁ ପଠାଇଥିଲି ସେ ଫେରିଆସି କହିଲା ଜୋଟ ଅଫ୍ ଓ୍ୱାର୍ଡ଼ସର ନୂଆ ମ୍ୟାନେଜରର ବଂଗଳାରେ ସେ କୁକୁର ଦିଟା ବନ୍ଧା ହୋଇଛନ୍ତି ।

Digitized by srujanika@gmail.com

ରାଣୀ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ—ଗୁଡ଼ ସେ ସବୁ କଥା । ଅତୀତକୁ ଝୁରି ଲାଭ ନାହିଁ । ଯାହା ଭଗବାନଂକ ବରାଦ ଥିବ ହେବ । ଏଇ କୁକୁରଟି ଅଛି ବୋଲି ଆମରି କେତେ କାମରେ ଆସୁଚ ।

ତାଂକର କଂଠସ୍ୱର ଭାରି ଓ କରୁଣ । ରାଜା ବୁଝିପାରିଲେ । କଥାର ମୋଡ଼ ଅନ୍ୟ ଦିଗକୁ ଫେରାଇବା ପାଇଁ ସେ ଗୋଟିଏ ଗପ ଆରଂଭ କଲେ—

ଶୁଣୁଚ ରାଣୀ, ଆମ ଦଦେଇଂକର ଗୋଟିଏ ଡାହାଳ କୁକୁର ଥିଲା । ନାଁ ଟିପୁ । ଯେଉଁଦିନ ଦଦେଇ ସାଆଂତଂକର କାଳ ହୋଇଗଲା, ଟିପୁ ତାଂକ ପଛେ ପଛେ ଶ୍ମଶାନକୁ ଗଲା । ଚଂଦନ କାଠ ଉପରେ ଯେତେବେଳେ ଦଦେଇଂକ ଶବକୁ ନେଇ ରଖିଲେ ଟିପୁ କାହାକୁ କଛି ନ କହି ସେଆଡ଼କୁ ଅନାଇ ଛିଡ଼ା ହୋଇ ରହିଲା । ଶବ ଦାହ ହୋଇଯିବା ପରେ ଟିପୁ ଉପରକୁ ଅନାଇଁ ଥରେଟା ରଡ଼ି ଦେଲା, ତା ପରେ ଆଗ ଗୋଡ ନଖରେ ମଶାଣି ଭୂଇଁ ଆଂଚୁଡ଼ି ଆଂଚୁଡ଼ି ସେଇଠି ସିମିତ ପଡ଼ି ରହିଲା—ଆଉ ଫେରିଲା ନାହିଁ ।

ତା ପରେ ନରହରିକୁ ଅନାଇଁ କହିଲେ—ତୋ ବାପା ସବୁ ଜାଣେ । ସେ ସେତେବେଳେ ଉଆସରେ କାମ କରୁଥାଏ ।

ନରହରି କହିଲା—ହିଁ ମଣିମା, ମୋ ବାପା ଅନେକ ଲୋକଂକୁ ଏଇ କଥା କହିଚ [redacted]ଲି ମୁଁ ପିଲାଦିନେ ଲୋକଂକ ମୁହଁରୁ ଶୁଣିଚ । ବାପକୁ ତ ମୋର ଭଲ ମନେ ନାହିଁ ! ସେ [redacted]ବେଳକୁ ମୁଁ ଦୁଇବର୍ଷର ପିଲା । ମୋର ଖାଲି ମନେଅଛି ସେ ଦିନ ଝିପି ଝିପି ମେଘ ପକାଉଥାଏ । ବାପାକୁ ଗୋଟାଏ ମସିଣାରେ ବଂଧାବଂଧି କରି ଆଣି ଅଗଣାରେ କୋକେଇରେ ଲଦିଲେ । ବଟା ବେଗ ଫୁଲ ଫୁଲ ହୋଇ କୋକେଇ ପାଖରେ ସଂତସଂତିଆ ଭୂଇଁରେ ତାଆଁ ମାରୁଥାଂତି, ମତେ ଜଣେ ସାହି ପିଲା କହୁଣୀଟିରେ ଠେଲିଦେଇ କହିଲା—ତୋ ବାପା—

ଏତିକିବେଳେ ରାସ୍ତାରେ ଗୋଳମାଳ ହେଲା । ଦୁ'ଜଣ ରିକ୍ସାବାଲାଂକ ଭିତରେ ଅ.ରୋହୀ ନେଇ ଝଗଡ଼ା । ନରହରି ବୁଲିଗଲା ।

ରାଜା କହିଲେ—ମୋର କାହିଁକି ରାଣୀ ଏ ଲୋକଟାକୁ ଭୀଷଣ ସଂଦେହ ହୁଏ । ଅନ୍ୟ ମନରେ ଯେଉଁ ଜାଗାରେ ଆଘାତ ଲାଗିଚ ଠିକ୍ ସେଇଠାରୁ ସେ ଅଦ୍ଭୁତ ଭାବରେ ଏକ ଝଂକାର ବାହାର କରିପାରେ । ମଣିଷ ମନର ଭିନ୍ନ ଭିନ୍ନ ସ୍ୱରକୁ ନେଇ ସେ ଅତି ଅ.ଶ୍ଚର୍ଯ୍ୟ ଭାବରେ ଖେଳିପାରେ, ପୁଣି କେଳେ ବେଳେ ଦେଖିଚି ମୁଁ ଯେତେବେଳେ ନିହାତ ଅନ୍ୟମନସ୍କ ଥାଏ; ସେ ଏକାଗ୍ରହାରେ ମୋଆଡ଼କୁ ଅନାଇ ରହି ମନେ ମନେ କଣ ଭାବୁଥାଏ । ମୋ ମନ ଭିତରର ସବୁ କଥାଗୁଡ଼ାକ ଖେଳେଇ ବାହାର କରିବାପାଇଁ ଯେମିତି ତାର ଚେଷ୍ଟା । ସେ ଯଦି ସତରେ ବୋକା ହୋଇଥାଂତା, ତେବେ ଏମିତି ଭାବରେ ବ୍ୟବହାର କରଂତା କାହିଁକି ?

ରାଣୀ କହିଲେ—ତମର ସମସ୍ତଂକ ଉପରେ ସନ୍ଦେହ । ନିଜ ଛାଇକୁ ମଧ୍ୟ ତୁମେ ବିଶ୍ୱାସ କରିପାରିବ ନାହିଁ । ବର୍ତ୍ତମାନ କଲିକତା ଭଳି ଜାଗାରେ ତମେ ସଚ୍ଚା ଚାକର ପାଇବ

Digitized by srujanika@gmail.com

କେଉଁଠୁ ? ଏଠିକାର ଲୋକ ସବୁ ଯେମିତ ଚୋର…

ଚୂଣଆଡେ଼ ନୀରବତା । ଉପରେ ନାକ କାନ କଟା ଶୂର୍ପଣଖା ମେଘ ସବୁ ପଇଁତରା ମାରୁଚଂନ୍ତି । ରାଜା ରାଣୀ କିଛି କ୍ଷଣ ପର୍ଯ୍ୟଂନ୍ତ ସେଆଡ଼କୁ ଚାହିଁରହିଲେ ।

× × ×

କିଛି ଦିନ ପରେ—

ରାଜାଂକର ରାଜ୍ୟକୁ ଫେରିବା ପାଇଁ ହୁକୁମ ଆସିଛି । ଗଡ଼ରୁ ପେସ୍କାରେ, କାନଗୋଇଏ, ଦାରୋଗା, ଦଫାଦାରେ ସମସ୍ତେ ରାଜାଂକୁ ପାଛୋଟି ନେବାପାଇଁ କଲିକତା ଆସିଚଂନ୍ତି ।

ନିଜେ ରେସିଡେଂଟ ସାହେବ ରାଜାଂକୁ ଅଭ୍ୟର୍ଥନା କରିବାପାଇଁ ଗଡ଼ରେ ଅପେକ୍ଷା-କରି ରହିଚଂନ୍ତି ।

ଗୋଟେ ଭଡ଼ାଘରଟି ଲୋକ ଗହଳରେ ପୂରି ଉଠିଚି । ଗଡ଼ରୁ ଦାସୀ, ପରିବାଷ୍ଟ, ଚାକର ଭଂଡାରି ଆସିଚଂନ୍ତି ବହୁତ ରାଜା ରାଣୀଂକ ବାହୁଡ଼ା ବଳେ ବେଲେ ଗହଣରେ ଯିବାପାଇଁ ।

ଜିନିଷପତ୍ର ବଂଧା ସରିଲାଣି ।

ରାଜା ରାଣୀ, ଲୋକବାକ ଦାସୀ ପରିଜନଂକୁ ଷ୍ଟେସନକୁ ପଠାଇଦେଇ ନିଜେ ବାହାରିଗଲେ, ଏଠାରେ ବଂଧୁ ବାଂଧବ ସାହେବସୁବା ରାଜାରାଜୁଡ଼ାଂକର ସଂଗେ ଭେଟ କରି ଶୁଭ ଖବର ଦେଇ ତା ପରେ ସିଧାସଳଖ ସିଆଡ଼ୁ ସିଆଡ଼ୁ ଷ୍ଟେସନକୁ ବାହାରି ଯିବାପାଇଁ । ଗଲାବେଳେ ନରହରିକୁ କହିଗଲେ ଅନ୍ୟାନ୍ୟ ଜିନିଷପତ୍ରସବୁ ବୋହେଇ ଗାଡ଼ିରେ ଲଦି ଷ୍ଟେସନରେ ପହଂଚାଇ ଦେବାକୁ ।

ରାଜା ରାଣୀ ଟ୍ୟାକ୍ସିରେ ଉଠିବା ଆଗରୁ ନରହରି ଯାଇ ହାତଯୋଡ଼ି ଠିଆହେଲା । କହିଲା—ହଜୁର, ମୋତେ ଛୁଟି ମଂଜୁର ହଉ । ମୁଁ ଆଉ ଗଡ଼କୁ ଯିବିନାହିଁ । ଏଇଠି କଲିକତାରେ ଚଟକଲରେ କାମ ଠିକ୍ କରିନେଇଚି, କାମ କରିବି ।

ରାଜା ରାଣୀ ଆଶ୍ଚର୍ଯ୍ୟ ହେଲେ । କ'ଣ ଏତେ ଦିନ ପରେ ଗାଆଁକୁ ଫେରିଯିବାକୁ ମନ ହଉନାହିଁ ?

"ନାହିଁ ମଣିମା", ନରହରି କହିଲା, "ହଜୁରଂକ ଗହଣରେ ତ ବହୁତ ଲୋକବାକ ଯାଉଚଂନ୍ତି । ଶ୍ରୀହଜୁରଂକୁ କ'ଣ ଗଡ଼ରେ ଚାକର ଅପୁଟ ହୋଇଚଂନ୍ତି ? ମୁଁ ଷ୍ଟେସନରେ ଜିନିଷପତ୍ର ପହଂଚାଇ ଦେଇ ଫେରିଆସିବି । ମୁଁ ଆଉ ସେଇ ଜଂଗଲ ଜାଗା ଭିତରକୁ ଫେରିବି ନାହିଁ । ଜଂଗଲ ଜାଗା—ଏଇନା ନିଭିଚି ଏଇନା ଜଳିଉଠିବ, ପାହାଡ଼ ପାହାଡ଼ ବ୍ୟାପି ଯିବ, ତାର କଣ କିଛି ଠିକଣା ଅଛି ମଣିମା ?"

'ନରହରିର ଖିରୁଡ଼ାରେ ରାଜା ଓ ରାଣୀ ଉଭୟେ ହସିଲେ । ତାଂକର ଘର-ଫେରାଣି ଖୁସିବାସିରେ ନରହରିର କାତର କାପୁରୁଷତା ଚମତ୍କାର ରସଦ ଯୋଗାଇଲା ।

Digitized by srujanika@gmail.com

ରାଜା କହିଲେ—ଆମେ ସମସ୍ତେ ଯାଉଚୁ, ତୋର ଖାଲି ଜୀବନକୁ ଏତେ ମାୟାମମତା କାହିଁ ?

ନରହରି ଜବାବ ଦେଲା—ତୁମ୍ଭେ ବଡ଼ଲୋକ । ଶ୍ରୀହରିଜୁଂକ ଗହଣରେ ସିପାହୀ ବରକଂଦାଜ ଯିବେ । ତୁମ୍ଭେ ଗାଡ଼ି ଘୋଡ଼ାରେ ଚଢ଼ି ବୁଲିବେ । ମୁଁ ଗରିବ ବାପୁଡ଼ା, ହାଟ ବଜାର ବିଲବାଡ଼ି ଧଂଦାରେ ବଣଜଂଗଲ ପାହାଡ଼ ପର୍ବତ ବୁଲିବି । ପ୍ରଜାମଂଡଳ ଲୋକେ ଏଥର ମୋତେ ଛାଡ଼ିବେ ନାହିଁ । ତୁମ୍ଭଂକ ପାଖଲୋକ ବୋଲି ନିଶ୍ଚୟ ପ୍ରାଣ ନିକାଳି ଦେବେ ।

ରାଜା ରାଣୀ ପୁଣି ହସିଲେ ।

ନରହରି ଜିନିଷପତ୍ର ବୋହାଇ କରି, ଭଡ଼ାବାଲାକୁ ଭଡ଼ା ଓ ରାସ୍ତା ବୁଝାଇଦେଇ ଷ୍ଟେସନକୁ ଚାଲିଲା । ସେଇ କୁକୁରଟା ଯାହାକୁ ଏ ବାହୁଡ଼ା ବେଳେର ହଟଗୋଳ ଆଉ ବାଇଦ ବଡ଼କାଠ କାହେଲୀ ବାଜଣା ଭିତରେ କାହାରି ହେଲେ ମନେନାହିଁ ।

କିଛି ଦୂର ଯିବା ପରେ ସେଇ ପଡ଼ାର ମଜଦୁର ସଂଘ କର୍ମୀ ମାଖନ ପଛରୁ ଦୌଡ଼ି ଦୌଡ଼ି ଧଇଁସଇଁ ହୋଇ ଆସି ପହଂଚିଲା । ନରହରି ହାତକୁ ଏକ ଲଫାଫା ଚିଠି ବଢ଼ାଇଦେଲା ।

ନରହରିର ସବୁ ଗୋପନ ଚିଠିପତ୍ର ଏଇ ମାଖନର ନାଁ ଓ ଠିକଣାରେ ଆସେ ।

ନରହରି ଉପର ଲଫାପାଟି ଖୋଲି ଦେଖିଲା ଆଉ ଏକ ଲଫାପା ଭିତରେ ବଂଦ ହୋଇ ରହିଚି ଚିଠି । ସେ ସଂତର୍ପଣରେ ଚିଠିଟି ଖୋଲି ପଢ଼ିଲା । ପ୍ରଜାମଂଡଳର ମଂତ୍ରୀ ଲେଖିଚଂତି—

ତମ ଚିଠି ପାଇ ସମସ୍ତ ଅବଗତ ହେଲୁ । ରାଜା ଫେରି ଆସୁଚଂତି ଶୁଣି ପ୍ରଜାମାନଂକ ମନରେ ବିଦ୍ରୋହର ନିଆଁ ଜୁଳୁଚି । କେଉଁଦିନ ଏବଂ ଠିକ୍ କେଉଁ ଗାଡ଼ିରେ ସେମାନେ ଆସୁଚଂତି ଶୀଘ୍ର ତାର କରି । ଷ୍ଟେସନରେ କଳାପତାକା ଦେଖାଇବାର ଏବଂ ପଛୁଆର ବାହାର କରିବାର ଯୋଗାଡ଼ କରାଯିବ । ଜନମତ ରାଜାଂକର ଫେରି ଆସିବାର ଘୋର ବିରୋଧୀ । ତମେ ଯେପରି କୃତିତ୍ୱର ସହିତ ଦୀର୍ଘ ଚାରିବର୍ଷ ଧରି ନାନା ଦୁଃଖ କଷ୍ଟ ନିର୍ଯାତନା ଭିତରେ ପ୍ରଜାମଂଡଳର ନିର୍ଦ୍ଦେଶ ଏବଂ ନିଜର କର୍ତ୍ତବ୍ୟ ପାଳନ କରି ଆସିଚ, ତାହା ପ୍ରତ୍ୟେକ ତ୍ୟାଗୀ ଏବଂ ଦେଶଭକ୍ତର ଆଦର୍ଶସ୍ଥାନୀୟ । ତମେ ଲେଖିଚ, ତମେ ପ୍ରଜାମଂଡଳର ଲୋକ ବୋଲି କେବଳ ପ୍ରଜାମଂଡଳର ଦୁଇ ଚାରି ଜଣ ତୁଂଗ ନେତାହିଁ ଜାଣଂତି—ସାରା ଦୁନିଆଁ ଜାଣେ ତୁମକୁ ରାଜାଂକର ବିଶ୍ୱସ୍ତ ଭୃତ୍ୟବୋଲି । ତେଣୁ ଘରକୁ ଫେରିଯିବା ତମ ପକ୍ଷେ ନିରାପଦ ନୁହେଁ । ମୋ ମତରେ ତମେ ବର୍ତ୍ତମାନ ଗଡ଼କୁ ନ ଆସିବାହିଁ ଭଲ । କଲିକତାରେ ରହି ଆମର ଯେଉଁ ରାଜ୍ୟ ଲୋକେ ଯେଉଁଠି କାମ କରୁଚଂତି, ସେମାନଂକ ମନରେ ସାହସ ଓ ଦଂଭ ଆଣ । ପ୍ରଜାଶକ୍ତିର ଜୟ ସୁନିଶ୍ଚିତ ।

ତମେ ଲେଖିଚ, ଦୀର୍ଘ ଚାରି ବର୍ଷ ଧରି ରାଜା ରାଣୀଂକର ନିକଟ ସମ୍ପର୍କରେ ଆସି ସେମାନଂକ ଜୀବନର ବହୁ ଜୁଆର ଭଟ୍ଟା, ଉଠାଣି ଗଡ଼ାଣିରେ ଭାଗିଦାର ହୋଇ ବ୍ୟକ୍ତିଗତ ଭାବରେ ସେମାନଂକ ପ୍ରତି ତମର ଶ୍ରଦ୍ଧା ମମତା ବଢ଼ିଯାଇଚି । ବ୍ୟକ୍ତିଗତ ଭାବରେ ମଣିଷ

Digitized by srujanika@gmail.com

ମଣିଷକୁ ଯେ ଭଲପାଇବ ଏହାହିଁ ତ ସ୍ୱାଭାବିକ । ତୁମର ମନୋଭାବ ପ୍ରଜାମଣ୍ଡଳର ପ୍ରତ୍ୟେକ କର୍ମୀର ମନୋଭାବ ହେବା ଉଚିତ । ବ୍ୟକ୍ତିଗତ ଭାବରେ ଆମେ ରାଜା ରାଣୀଙ୍କର ସୁଖ ଓ ଶାନ୍ତି କାମନା କରୁ । ସେମାନେ ବାହାରେ କିମ୍ବା ରାଜ୍ୟ ଭିତରେ ଦୁନିଆର ଆଉ ପାଞ୍ଚ ଜଣ ମଣିଷଙ୍କ ଭଳି ସୁଖ ଶାନ୍ତିରେ ରହନ୍ତୁ, ସେଥିରେ କାହାରି କିଛି କ୍ଷତି ନାହିଁ । କିନ୍ତୁ ଶାସନ କଳ ପ୍ରଜା ହାତକୁ ଆସିବାକୁ ଆସିବ—ଏହା ଧ୍ରୁବ ସତ୍ୟ । ଆମେ ପ୍ରଜା ଶାସନ ଚାହୁଁ । ଶୀଘ୍ର ହୁଏତ ପୁଣି ଲଢ଼େଇ ଡାକରା ଆସିବ । ପ୍ରସ୍ତୁତ ହୋଇଥାଅ—ତୁମର ସହକର୍ମୀ ଇତ୍ୟାଦି ଇତ୍ୟାଦି ।

ନରହରି ମାଖନ ହାତକୁ ଏକ ପାଞ୍ଚ ଟଙ୍କିଆ ନୋଟ ବଢ଼ାଇଦେଲା ଏବଂ ଖଣ୍ଡେ ଟେଲିଗ୍ରାମ୍ ଫର୍ମ ପକେଟରୁ କାଢ଼ି ତାହା ନିମ୍ନଲିଖିତ ମତେ ପୂରଣ କରି ଶୀଘ୍ର ତାରଟାକୁ ପଠାଇ ଦେବାପାଇଁ ମାଖନକୁ ଅନୁରୋଧ କଲା । ନରହରି କହିବା ମତେ ମାଖନ ଇଂରାଜୀରେ ତର୍ଜମା କରି ଲେଖିଲା—

"ବାପା ଆଜି ଦିନ ପାସେଞ୍ଜରରେ ଯାଉଛନ୍ତି । ଷ୍ଟେସନକୁ ଆସି ପାଲ୍କି ନେବାର ଯୋଗାଡ଼ କର ।"—ସୁଧାକର

ମାଖନ ପଚାରିଲା—ତୁମ ନାଁ କଣ ସୁଧାକର ?

ନରହରି କହିଲା—ପ୍ରଜାମଣ୍ଡଳର କାଗଜ ପତ୍ରରେ ମୋ ନାଁ ସୁଧାକର । ଏଇଟା ମୋର ସରକାରୀ ନାଁ । ସେ ହସିଲା ।

ଷ୍ଟେସନରେ ଅସମ୍ଭବ ଭିଡ଼ । ରାଜା ଓ ରାଣୀ ତାଙ୍କ ରିଜର୍ଭ କରାଯାଇଥିବା ପ୍ରଥମ ଶ୍ରେଣୀ ଡବାରେ ବସିଗଲେଣି । ଅନ୍ୟାନ୍ୟମାନେ ଯିଏ ଯାହା ସ୍ଥାନ ବାଛିବାରେ ବ୍ୟସ୍ତ ।

ସେ କୁକୁରଟା ଯେ କେତେବେଳେ ନରହରି ସାଙ୍ଗରେ ଆସି ଷ୍ଟେସନରେ ପହଞ୍ଚିଛି ସେଥିପ୍ରତି କାହାରି ନଜର ପଡ଼ିନାହିଁ । ସେ ଧଇଁସଇଁ ହୋଇ ଖାଲି ଦମ୍ ମାରୁଥିଲା ଆଉ ଲାଙ୍ଗୁଡ଼ ହଲାଇ କୁଁ କୁଁ କରି କେତେ କ'ଣ କହିଯାଉଥିଲା ।

ନରହରି ଜିନିଷପତ୍ର ଓଜନ ଏବଂ ବୋଝେଇ କରିଦେଇ ରାଜା ରାଣୀଙ୍କୁ ଆସି ଖବର ଦେଲା । ଭୂଇଁରେ ଜୁହାର ହୋଇ ସେମାନଙ୍କଠାରୁ ବିଦାୟ ନେଲା ।

ଟ୍ରେନ ଛାଡ଼ିଦେଲା ।

ନରହରି ଏକମୁହାଁ ହୋଇ ହାଓଡ଼ା ପୋଲ୍ ଟପି ଦକ୍ଷିଣ ଆଡ଼କୁ ମୁହାଁଇଲା ।

କେବଳ ସେଇ କୁକୁରଟା ସେଠି ପ୍ଲାଟଫର୍ମ ଉପରେ ଚଳନ୍ତା ଟ୍ରେନ୍ ଆଡ଼କୁ ଚାହିଁ ଖାଲି ଆଗକୁ ପଛକୁ ଦୌଡ଼ିବାକୁ ଲାଗିଥିଲା ।

———

Digitized by srujanika@gmail.com

ସଚ୍ଚି ରାଉତରାୟ

ଖ୍ରୀଷ୍ଟାବ୍ଦ ୧୯୧୫ରେ ଖୋରଧା ଜିଲାରେ ଜନ୍ମ । ଛାତ୍ରାବସ୍ଥାରେ ହିଁ ଜାତୀୟ ମୁକ୍ତି ସଂଗ୍ରାମରେ ଯୋଗଦାନ ଓ ସ୍କୁଲରୁ ବିତାଡ଼ିତ । ପରେ କଲିକତାରୁ ମ୍ୟାଟ୍ରିକ୍ ଓ ଆଇ. ଏ. ଏବଂ ୧୯୩୯ରେ ରେଭେନ୍ସା କଲେଜରୁ ବି. ଏ. ପାସ୍ । କଂଗ୍ରେସ, କୃଷକ, ଛାତ୍ର ଓ ଗଡ଼ଜାତ ପ୍ରଜା-ଆନ୍ଦୋଳନ ମାନଙ୍କରେ ନେତୃ-ଭୂମିକା ଗ୍ରହଣ, ୧୯୩୪-୪୨ । ଦୁଇଥର କାରବାସ, କେତେକ କବିତା ସଂଗ୍ରହ ବାଜ୍ୟାପ୍ତ । ୧୯୪୨—୬୨, କଲିକତା କେଶୋରାମ କଟନ ମିଲ୍ସ ଲିଃର ପ୍ରଧାନ ଶ୍ରମିକ-ମଙ୍ଗଳ ଅଫିସର ଏବଂ ପରେ ଏକ୍ଜିକ୍ୟୁଟିଭ୍ ଅଫିସର ରୂପେ କାର୍ଯ୍ୟ । ବିବାହ, ୧୯୪୫ । ନାନା ସମାଜ ମଙ୍ଗଳ ଅନୁଷ୍ଠାନ ଓ ନିଃ ବଃ ଉତ୍କଳ ମହାସଙ୍ଘ ସ୍ଥାପନ । ଭାରତ ସରକାରଙ୍କ ମନୋନୀତ ସଭ୍ୟ ରୂପେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ସମାଜସେବା ସେମିନାରରେ ଭାରତର ପ୍ରତିନିଧିତ୍ୱ, ୧୯୫୨ । ଶ୍ୟାମ, ସିଂହଳ, ଜାପାନ, ଇଣ୍ଡୋନେସିଆ ଓ ଫିଲିପିନସ୍ ଆଦି ପ୍ରାଚ୍ୟଦେଶ ଦର୍ଶନ ଓ ସମାଜସେବା ଅଧ୍ୟୟନ । ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟଙ୍କ ନିମନ୍ତ୍ରଣକ୍ରମେ ସେଠାରେ ଆନ୍ତର୍ଜାତିକ କଳା ବିଜ୍ଞାନ ସେମିନାରରେ ଭାଷଣ ପ୍ରଦାନ, ୧୯୫୫ । ଆମେରିକା, ଇଂଲଣ୍ଡ, ଫ୍ରାନ୍ସ୍, ଇଟାଲୀ, ଜର୍ମାନୀ ପ୍ରଭୃତିରେ ନିମନ୍ତ୍ରିତ ହୋଇ ଭାଷଣମାନ ପ୍ରଦାନ । ସେଣ୍ଟ୍ରାଲ ଫିଲ୍ମ୍ ସେନ୍ସରସ୍ ବୋର୍ଡର କଲିକତା କେନ୍ଦ୍ରର ସଭ୍ୟ, ୧୯୫୭-୬୨ । ପୁଣି ୧୯୬୨ରେ ନିମନ୍ତ୍ରଣକ୍ରମେ ଭାରତୀୟ ଲେଖକ ଓ ସାମ୍ବାଦିକ ମଣ୍ଡଳୀରେ ଆମେରିକା ଓ ଇଂଲଣ୍ଡ ପରିଦର୍ଶନ ଓ ବକ୍ତୃତା । ଚାକିରିରୁ ଇସ୍ତଫା, ୧୯୬୨ । ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନରେ ଭୂଷିତ, ୧୯୬୨ । ସଂପ୍ରତି ମ୍ୟାନେଜିଂ ଡାଇରେକ୍ଟର, ଓଡ଼ିଶା ବୋର୍ଡ ମିଲ୍ସ ଲିଃ ॥

ପ୍ରକାଶନ :—ପ୍ରାୟ କୋଡ଼ିଏ ଖଣ୍ଡ କବିତା ଓ ଗଳ୍ପ ସଂଗ୍ରହ, ପ୍ରବନ୍ଧ, ସମାଲୋଚନା, ଉପନ୍ୟାସ ପୁସ୍ତକ । ତାଙ୍କ ରଚନାବଳୀର ଇଂରାଜୀ ଅନୁବାଦ ପ୍ରକାଶିତ, ୧୯୪୨ ଓ ୫୪ । ଭାରତର ବିଶିଷ୍ଟ ବିଦ୍ୱାନମାନଙ୍କ ଦ୍ୱାରା ଲିଖିତ ରାଉତରାୟଙ୍କ ରଚନା ଓ ପ୍ରତିଭାର ଇଂରାଜୀ ସମୀକ୍ଷା ପୁସ୍ତକ, ପ୍ରକାଶିତ ୧୯୫୫ ॥

Digitized by srujanika@gmail.com